ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...


ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net



ବାଲେଶ୍ୱର ❑ ଶନିବାର ୨୮ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 March 2026
Vol.No. 36 ■ No.83 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତି ଭିତରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

ନୂଆଦିଲ୍ଲୀ, ୨୭/୩ (ନି.ପ୍ର): ଆମେରିକା-ଇସ୍ରାଏଲ ସହ ଇରାନ ଯୁଦ୍ଧର ୨୮ତମ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଭାସୀ ବୈଠକ କରିଛନ୍ତି। ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟର ପ୍ରଭାବ ସମୀକ୍ଷା କରିବା ଏବଂ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ 'ଟିମ୍ ଇଣ୍ଡିଆ' ଓ 'ସମନ୍ୱିତ ପ୍ରୟାସ' ଭାବନାରେ କାର୍ଯ୍ୟ କରି ପ୍ରସ୍ତୁତି ତ୍ୱରାନ୍ୱିତ କରିବା। ବୈଠକରେ



ମୁଖ୍ୟତଃ ଇନ୍ଧନ ଯୋଗାଣ ଉପରେ ପ୍ରଭାବ ନେଇ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ହର୍ମୁଜ ପ୍ରଣାଳୀରେ ଇରାନ ସୃଷ୍ଟି କରୁଥିବା ବ୍ୟାଘାତ ଯୋଗୁଁ ତୈଳ ଓ ଏଲ୍‌ପିଜି ଯୋଗାଣରେ ସୃଷ୍ଟି ହୋଇଥିବା ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତି ଓ ସମ୍ଭାବ୍ୟ ଅଭାବର ସମାଧାନ ଉପରେ ଆଲୋଚନା ହୋଇଛି। ବିଶ୍ୱ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଦେଶରେ ମୂଲ୍ୟବୃଦ୍ଧିର ସମ୍ଭାବନା ଏବଂ ତାହାକୁ ରୋକିବା ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଯୁଦ୍ଧ ଯୋଗୁଁ ସମଗ୍ର ଯୋଗାଣ ଶୃଙ୍ଖଳ ଉପରେ ପଡୁଥିବା ପ୍ରଭାବ ଏବଂ ତାହାର ସମାଧାନ ପାଇଁ ଯୋଜନା ଉପରେ ଆଲୋଚନା ହୋଇଛି।

## ଯୁଦ୍ଧ ବେଳାରେ ଡରାଇଲାଣି କୋଭିଡର ନୂଆ ଭାରିଆଣ୍ଟ: ଭିନ୍ନ ଦେଶକୁ ବ୍ୟାପିଲାଣି ସଂକ୍ରମଣ

ନୂଆଦିଲ୍ଲୀ, ୨୭/୩ : ଯୁଦ୍ଧକୁ ନେଇ ସାରା ବିଶ୍ୱ ଆତଙ୍କିତ ଥିବା ବେଳେ ଛନକା ବଢ଼ାଇଲା କରୋନାର ନୂଆ ଭାରିଆଣ୍ଟ। ଦେଶକୁ ଦେଶ ବ୍ୟାପିଲାଣି ସଂକ୍ରମଣ। ଆମେରିକା ସମେତ ୨୦ ରୁ ଅଧିକ ଦେଶରେ କୋଭିଡ୍ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଆମେରିକାରେ BA.3.2 ଭାରିଆଣ୍ଟ ଚିହ୍ନଟ ହୋଇଛି। ଗତ କିଛି ମାସ ଧରି ଏହି ଭାରିଆଣ୍ଟର ମାମଲା ନିରନ୍ତର ବୃଦ୍ଧି ପାଉଛି। BA.3.2 ଭାରିଆଣ୍ଟ ଲକ୍ଷଣଗୁଡ଼ିକ ଅନ୍ୟାନ୍ୟ ଓମିକ୍ରୋନ୍ ଉପ-ମ୍ୟୁଟେସନ୍ ସହିତ ପ୍ରାୟତଃ ସମାନ। ପୁଣି ବଳ ଗୋଟାଉଛି କରୋନା ଭାଇରସ୍ । ଦେଶକୁ ଦେଶ ବ୍ୟାପିଲାଣି ସଂକ୍ରମଣ। ପୁଣି ସେବାକୁ ପଡ଼ିବ କି ବୁଷ୍ଟର ଡୋଜ୍ ଆମେରିକାରେ SARS-CoV-2 BA.3.2 ପ୍ରକାରର ଉଙ୦ଓଉ ମାମଲା ରିପୋର୍ଟ ହୋଇଛି। ଗତ କିଛି ମାସ ଧରି ଏହି ଭାରିଆଣ୍ଟର ମାମଲା ନିରନ୍ତର ବୃଦ୍ଧି ପାଉଛି। BA.3.2 ପ୍ରକାରର ସ୍ପାଇକ୍ ପ୍ରୋଟିନ୍ ରେ ପ୍ରାୟ ୭୫ଟି ପରିବର୍ତ୍ତନ ହୋଇଛି। ଏହାର ଅର୍ଥ ହେଉଛି ଏହି ପ୍ରକାରଟି ଦ୍ରୁତ ଗତିରେ ଏହାର ରୂପ ପରିବର୍ତ୍ତନ କରୁଛି, ଯାହା ଫଳରେ ଏହା ପୁଣି ସକ୍ରିୟ ହୋଇଛି। ରିପୋର୍ଟ ଅନୁଯାୟୀ, ଏହି ମ୍ୟୁଟେସନ୍ ପ୍ରଥମେ ନଭେମ୍ବର ୨୦୨୪ରେ ଦକ୍ଷିଣ ଆଫ୍ରିକାରେ ଚିହ୍ନଟ ହୋଇଥିଲା ଏବଂ ବର୍ତ୍ତମାନ ଅନେକ ଦେଶରେ ଚିହ୍ନଟ ହୋଇଛି। BA.3.2 ପ୍ରକାରର ଲକ୍ଷଣଗୁଡ଼ିକ ଅନ୍ୟାନ୍ୟ ଓମିକ୍ରୋନ୍ ଉପ-ମ୍ୟୁଟେସନ୍ ସହିତ ପ୍ରାୟତଃ ସମାନ। ସଂକ୍ରମିତ ବ୍ୟକ୍ତିମାନେ ଜ୍ୱର, କାଶ, ଗଳା ଯନ୍ତ୍ରଣା, ଥକ୍କାପଣ, ମୁଣ୍ଡବିନ୍ଧା, ଶରୀର ଯନ୍ତ୍ରଣା ଏବଂ ନାକରୁ ପାଣି ବାହାରିବା ଭଳି ଲକ୍ଷଣ ଅନୁଭବ କରିପାରନ୍ତି। କିଛି କ୍ଷେତ୍ରରେ, ସ୍ୱାଦ କିମ୍ବା ଗନ୍ଧ ହରାଇବା, ହାଲୁକା ନିଶ୍ୱାସ ନେବାରେ କଷ୍ଟ ଏବଂ ଥଣ୍ଡା ଭଳି ଲକ୍ଷଣ ମଧ୍ୟ ରିପୋର୍ଟ କରାଯାଇଛି। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ଭୟଭୀତ ନହୋଇ ସତର୍କ ରହିବାକୁ ପରାମର୍ଶ ଦେଉଛନ୍ତି । ସେପଟେ ଭାରତରେ କୋଭିଡ୍ ନୂତନ ଭାରିଆଣ୍ଟରର କୌଣସି ମାମଲା ନାହିଁ। ଅଧିକାଂଶ ଲୋକଙ୍କୁ ଟିକା ଦିଆଯାଇଛି। ତେଣୁ, COVIDର ଗୁରୁତର ଲକ୍ଷଣର କୌଣସି ଆଶଙ୍କା ନାହିଁ। ତେଣୁ ଭୟଭୀତ ହେବାର ଆବଶ୍ୟକତା ନାହିଁ। ତଥାପି ଲୋକମାନେ ସତର୍କତା ଆବଶ୍ୟକ। ସେହିପରି ବର୍ତ୍ତମାନ ମାସ୍କ ସମ୍ପର୍କରେ କୌଣସି ବାଧ୍ୟତାମୂଳକ ନିର୍ଦ୍ଦେଶାବଳୀ ନାହିଁ। କିନ୍ତୁ ସର୍ବସାଧାରଣ ସ୍ଥାନ, ହସ୍ପିଟାଲ ଏବଂ ଭିଡ଼ ସ୍ଥାନରେ ଏହାକୁ ପିନ୍ଧିବାରେ କୌଣସି କ୍ଷତି ନାହିଁ।

## ଦେଶବ୍ୟାପୀ ଲକଡାଉନର ପରିସ୍ଥିତି ନାହିଁ : କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୭/୩ : କେନ୍ଦ୍ର ସରକାର ଶୁକ୍ରବାର ଦିନ ଦେଶବ୍ୟାପୀ ଲକଡାଉନର ରିପୋର୍ଟକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟ କରିଛନ୍ତି ଯେ ଏପରି କୌଣସି ପରିସ୍ଥିତି ନାହିଁ ଏବଂ ଏହାକୁ ବିଚାର କରାଯାଉନାହିଁ। ସରକାର ଏହାକୁ ଏକ ଗୁଜବ ବୋଲି କହିଛନ୍ତି ଏବଂ ଜନସାଧାରଣଙ୍କୁ ଭ୍ରମିତ ନ ହେବାକୁ ନିବେଦନ କରିଛନ୍ତି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏକ ଆନ୍ତଃମନ୍ତ୍ରାଳୟ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଲକଡାଉନ ଲାଗୁ କରିବା ପାଇଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସେ ଜୋର ଦେଇ କହିଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ଅଶୋଧିତ ତୈଳ ଗଚ୍ଛିତ ଅଛି ଏବଂ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ। ସେ ବ୍ୟାଖ୍ୟା କରିଛନ୍ତି ଯେ ଗତ କିଛି ଦିନ ମଧ୍ୟରେ ପେଟ୍ରୋଲ ପମ୍ପଗୁଡ଼ିକରେ ଲମ୍ବା ଧାଡ଼ି କୌଣସି ପ୍ରକୃତ ଅଭାବ ଯୋଗୁଁ ନୁହେଁ, ବରଂ ଗୁଜବ ଯୋଗୁଁ ଥିଲା। ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୭୦ ଡଲାର ପ୍ରତି ବ୍ୟାରେଲରୁ ବୃଦ୍ଧି ପାଇ ୧୦୦ ଡଲାର ଉପରେ ପହଂଚିଛି, କିନ୍ତୁ ଏହା ସତ୍ତ୍ୱେ, ଦେଶରେ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇନାହିଁ ଏବଂ ସ୍ଥିର ମୂଲ୍ୟ ବଜାୟ ରଖିବା ପାଇଁ ପ୍ରୟାସ କରାଯାଉଛି।

◆◆ପୃଷ୍ଠା ୭

## କଡ଼ ଲେଉଟାଉଛି ରାଜ୍ୟ ରାଜନୀତି: ନିବିଡ ହେଉଛି ବିଜେଡି-କଂଗ୍ରେସ ସମ୍ପର୍କ

ଭୁବନେଶ୍ୱର, ୨୭/୩ (ନି.ପ୍ର): ପ୍ରାୟ ୩ ଦଶନ୍ଧିର ତିକ୍ତତା, ସାପ ନେଉଳର ସମ୍ପର୍କ । ଜଣଙ୍କର ଛାଇ ପଡିଲେ ଅନ୍ୟ ଜଣଙ୍କର ନାହିଁ ଡିଏଁ । ହେଲେ ଇଏ ପରା ରାଜନୀତି । ସବୁ ନୀତି ଆଦର୍ଶକୁ ସମାଧି ଦେବାର କ୍ଷମତା ରଖିଛି । ଠିକ୍ ଯେମିତି ଏବେ ରାଜ୍ୟରେ ରାଜ୍ୟସଭା ନିର୍ବାଚନ ପରେ ବିଜେଡି-କଂଗ୍ରେସର ସମ୍ପର୍କ ଗଢି ଉଠିଛି । ଶତ୍ରୁ ପାଲଟିଯାଇଛି ଏବେ ପରମମିତ୍ର । ରାଜ୍ୟସଭା





ନିର୍ବାଚନ ପରେ ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟରେ ଥିବା ସମ୍ପର୍କ । ଆଉ ଲୁଚାଛପା କି ଗୁପ୍ତ ବୈଠକରେ ସୀମିତ ନାହାନ୍ତି ଉଭୟ ଦଳ । ଏବେ କଂଗ୍ରେସ ଓ ବିଜେଡିର ଖୁଲମଖୁଲ୍ଲା ସମ୍ପର୍କକୁ ପୁରା ରାଜ୍ୟ ଦେଖୁଛି । ବିଧାନସଭାରେ ଏସ୍‌ସିବି ଅଗ୍ନିକାଣ୍ଡକୁ ନେଇ ଏକମନ, ଏକସ୍ୱରରେ ବିରୋଧ କରୁଛନ୍ତି କଂଗ୍ରେସ ଓ ବିଜେଡି । କେତେବେଳେ କାନ୍ଧକୁ କାନ୍ଧ ମିଳାଇ କୋକେଇ ଉଠାଉଛନ୍ତି ତ ପୁଣି କେତେବେଳେ ସମାନ ପୋଷାକ ପିନ୍ଧି ଶାସକ ଦଳକୁ ଆକ୍ରାମାକ୍ରା କରୁଛନ୍ତି । ଗୃହ ଭିତରେ ଆହୁରି ନିକଟତର ହୋଇଛନ୍ତି ଏହି ଦୁଇ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ । ଏ ବିରଳ ଦୃଶ୍ୟ ହିଁ କହୁଛି, ସତେଯେପରି ଉଭୟ ଦଳ ମଧ୍ୟରେ ସମ୍ପର୍କ ଜନ୍ମଜନ୍ମର । ହେଲେ ଓଡ଼ିଶା ରାଜନୀତିରେ ଏ ସମ୍ପର୍କର ଆବଶ୍ୟକତା କାହିଁକି ପଡ଼ିଲା ? ରାଜ୍ୟସଭା ନିର୍ବାଚନରେ ନୀତି, ନୈତିକତା ଓ ଓଡ଼ିଶାର ସ୍ୱାର୍ଥକୁ ଆଳ କରି ସମ୍ପର୍କ ଗଢିଥିଲେ ନବୀନ ଓ ଭକ୍ତ । ଲାଗୁଥିଲା ଏହି ସମ୍ପର୍କ ବେଶି ଦିନ ତିଷ୍ଠିବନି । କାରଣ ଏହି ସମ୍ପର୍କକୁ ବିରୋଧ କରିଥିଲେ

◆◆ପୃଷ୍ଠା ୭

## ଏପ୍ରିଲରେ ହେବ ମଦ ଦୋକାନ ଲଟେରୀ

ଭୁବନେଶ୍ୱର, ୨୭/୩ (ନି.ପ୍ର): ମଦ ଦୋକାନ ପାଇଁ ଲଟେରୀ ଏପ୍ରିଲରେ ହେବ । ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏହା ହ୍ୱୋକୁ ଯାଉଛି । ଆବଶ୍ୟକ ପଡିଲେ ଇଲେକ୍ଟ୍ରୋନିକ ଲଟେରୀ କରାଯିବ । ସ୍ୱଚ୍ଛ ପ୍ରକ୍ରିୟା ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଯେଉଁ ଦୋକାନ ଗତ ଥର ଲଟେରୀ ପାଇଥିଲେ, ମାର୍ଚ୍ଚ ୩୧ରେ ସେଗୁଡିକର ସମୟସୀମା ସରୁଛି । ତେବେ ସେମାନଙ୍କୁ ଅଧିକ ଦୁଇ ମାସ ମିଳିବ । ୩ ଷ୍ଟାର ହୋଟେଲରେ ବାରର ପ୍ରାବଧନ ଥିବାରୁ, ଅନ ସପ ଅନୁମତି ମିଳିବ। ହେଲେ ନୂଆ ମଦ ଦୋକାନ ଖୋଲିବ ନାହିଁ । ଯେତିକି ଅଫ ସପ ଥିଲା, ସେ ସବୁର ଏମଜିଇଆର ସ୍ଥିର ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ଭୁବନେଶ୍ୱରରେ ଭାରତୀୟ ସ୍ଥଳ ସେନା ମୁଖ୍ୟ

ଭୁବନେଶ୍ୱର, ୨୭/୩ (ନି.ପ୍ର): ଓଡିଶାରେ ଭାରତୀୟ ସ୍ଥଳ ସେନା ମୁଖ୍ୟ । ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିଲେ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ।ଭୁବନେଶ୍ୱରରେ ପହଞ୍ଚିବା ପରେ କଡ଼ା ସୁରକ୍ଷା ବଳୟରେ ୧୨୦ ବାଟାଲିୟନ ଅଭିମୁଖେ ବାହାରିଛନ୍ତି । ବାଟାଲିୟନରେ ରାତ୍ରୀ ରହଣି ଓ ଭୋଜନର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ପୁରୀ, ଗୋପାଳପୁରରେ ହେବାକୁ



ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ପୁରୀ ଯାଇ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବେ । ପରେ ସ୍ୱତନ୍ତ୍ର ବିମାନ ଯୋଗେ ଗୋପାଳପୁର ଯିବେ । ଆର୍ମି ଏୟାର ଡିଫେନ୍ସ କଲେଜ ଯାଇ ସେଠାରେ ସେନା ତାଲିମ ବ୍ୟବସ୍ଥାର ସମୀକ୍ଷା କରିବେ । ସେନା ଅଧିକାରୀ ଓ ପୂର୍ବତନ ସୈନିକଙ୍କ ସହ ଆଲୋଚନା କରିବେ । ଫିଲ୍ଡ ଫାୟାରିଙ୍ଗ ରେଞ୍ଜରେ ଲାଇଫ ଫାୟାରିଙ୍ଗ ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି । ୨୯ରେ ଦିଲ୍ଲୀ ଫେରିଯିବେ ।

## ବନ୍ଧା ହେଲେ ଡହ ମଧ୍ୟମ ଜଳସେଚନ ପ୍ରକଳ୍ପ ଏସ୍‌ଡିଓ ପଞ୍ଚୁ ବେହେରା

ଭଞ୍ଜନଗର/ବ୍ରହ୍ମପୁର, ୨୭/୩ (ନି.ପ୍ର): ଗଞ୍ଜାମଜିଲ୍ଲା ଭଞ୍ଜନଗର ସେଚ ଡିଭିଜନ୍ ଅଧୀନ ଡହ ମଧ୍ୟମ ଜଳସେଚନ ପ୍ରକଳ୍ପ ଏସ୍‌ଡିଓ ପଞ୍ଚୁ ବେହେରା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତକାଲି ସକାଳୁ ତାଙ୍କ ସରକାରୀ କାର୍ଯ୍ୟାଳୟ ଓ ବାସଭବନ ସହ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ହୋଇଥିଲା। ସମାନ ସମୟରେ ୫ଟି ସ୍ଥାନରେ ଛାନ୍‌ଭିନ୍ ହୋଇଥିବା ବେଳେ ପଞ୍ଚୁଙ୍କ କ୍ୱାର୍ଟର୍ସ ଓ ଘରୁ ନଗଦ ୧୮ ଲକ୍ଷ ଟଙ୍କା ସହ ବିପୁଳ ସୁନା, ଜମି କାଗଜପତ୍ର



ଓ ଆର୍ଥିକ ନିବେଶ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭିଜିଲାନ୍ସ ହାତେଇଥିଲା। ଗତକାଲି ଭୋର୍ ୫ଟା ବେଳେ ଭିଜିଲାନ୍ସ ଟିମ୍ ପଞ୍ଚୁଙ୍କ ସରକାରୀ କ୍ୱାର୍ଟର୍ସ ଓ ଚାମ୍ବରରେ ପଶିଥିଲା। ସମାନ ସମୟରେ ବ୍ରହ୍ମପୁର ବସନ୍ତବିହାର ଚତୁର୍ଥ ଗଳିରେ ଥିବା ତାଙ୍କ ଘରେ ବି ଆଉ ଗୋଟିଏ ଟିମ୍ ଚଢ଼ଉ କରିଥିଲା। ଏହାବାଦ୍ ପୋଲସରାର ପୈତୃକ ଘର ଓ ବ୍ରହ୍ମପୁର ବୀମାନଗରରେ ଥିବା ସମ୍ପର୍କୀୟଙ୍କ ଘର ଉପରେ ଛାପା ମାରିଥିଲା। ପଞ୍ଚୁ କ୍ୱାର୍ଟର୍ସରେ ଥିଲା ବେଳେ ବ୍ରହ୍ମପୁର ଘରେ ପତ୍ନୀ ଓ ଅନ୍ୟ ସଦସ୍ୟ ଥିଲେ। ୩ଜଣ ଡିଏସ୍‌ପି ଓ ୭ଜଣ ଇନ୍‌ସ୍ପେକ୍ଟରଙ୍କ ସହ ଅନ୍ୟ ଅଧିକାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଚଢ଼ଉ ବେଳେ ଭଞ୍ଜନଗରରେ ଥିବା ତାଙ୍କ ସରକାରୀ କ୍ୱାର୍ଟର୍ସରୁ ନଗଦ ୩ ଲକ୍ଷ ୭୨

◆◆ପୃଷ୍ଠା ୭

## ପାକିସ୍ତାନର ବେଲୁଚିସ୍ତାନରେ ଭୂକମ୍ପ

ନୂଆଦିଲ୍ଲୀ, ୨୭/୩ : ପାକିସ୍ତାନର ବାଲୋଚିସ୍ତାନର ଝୋବ ଏବଂ ତାହାର ଆଖପାଖ ଅଂଚଳରେ ଗୁରୁବାର ରାତିରେ ହୋଇଥିବା ଭୂକମ୍ପରେ ଲୋକେ ଭୟଭୀତ ହୋଇପଡିଥିଲେ । ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୨ ରେକର୍ଡ ହୋଇଛି। ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ ଏବଂ କୁରାନର ଆୟତ ପଢ଼ିବାକୁ ଲାଗିଥିଲେ। ଭୂକମ୍ପର କାରଣରୁ ଝୋବର କୌଣସି ଅଂଚଳରୁ ଜୀବହାନି କିମ୍ବା ସମ୍ପତ୍ତିହାନିର କୌଣସି ସୂଚନା ମିଳିନାହିଁ। ଦୁନିଆ ନ୍ୟୁଜ୍‌ର ଖବର ଅନୁଯାୟୀ, ଇସ୍ଲାମାବାଦସ୍ଥ ଜାତୀୟ ଭୂକମ୍ପ ନିରୀକ୍ଷଣ କେନ୍ଦ୍ର କହିଛି ଯେ ଭୂକମ୍ପର କେନ୍ଦ୍ର ଝୋବରୁ ୧୧୦ କିଲୋମିଟର ଦକ୍ଷିଣ-ପୂର୍ବ ଦିଗରେ ୧୨ କିଲୋମିଟର ଗଭୀରତାରେ ଥିଲା।

◆◆ପୃଷ୍ଠା ୭

## ଭାରତ ପୁଣି କିଣିବ ଏସ୍-୪୦୦ : ୨.୩୮ ଲକ୍ଷ କୋଟିର ଅସ୍ତ୍ରଶସ୍ତ୍ର କ୍ରୟକୁ ମିଳିଲା ମଞ୍ଜୁରୀ

ନୂଆଦିଲ୍ଲୀ, ୨୭/୩ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶୁକ୍ରବାର ଦିନ ପ୍ରାୟ ୨.୩୮ ଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର, ବିମାନ ଓ ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ବୃହତ ପ୍ରତିରକ୍ଷା ଚୁକ୍ତି ମାଧ୍ୟମରେ ଭାରତୀୟ ବାୟୁସେନା ପାଇଁ ରୁଷରୁ ଅତିରିକ୍ତ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ନୂତନ ମଧ୍ୟମ ପରିବହନ ବିମାନ ଓ ଷ୍ଟ୍ରାଇକ୍ ଡ୍ରୋନ୍ କ୍ରୟ କରାଯିବ । ଏଥିସହିତ ସ୍ଥଳସେନା ପାଇଁ ଧନୁଷ ବନ୍ଧୁକ



ପ୍ରଣାଳୀ ଓ ବାୟୁ ପ୍ରତିରକ୍ଷା ଟ୍ରାକଡ୍ ସିଷ୍ଟମ୍ ଏବଂ ତଟରକ୍ଷୀ ବାହିନୀ ପାଇଁ ଶକ୍ତିଶାଳୀ ଏୟାର କୁଶନ ଯାନ ସାମିଲ କରିବା ପାଇଁ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଛି, ଯାହା ଦେଶର ସାମରିକ ସାମର୍ଥ୍ୟକୁ ବିଶ୍ୱସ୍ତରରେ ଆହୁରି ସୁଦୃଢ଼ କରିବ । ଭାରତୀୟ ବାୟୁସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ରୁଷରୁ ଅତିରିକ୍ତ ଏସ୍-୪୦୦ ସହିତ ଦୂରଗାମୀ ଷ୍ଟେଲଥ୍ ଡ୍ରୋନ୍ କ୍ରୟ କରାଯାଉଛି। ଏହି ଡ୍ରୋନଗୁଡ଼ିକ ଶତ୍ରୁ ଶିବିରରେ ପଶି ଗୁପ୍ତଚର ତଥ୍ୟ ସଂଗ୍ରହ କରିବା ସହ ଆକ୍ରମଣ କରିବାରେ ସକ୍ଷମ । ସେହିପରି ବାୟୁସେନାରେ ଥିବା ପୁରୁଣା ଏନ୍-୩୨ ଏବଂ ଆଇଏଲ୍-୭୬ ପରିବହନ ବିମାନ ବଦଳରେ ନୂଆ ମଧ୍ୟମ ପରିବହନ ବିମାନ ସାମିଲ ହେବ, ଯାହା ସୈନ୍ୟ ଓ ଯୁଦ୍ଧ ସରଞ୍ଜାମ ପରିବହନକୁ ଅଧିକ ଦ୍ରୁତ କରିବ।

◆◆ପୃଷ୍ଠା ୭

## ରାପରରୁ ନେପାଳର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ: ଶପଥ ନେଲେ ବାଲେନ ଶାହ

ନୂଆଦିଲ୍ଲୀ, ୨୭/୩ : ରାପରରୁ ରାଜନେତା ବନିଥିବା ବଲେନ୍ଦର ଶାହ ଓରଫ ବାଲେନ ନୂଆ ରେକର୍ଡ କରିଛନ୍ତି। ସେ ନେପାଳର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଗୁରୁବାର ୩୫ ବର୍ଷୀୟ ବାଲେନ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସପି)ର ସଂସଦୀୟ ଦଳ ନେତା ଭାବେ ନିର୍ବାଚିତ ହୋଇଥିଲେ। ଆଜି ସେ ବିଧିବଦ୍ଧ ଭାବେ ନେପାଳୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଆରଏସପିର କେନ୍ଦ୍ରୀୟ କମିଟି ବାଲେନଙ୍କୁ ସଂସଦୀୟ ଦଳର ନେତା ଭାବେ ନିର୍ବାଚିତ କରିଥିବା ବେଳେ ତାଙ୍କୁ ନିଜର ନୂଆ କ୍ୟାବିନେଟ ଗଠନ କରିବାକୁ ମଧ୍ୟ ସମସ୍ତ କ୍ଷମତା ଦେଇଛି। ଆଜି ବାଲେନ ପ୍ରଧାନମନ୍ତ୍ରୀ



ଭାବେ ଶପଥ ପାଠ କରିଥିବା ବେଳେ ସନ୍ଧ୍ୟାରେ ସେ ନୂଆ କ୍ୟାବିନେଟ ସମ୍ପର୍କରେ ଘୋଷଣା କରିବେ। ଚଳିତ ମାସରେ ହୋଇଥିବା ନେପାଳ ସଂସଦୀୟ ନିର୍ବାଚନରେ ବାଲେନଙ୍କ ନେତୃତ୍ୱରେ ଆରଏସ୍‌ପି ଦମଦାର ପ୍ରଦର୍ଶନ କରିଥିଲା। ୨୭୫ଟି ସଂସଦୀୟ ଆସନରୁ ଆରଏସ୍‌ପି ୧୮୨ଟିରେ ଜିତିଛି। ନେପାଳର ସମସ୍ତ ପାରମ୍ପରିକ ରାଜନୀତିକ ଦଳକୁ ପଛରେ ପକାଇ ଜେନ ଜେଡ ଚେହେରା ଭାବେ ପରିଚିତ ବାଲେନ ଶାହଙ୍କ ଦଳ ଦେଶବାସୀଙ୍କ ବିଶ୍ୱାସ ହାସଲ କରିପାରିଛି।

# ବ୍ରହ୍ମପୁରଠାରେ ଲୋକ ଅଧିକାର ଯାତ୍ରାର ଅଭିଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ, ୨୭/୩ (ନି.ପ୍ର): ଦେଶୀ ବିଦେଶୀ କର୍ପୋରେଟ୍ କମ୍ପାନୀମାନଙ୍କ ସ୍ୱାର୍ଥରେ ରାଜ୍ୟରେ ବର୍ତମାନର ଡବଲ ଇଞ୍ଜିନ ସରକାର ଦ୍ୱାରା ବିକାଶ ନାଁରେ ଲୋକଙ୍କ ଜମି, ଜଙ୍ଗଲ, ନଦୀ ଓ ପ୍ରାକୃତିକ ସମ୍ପଦ ଉପରେ ଜୋରଦାର ଆକ୍ରମଣ ଚାଲିଛି । ଉପରୋକ୍ତ ଆକ୍ରମଣ ଫଳରେ କ୍ଷତିଗ୍ରସ୍ତ ହେଉଥିବା ସାଧାରଣ ମଣିଷ ବିଶେଷ କରି ଆଦିବାସୀ ଓ ଚାଷୀମାନେ ନିଜର ଜୀବନ ଜୀବିକା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଲଢେଇ କରୁଛନ୍ତି । କିନ୍ତୁ ପରିତାପର ବିଷୟ ଜଣେ ଆଦିବାସୀଙ୍କ ନେତୃତ୍ୱରେ ଚାଲିଥିବା ସରକାର କମ୍ପାନୀଙ୍କ ବୋଲକରା ହୋଇ ସେମାନଙ୍କ ଉପରେ ଅନେକ ମିଛ କେଶ ଓ ମନଇଛା ଗିରଫଦାରୀ କରି ସ୍ଥାନୀୟ ପୋଲିସ ଭୟଙ୍କର ଦମନ କରିବାରେ ଲାଗିଛି । ଏଭଳି ପରିସ୍ଥିତିରେ ସରକାରଙ୍କ କର୍ପୋରେଟ୍ କମ୍ପାନୀ ସପକ୍ଷବାଦୀ ଜନ ବିରୋଧୀ ବିକାଶ ନୀତି ସମ୍ପର୍କରେ ରାଜ୍ୟବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବାକୁ ତଥା ବଳପୂର୍ବକ ଜମି ଅଧିଗ୍ରହଣ ତଥା ଦମନ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରିବାକୁ ଲୋକ ଶକ୍ତି ଅଭିଯାନ, ଏନଏପିଏମ୍ ଓ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ପକ୍ଷରୁ ମିଳିତ ଭାବେ ଏକ ରାଜ୍ୟସ୍ତରୀୟ ବସଯାତ୍ରା ଆରମ୍ଭ ହୋଇଛି । ଗତ ଫେବୃଆରୀ ୨୫ ତାରିଖରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମସ୍ଥାନ ସ୍ଥାନ ସତ୍ୟଭମାପୁର ଠାରୁ ଏହି ୨୦ ଜଣିଆ ପଦଯାତ୍ରା ବାହାରି ସାରା ରାଜ୍ୟ ପରିକ୍ରମା କରି ଆସନ୍ତା ୨୩ ତାରିଖ ଦିନ ଶହୀଦ ଭଗତ ସିଂଙ୍କ ଶହୀଦ ଦିବସ ଅବସରରେ ଭୁବନେଶ୍ୱର ଠାରେ ପହଂଚିବ । ଇତି ମଧ୍ୟରେ ଗତ ୧୭ ଦିନ ମଧ୍ୟରେ ଏହି ଯାତ୍ରା ରାଜ୍ୟର ୧୮ଟି ଜିଲ୍ଲା ପରିକ୍ରମା କରି ସାରିଛନ୍ତି ।ଲୋକ ସମ୍ପର୍କ ଯାତ୍ରା କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଠାରୁ ବାହାରି ଗଞ୍ଜାମର ସୋରଡ଼ା, ଆସିକା ଆଦି ଅଂଚଳ ପରିକ୍ରମା କରି ବ୍ରହ୍ମପୁର ଠାରେ ପହଂଚିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟିର କର୍ମକର୍ତାମାନେ ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ଥାନୀୟ ସଂକଳ୍ପ ସ୍କୁଲ ଠାରେ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଲେଖିକା ଡଃ. ବିଧୂପ୍ରଭା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଋଷିକୂଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ଅନ୍ୟତମ ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ପଶ୍ଚିମ ଓଡିଶାର ବରିଷ୍ଠ କୃଷକ ନେତା ଲିଙ୍ଗରାଜ, ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଏନଏପିଏମର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଆଦିବାସୀ ନେତା ନାଚିକା ଲିଙ୍ଗା, ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ ନନ୍ଦେଶୁ ସେନାପତି, ଏଆଇକେକେଏସର ନେତା ସମ୍ପାଦକ ଶଙ୍କର ଇନକିଲାବ୍, ଏଆଇଡିଏସଓର ରାଜ୍ୟନେତା ସୋମନାଥ ବେହେରା, ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସିମାଚଂଳ ନାହାକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ବିକାଶ ନୀତିର ନିନ୍ଦା କରିଥିଲେ । ବକ୍ତାମାନେ ଘରୋଇ କମ୍ପାନୀଙ୍କୁ ପାଣି ଯୋଗାଇ ଦେବା ପାଇଁ ପିପଳପଙ୍କା ଠାରେ ଋଷିକୁଲ୍ୟା ନଦୀର ଉପରମୁଣ୍ଡରେ ଯେଉଁ ଡେମ୍ କରିବାକୁ ଯାଉଛନ୍ତି, ତାରି ଫଳରେ ନଦୀ ସମ୍ପୂର୍ଣ୍ଣ ମରିଯିବା ସହ ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ପିଇବା ପାଣି ଓ ଜଳସେଚନ ବ୍ୟବସ୍ଥା ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେବ ବୋଲି କହିଥିଲେ । ଦକ୍ଷିଣ ଓଡିଶାର ବକ୍ସାଇଟକୁ ଖଣି ଖୋଳି ତା'କୁ ଆଲୁମିନିୟମରେ ରୂପାନ୍ତରିତ କରି ଗୋପାଳପୁର ବନ୍ଦର ଦେଇ ବିଦେଶକୁ ରପ୍ତାନୀ କରିବା ପାଇଁ ସରକାର ଗୋପାଳପୁର - ଜୟପୁର ମଧ୍ୟରେ ଏକ ୨୮୫ କି.ମି. ଦୀର୍ଘ ଓ ଏକ କି.ମି. ଚଉଡାର ଯେଉଁ ଅର୍ଥନୈତିକ କରିଡର ନିର୍ମାଣ କରିବାକୁ ଯାଉଛନ୍ତି, ତା'ରି ଫଳରେ ଦକ୍ଷିଣ ଓଡିଶାର ବ୍ୟାପକ ପରିମାଣରେ ଜଙ୍ଗଲ, ପାହାଡ, ଜଳ ଉତ୍ସ ସହ ହଜାର ହଜାର ଚାଷୀ ଓ ଆଦିବାସୀଙ୍କ ଚଳନ୍ତି ଜୀବିକାକୁ ଧ୍ୱଂସ କରିବାକୁ ଯାଉଛି । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ବୃନ୍ଦାବନ ଖଟେଇ, ବରିଷ୍ଠ ସାମ୍ବାଦିକ ରବି ରଥ, ଆଇଏଫଟିୟୁର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ରାଜେନ୍ଦ୍ର ପଣ୍ଡା, ଅଧ୍ୟାପକ ଲୋକନାଥ ପରିଡା, ଶିକ୍ଷକ ନେତା କାମରାଜୁ ମହାରଣା, ଅଶୋକ ଦଳାଇ, ଲକ୍ଷ୍ମୀନୃସିଂହ ରଥ, ବିଘ୍ନେଶ୍ୱର ସାହୁ, ପପୁନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ଅଳକନାଥ ମିଶ୍ର, ଏ ସଞ୍ଜୀବ କୁମାର ରେଡ୍ଡୀ ପ୍ରମୁଖ ସ୍ଥାନୀୟ ନେତା ଓ ଆଦିବାସୀ ନେତା କୁଶନାଥ ପ୍ରଧାନ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଗଣ ସଙ୍ଗୀତ ଗାୟକ ରାଜକିଶୋର ଦୁଲହାରୀ, ଲକ୍ଷ୍ମଣ ନାୟକ ପ୍ରମୁଖ ବିପ୍ଳବୀ ସଙ୍ଗୀତ ଗାନ କରିଥିଲେ । ଶେଷରେ ଯୁବନେତା ଆଦିତ୍ୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲିଟିଲ୍ ଷ୍ଟାର ପବ୍ଲିକ ସ୍କୁଲରେ ୧୩ ତମ ବାର୍ଷିକ ଉତ୍ସବ

ନୂଆପଡ଼ା, ୨୭/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ ଲିଟିଲ୍ ଷ୍ଟାର ପବ୍ଲିକ ସ୍କୁଲର ୧୩ ତମ ବାର୍ଷିକ ଉତ୍ସବ ଧୁମଧାମରେ ଆଜି ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏକ ଭବ୍ୟ ସଭା କାର୍ଯ୍ୟ ଆୟୋଜନ ହୋଇଥିଲା । ଉକ୍ତ ସଭାରେ ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମାଁ ହିଁ ଜଣେ ଶିଶୁର ସର୍ବାଙ୍ଗୀନ ବିକାଶ କରିପାରିବ ବିଲି କହି ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ସହାୟତା କରିବା ପାଇଁ ତାଙ୍କ ଅଭିଭାଷଣରେ କହିଥିଲେ । ଖଡିଆଳ ନଗରପଳ ଉଜ୍ଜ୍ୱଳ ଗୁପ୍ତା ବିଶିଷ୍ଟ ଅତିଥି ଭାବରେ ମଞ୍ଚାସିନ ରହିଥିବା ବେଳେ ଅନ୍ୟତମ ଅତିଥି ଭାବରେ ଖଡିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି , ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ୟାସିନ ମହାଦ, ଖଡିଆଳ ସାଂସ୍କୃତିକ ଅନୁଷ୍ଠାନର ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ପଟ୍ଟନାୟକ, ବିଦ୍ୟାଳୟର ଅଧ୍ୟକ୍ଷା ସୁଦିକ୍ଷିତା ଦାସ ଓ ମୁଖ୍ୟବକ୍ତା ଭାବରେ ବଲାଙ୍ଗୀର ଟିଳ୍‌ଟିଳ୍‌ର ରାଜମଣି ସାହୁ ସମୂହ ମଞ୍ଚାସିନ ଥିଲେ । ସମସ୍ତେ ନିଜ ନିଜ ଅଭିଭାଷଣରେ ସଜାଗ ଓ ସଚେତନତାର ସହିତ ପାଠ ପଢ଼ିବାକୁ ଓ ଅଭିଭାବକ ମାନଙ୍କୁ ଶିଶୁକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ କହିଥିଲେ । ଶ୍ରୀସାହୁ ମା ମାନଙ୍କୁ ଅଗ୍ରାଧିକାର ଦେଇ ବହୁ ସୁନ୍ଦର ସୁନ୍ଦର କଥା ସବୁ କହି ଦର୍ଶକ ଓ ଅଭିଭାବକଙ୍କ ମନ ମୋହିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସିପିଆଇ ବତାସନା ଶାଖା ବୈଠକ

ଜୟପୁର, ୨୭/୩ (ନି.ପ୍ର): ଆଜି ସିପିଆଇ କୋଟପାଡ଼ ଜୋନ ର ବତାସନା ଶାଖାର ବୈଠକ କୁରୁମନାଥ ଭତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭା ରେ ଶାଖା ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ସୁର ବତାସନା ଗ୍ରାମ ପଂଚାୟତର ବିସ୍ତିର୍ଣ୍ଣ ଅଂଚଳରେ ଥିବା ସରକାରୀ ଜମିକୁ ସରକାର ଙ୍କ ଦ୍ୱାରା ଥଇଥାନ ହୋଇଥିବା ଲୋକ ମାନେ ଅକ୍ତିଆର କରି ରଖିଛନ୍ତି । ଯଦିଓ ସେମାନଙ୍କୁ ସରକାର ଜମି ଦେଇଛନ୍ତି ତଥାପି ଗ୍ରାମ ପଂଚାୟତ ର ଜମି ଜବରଦଖଲ କରି ରଖିଛନ୍ତି । ଜବରଦଖଲକାରି ମାନଙ୍କୁ ହଟେଇବା ପାଇଁ ବାରମ୍ୱାର ଦାବି କଲେ ମଧ କୋଟପାଡ଼ ତହସିଲଦାର କୌଣସି ପଦକ୍ଷେପ ନେଉନାହାଁନ୍ତି । ଜିଲ୍ଲା ସିପିଆଇର ବରିଷ୍ଠ ନେତା ଯୁଧିଷ୍ଠିର ରାଉଳ ଆହ୍ୱାନ ଦେଇଥିଲେ ଯେ ଏହି ଦାବି ସହିତ ଗ୍ରାମର ଅନେକ ଅସୁବିଧା ଏବଂ ଜନଦବୀ ନେଇ ଆସନ୍ତା ଏପ୍ରିଲ ୨ (ଦୁଇ ) ତାରିଖ ରେ ଜୟପୁର ସବକଲେକ୍ଟର ଅଫିସ ସମ୍ମୁଖରେ ଧାରଣା ବିକ୍ଷୋଭ କରି ସରକାରୀ ଜମି ଜବର ଦଖଲ ହଟେଇବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଦାବି ପତ୍ର ପ୍ରଦାନ କରାଯିବ ।

# ଆରୁହା ଗ୍ରାମରେ ପଞ୍ଚଗ୍ରାମ ସମ୍ମିଳିତ ମଧୁ ବାସନ୍ତୀ ଦୁର୍ଗୋତ୍ସବ ୭୫ ବର୍ଷରେ ପଦାର୍ପଣ: ଅଷ୍ଟମୀ ପୂଜାରେ ଆତସବାଜି ସହିତ ସାଂସ୍କୃତିକ ମଞ୍ଚ

ଜଳେଶ୍ୱର, ୨୭/୩ (ନି.ପ୍ର): ଐତିହ୍ୟ,ପରମ୍ପରା ଏବଂ ଭକ୍ତିର ଅପୂର୍ବ ସମନ୍ୱୟରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚଗ୍ରାମରେ ମଧୁ ବାସନ୍ତୀ ଦୁର୍ଗାପୂଜା ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହେଉଛି । ୧୯୫୨ ମସିହାରୁ ଆରମ୍ଭ ହୋଇଥିବା ଏହି 'ପଞ୍ଚଗ୍ରାମ ସମ୍ମିଳିତ ମଧୁ ବାସନ୍ତୀ ଦୁର୍ଗୋତ୍ସବ' ଚଳିତ ବର୍ଷ ନିଜର ୭୫ତମ ବର୍ଷରେ ପଦାର୍ପଣ କରିଛି । ଆରୁହା, ଶାଳୀକୋଠା, ନିମପୁର, ଚକର୍ଜୁନୀ ଓ ମହିସାମୁଣ୍ଡା ଏହି ପାଞ୍ଚଟି ମୌଜାର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ପୂଜା ସପ୍ତମୀ ଦିନଠାରୁ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି । ଆରୁହା ଗ୍ରାମର ଶ୍ରୀ ଶ୍ରୀ ଇଶାଣେଶ୍ୱର ମହାଦେବ ମନ୍ଦିର ନିକଟସ୍ଥ ଅମୁହାଁ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ମୃଦଙ୍ଗ,ଶଙ୍ଖ ଏବଂ ବିଭିନ୍ନ ବାଦ୍ୟଯନ୍ତ୍ର ସହ



ଶୋଭାଯାତ୍ରାରେ ମା'ଙ୍କୁ ମନ୍ଦିରକୁ ଆବାହନ କରାଯାଇଥିଲା । ସପ୍ତମୀରେ ମା'ଙ୍କ ଚକ୍ଷୁ ଦାନ ଓ ଭଜନ ସନ୍ଧ୍ୟା ପରେ,ଅଷ୍ଟମୀ ତିଥିରେ ମନ୍ତ୍ରଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା ।ଅଷ୍ଟମୀ ପୂଜା ଅବସରରେ ପଶ୍ଚିମବଙ୍ଗ ରାଜ୍ୟ ପୂର୍ବ ମେଦିନୀପୁର ଜିଲ୍ଲା ଗଣେଶ୍ୱରପୁର ଗ୍ରାମର ପ୍ରସିଦ୍ଧ ଶିଳ୍ପୀ ଖୁକନ ଚନ୍ଦ୍ର ଜେନାଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ କରାଯାଇଥିଲା । ଏହା ସହିତ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା ।ସୌରବ ଦାସ ମହାପାତ୍ର ଓ ସ୍ତୁତିଦର୍ଶନ ପ୍ରଧାନଙ୍କ ଦ୍ୱାରା ନିର୍ମିତ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଛି । ?ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ତରଣୀ କୁମାର ଭୂୟାଁ,ସମ୍ପାଦକ ଲମ୍ବୋଧର ପାଳ,କୋଷାଧକ୍ଷ ମନ୍ମଥ ଦାସ,ଗ୍ରାମ ମୁଖ୍ୟ ଦେବ କୁମାର ନନ୍ଦୀ, ଉପ ସଭାପତି ରାମକୃଷ୍ଣ ଭୂୟାଁ,ଜନ୍ମଜୟ ପ୍ରଧାନ,ବ୍ରଜେଶ୍ୱର ରାଉଳ,ଅକ୍ଷୟ କୁମାର ବେହେରା,ହରନାରାୟଣ ଦାସ ମହାପାତ୍ର,ପ୍ରଫୁଲ୍ଲ କୁମାର ବେହେରା, ସାମ୍ବାଦିକ ମନୋଜ କୁମାର ଭୂୟାଁ,ରବୀନ୍ଦ୍ର ବେହେରା, ପ୍ରବୋଧ କୁମାର ଭୂୟାଁ,ବରେନ୍ଦ୍ର ବେହେରା, ପୂର୍ଣେନ୍ଦୁ ସାମଲ, କ୍ଷୀତିଶ ପାତ୍ର,ବସନ୍ତ ମହାପାତ୍ର, ମଦନମୋହନ ସାମଲ, ଦେବେନ୍ଦ୍ର ବେହେରା, ଦୀପକ ଦାସ ମହାପାତ୍ର, ହିମାଂଶୁ ଭୂୟାଁ,ହରିଶ୍ଚନ୍ଦ୍ର ଭୂୟାଁ, ଭଗିରଥ ଦେ,ଶୁଶାନ୍ତ କୁମାର ମହାନ୍ତି, ଚକ୍ରଧର ବେହେରା, ଗୋପୀକୃଷ୍ଣ ଦାସ,ଶାନ୍ତନୁ ବେହେରା,ପବିତ୍ର ପତି, ଦୀପକ କୁମାର ଜେନା,ରାଧା ବିନୋଦ ଦାସ, ଶୁଶାନ୍ତ କୁମାର ବେହେରା, ଦେବବ୍ରତ ବେହେରା, ଶୁଭାଶିଷ ଦାସ,ଅମୂଲ୍ୟ ଭୂୟାଁ, ଦିଲ୍ଲୀପ ବେହେରା, ଦୀନକୃଷ୍ଣ ଦାସ,ପ୍ରମୁଖ ଗ୍ରାମବାସୀ ସହିତ ଯୁବକ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହିତ ସୂଚାରୁ ରୁପେ ପରିଚାଳନା କରିଥିଲେ ।

# ଶିକ୍ଷା ବ୍ୟବସ୍ଥା ସ୍ୱଦେଶୀ ଅଭିମୁଖୀ ହେବା ଦରକାର: ଧର୍ମେନ୍ଦ୍ର ପ୍ରଧାନ

ମହୀଶୂର, ୨୭/୩ (ନି.ପ୍ର):ଆମ ଶିକ୍ଷା ବ୍ୟବସ୍ଥା ଅଧିକ ସ୍ୱଦେଶୀ ଅଭିମୁଖୀ ହେବା ଆବଶ୍ୟକ । ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଜଣେ ସାମଗ୍ରିକ ମାନବର ନିର୍ମାଣ କରିବା, ଯିଏ ନିଜର ସାଂସ୍କୃତିକ ମୂଲ୍ୟବୋଧ ସହ ଯୋଡ଼ି ହୋଇ ରହିବ ଏବଂ ରାଷ୍ଟ୍ର ପ୍ରତି ନିଜର ଉତ୍ତରଦାୟିତ୍ୱ ନିର୍ବାହ କରିବ ବୋଲି ଆଜି କର୍ଣ୍ଣାଟକର ମହୀଶୂର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଗସ୍ତକାଳରେ ମନ୍ତ୍ରୀ ଶ୍ରୀ ପ୍ରଧାନ କର୍ଣ୍ଣାଟକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ 'ପ୍ରଜ୍ଞା ପ୍ରବାହ' ଏବଂ 'ଏସପିଏମଆର ଫାଉଣ୍ଡେସନ' ଦ୍ୱାରା ଆୟୋଜିତ 'ଏକାତ୍ମ ମାନବ ଦର୍ଶନ' ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ଭାରତୀୟ ଜ୍ଞାନ ପରମ୍ପରା ଏବଂ ଶ୍ରଦ୍ଧେୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରଧାରା ଉପରେ ଆଲୋକପାତ କରିଥିଲେ । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ 'ଏକାତ୍ମ




ମାନବବାଦ' କେବଳ ଏକ ବିଚାର ନୁହେଁ, ବରଂ ଏହା ଆମ ରାଷ୍ଟ୍ର ଜୀବନର ଏକ ସ୍ଥାୟୀ ଦର୍ଶନ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତିର ପ୍ରଭାବଶାଳୀ ରୂପାୟନ ମାଧ୍ୟମରେ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ସହ ବିଦେଶରେ ଭାରତୀୟ କ୍ୟାମ୍ପସ ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଥିଲେ । କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ (ସିଆଇଆଇଏଲ) ପରିଦର୍ଶନ କରି ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦ୍ ?ଘାଟନ କରିବା ସହ ୨୨ଟି ଅନୁସୂଚିତ ଭାଷା ବ୍ୟତୀତ ଭାରତର ସମସ୍ତ ଆଞ୍ଚଳିକ ଭାଷା ଓ ଜ୍ଞାନ କୌଶଳକୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ସେହିପରି ସିଆଇଆଇଏଲର ପ୍ରତିନିଧି ଦଳଙ୍କ ସହ ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଭାଷାଭିତ୍ତିକ ଢାଞ୍ଚା ଓ ଜ୍ଞାନ ପ୍ରଣାଳୀର 'ଡିକୋଲୋ ନାଇଜେସନ୍' ବା ଗୋଲାମି ମାନସିକତାରୁ ମୁକ୍ତ କରିବା ଉପରେ ଜୋର ଦେଇଥିଲେ । ନ୍ୟାସନାଲ ବୁକ୍ ଟ୍ରଷ୍ଟ (ଏନବିଟି) ଭଳି ସଂସ୍ଥା ମାଧ୍ୟମରେ ସ୍ଥାନୀୟ ଭାଷାରେ ବିଷୟବସ୍ତୁ ପ୍ରସାର କରିବାକୁ ସେ ପରାମର୍ଶ ଦେଇଛନ୍ତି । ଶିକ୍ଷା ମନ୍ତ୍ରୀ ତାଙ୍କ ଗସ୍ତ କାଳରେ ଜଗଦଗୁରୁ ଶ୍ରୀ ଶିବରାତ୍ରୀ ଦେଶିକେନ୍ଦ୍ର ମହାସ୍ୱାମୀଜୀଙ୍କୁ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଗ୍ରାମୀଣ ବିକାଶ ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରସାର କ୍ଷେତ୍ରରେ ମହାସ୍ୱାମୀଜୀଙ୍କ ଅବଦାନକୁ ସେ ରାଷ୍ଟ୍ର ନିର୍ମାଣର ଏକ ପ୍ରେରଣାଦାୟୀ ଦିଗ ବୋଲି ବର୍ଣ୍ଣନା କରିଛନ୍ତି ।

# ପେନସନ ଭୋଗୀଙ୍କ ଦାବିପତ୍ର ପ୍ରଦାନ

ବଲାଙ୍ଗୀର, ୨୭/୩ (ନି.ପ୍ର): ଅଷ୍ଟମ ବେତନ କମିଶନ ପେନସନ ଭୋଗୀଙ୍କ ପେନସନ ଉପରେ ତାରତମ୍ୟ ରଖୁଥିବାର ଜଣାଯିବାରୁ ଅଖିଳ ଭାରତୀୟ ପେନସନ ଭୋଗୀ ସଂଘ ତରଫରୁ ଦେଶ ସାରା ଦାବି ପତ୍ର ଦିଆଯାଉଅଛି । ଏହି କ୍ରମରେ ଅଖିଳ ଓଡିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ଓ ବଲାଙ୍ଗିର ଜିଲ୍ଲା ପେନସନ ଭୋଗୀ ସଂଘ ତଥା ତୁଷୁରା ଶିକ୍ଷକ କର୍ମଚାରୀ ସଂଘ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ବଲାଙ୍ଗିର ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ପାଇଁ ସର୍ବଶ୍ରୀ ପୁରନ୍ଦର ଦାଶ, ସୁଧାଂଶୁ ଶେଖର ବାବୁ, ଛାୟାକାନ୍ତ ସାହୁ, ଶେଷଦେବ ପଟ୍ଟନାୟକ, ରାମଚନ୍ଦ୍ର ପ୍ରଧାନ ଇତ୍ୟାଦି ପେନସନ ଭୋଗୀ ଅତିରିକ୍ତ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ଦାବିପତ୍ର ପ୍ରଦାନ କଲେ ।

# ସେଲ ଆରଏସପିର ଶିଳ୍ପାଞ୍ଚଳ ବସ୍ତି ଅଞ୍ଚଳରେ ସ୍ୱଚ୍ଛତା ପାକ୍ଷିକ ପାଳନ

ରାଉରକେଲା, ୨୬/୩ (ନି.ପ୍ର): ସେଲ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ଅଧୀନରେ ଚଳିତ ସ୍ୱଚ୍ଛତା ପାକ୍ଷିକ ପାଳନ ଅବସର ରେ, ମାର୍ଚ୍ଚ ୨୨ ତାରିଖ ଦିନ ଶିଳ୍ପ ଟାଉନସିପ୍ ଅନ୍ତର୍ଗତ ସେକ୍ଟର-୧୬ ଜଗନ୍ନାଥପାଲି ବସ୍ତିରେ ଏକ ବିଶାଳ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା । ଏହି ଅଭିଯାନର ନେତୃତ୍ୱ ସିଜିଏମ୍ (ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି) ଶ୍ରୀ ବି କେ ଜୋଜୋ, ଏବଂ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ଅଞ୍ଚଳ ଏବଂ ଚାରିପାଖରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଜିଏମ୍ (ଟିଇ-ପିଏଚ) ଶ୍ରୀ ହର ପଟ୍ଟନାୟକ, ଡେପୁଟି ଚିଫ୍ ମେଡିକାଲ୍ ଅଫିସର (ଟିଇ-ପିଏଚ) ଡକ୍ଟର ଦୀପା ଲାଭାଙ୍ଗରେ, ଏବଂ ପ୍ଲାଣ୍ଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଆରଏସପି ର ସ୍ୱଚ୍ଛତା ସ୍ୱାଭିମାନ ଯୋଜନା ଅଧୀନରେ ପଞ୍ଜିକୃତ ସ୍ୱଚ୍ଛତା ଗୋଷ୍ଠୀ - ଯଥା ସଙ୍ଗୀତା ଲାକ୍ରା ଏବଂ ସବିନା ମହାନ୍ତଙ୍କ ନେତୃତ୍ୱରେ ସ୍ୱଚ୍ଛତା ଗୋଷ୍ଠୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଫେଡେରେସନ ସ୍ୱଚ୍ଛତା ଗୋଷ୍ଠୀ - ବସ୍ତି ଅଞ୍ଚଳ ଏବଂ ଏହାର ଆଖପାଖ ସଫା କରିବାରେ ନେତୃତ୍ୱ ନେଇଥିଲେ । ପ୍ରାୟ ୫୦ ଜଣ ଉତ୍ସାହୀ ଅଂଶଗ୍ରହଣକାରୀ ଏହି ଅଭିଯାନରେ ସାମିଲ ହୋଇ ରାସ୍ତା ସଫା, ଅଳିଆ ନିଷ୍କାସନ ଏବଂ ପ୍ଲାଷ୍ଟିକ୍ ଅଳିଆ ସଂଗ୍ରହ କରିଥିଲେ, ଯାହାଦ୍ୱାରା ଅଞ୍ଚଳକୁ ପରିମଳ କରି ସ୍ୱଚ୍ଛତା ଏବଂ ନାଗରିକ ଦାୟିତ୍ୱର ବାର୍ତ୍ତା ପ୍ରସାର କରାଯାଇଥିଲା ।

ଏଥିରେ ପଞ୍ଚତତ୍ତ୍ୱ ଗ୍ରୁପ୍ ଦ୍ୱାରା ମଞ୍ଚସ୍ଥ ନୁକ୍କଡ଼ ନାଟକ ସଚେତନତା ଅଭିଯାନରେ ଏକ ସୃଜନଶୀଳ ଦିଗ ଥିଲା । ଯାହା ସ୍ଥାନୀୟ ବାସିନ୍ଦାଙ୍କ ଦୃଷ୍ଟି ଆକର୍ଷଣ କରି ଅଳିଆ ନିଷ୍କାସନର ଗୁରୁତ୍ୱକୁ ପ୍ରଭାବଶାଳୀ ଭାବରେ ଆଲୋକିତ କରିଥିଲା ।

ଏହି କାର୍ଯ୍ୟକ୍ରମକୁ ଏସିଷ୍ଟାଣ୍ଟ ମେନେଜର (ଟିଇ-ପିଏଚ) ଶ୍ରୀ ଆର ପ୍ରଧାନଙ୍କ ସଂଯୋଜନା କରିଥିବା ବେଳେ ଏହିପରି ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ, ସେଲ, ରାଉରକେଲା ଇସ୍ପାତ କାରଖାନା ସ୍ୱଚ୍ଛ ଭାରତର ପ୍ରକୃତ ଆତ୍ମାକୁ ପ୍ରତିଫଳିତ କରି ସାମୁଦାୟିକ ଅଂଶଗ୍ରହଣକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଜାରି ରଖିଛି ।

# ପଡ଼ିଆବହାଲ ଆରୋଗ୍ୟ ମନ୍ଦିରରେ ଡାକ୍ତର ପଦବୀ ପୂରଣ ଓ ଡିପି ପଏଣ୍ଟ ପୁନଃ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ସମ୍ବଲପୁର, ୨୭/୩ (ନି.ପ୍ର): ସମ୍ବଲପୁର ପଡିଆବାହାଲ ଆରୋଗ୍ୟ ମନ୍ଦିରରେ ଗତ ୨ ମାସ ଧରି ଡାକ୍ତର ନାହାନ୍ତି । ଉଚ୍ଚ ଶିକ୍ଷା ପାଇଁ ଦାୟିତ୍ୱରେ ଥିବା ଡାକ୍ତର ଯିବାପରେ ଫାର୍ମାସିଷ୍ଟକୁ ନେଇ ଯେନତେନ ପ୍ରକାରେ ଚାଲିଛି ଡାକ୍ତରଖାନା । ଫଳରେ ଦିନକୁ ଦିନ ରୋଗୀ ସମସ୍ୟା ବଢ଼ିବାରେ ଲାଗିଛି । ଏହି ଡାକ୍ତରଖାନା ଉପରେ ଅଂଚଳର ପାଖାପାଖି ୧୧ଟି ପଂଚାୟତର ଲୋକଙ୍କ ସହ ଦୁର୍ଘଟଣାଜନିତ ରୋଗୀମାନେ ମଧ୍ୟ ନିର୍ଭର କରିଥାନ୍ତି । ଦୈନିକ ପ୍ରାୟ ୧୦୦ରୁ ଅଧିକ ରୋଗୀ ଏଠାକୁ ଆସିଥାନ୍ତି । ଅପରପକ୍ଷେ ଜଣେ ଏଏନଏମଙ୍କ ପ୍ରମୋସନ ପରେ ଏହି ପଦବୀରେ କେହି ନଥିବାରୁ ଗତ ୨ ବର୍ଷ ଧରି ଏଠାରେ ଡିପି ପଏଣ୍ଟ ଏକ ରକମର ବନ୍ଦ ହୋଇଯାଇଛି । ଫଳରେ ଗର୍ଭବତୀ ମହିଳାଙ୍କୁ ସମ୍ବଲପୁର ଡାକ୍ତରଖାନା କିମ୍ବା ବେସରକାରୀ ଡାକ୍ତରଖାନା ଉପରେ ଭରଷା କରି ଅର୍ଥ ଶୋଷଣର ଶିକାର ହେବାକୁ ପଡୁଛି । ଏହା ୫୩ ନମ୍ବର ଜାତୀୟ ରାଜପଥ ଉପରେ ଥିବାରୁ ବହୁ ସମୟରେ ଘଟଣା ଦୁର୍ଘଟଣା ହେତୁ ଏହି ଡାକ୍ତରଖାନାର ଗୁରୁତ୍ୱ ମଧ୍ୟ ଯଥେଷ୍ଟ ରହୁଛି । ତେଣୁ ଏଠାରେ ୨୪ ଘଂଟିଆ ସେବା ପ୍ରଦାନର ଆବଶ୍ୟକତା ଅନୁଭବ କରାଯିବା ସହିତ ୨୪ ଘଂଟିଆ ଆମ୍ବୁଲାନ୍ସ ସୁବିଧା ରହିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି । ଏଠାରେ ଏକ ଆମ୍ବୁଲାନ୍ସ ରହୁଥିଲା । ମାତ୍ର ବର୍ତମାନ ନଥିବାରୁ ଭଡ଼ା ଗାଡ଼ି ଉପରେ ନିର୍ଭର କରି ବିଭିନ୍ନ ସମୟରେ ବିଳମ୍ବ ଜନିତ କାରଣରୁ ରାସ୍ତାରେ ଯିବା ସମୟରେ ରୋଗୀଙ୍କ ପ୍ରାଣ ଚାଲିଯାଉଥିବା ମଧ୍ୟ ଅନେକ ନଜିର ରହିଛି । ବର୍ତମାନ ଡାକ୍ତର ନଥିବାରୁ ଲୋକେ ନିରାଶ ହୋଇ ଫେରୁଥିବା ଯୋଗୁଁ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏଣୁ ଏ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ପଡିଆବାହାଲ ଠାରେ ଆବଶ୍ୟକୀୟ ଡାକ୍ତର ପଦବୀରେ ନିଯୁକ୍ତି ସହିତ ଅନ୍ୟାନ୍ୟ ଆନୁସାଙ୍ଗିକ ସମସ୍ୟାର ସମାଧାନ ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଇଛନ୍ତି । ଆଶା ଓ ବିଶ୍ୱାସ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରି ଅଂଚଳବାସୀଙ୍କ ଜନସ୍ୱାର୍ଥ ପ୍ରତି ସଦୟ ମନୋଭାବ ରଖି ଜିଲ୍ଲାପାଳ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଅବଗତ କରାଇବା ପରେ ଜିଲ୍ଲାପାଳ ଖୁବ ଶୀଘ୍ର ଡାକ୍ତର ପଦବୀ ପୂରଣ ସହିତ ଅନ୍ୟାନ୍ୟ ଦାବି ଗୁଡ଼ିକ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଅଂଚଳବାସୀଙ୍କ ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତଥା ବାହାମ ପଂଚାୟତର ପୂର୍ବତନ ସରପଂଚ ମିତ୍ରଭାନୁ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାଜ୍ୟ ବିଜେପି ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ପଡ଼ିଆବାହାଲ ମଣ୍ଡଳ ସଭାପତି ଆକାଶ ମିଶ୍ର, ଅଶୋକ ରାଏ, ପ୍ରକାଶ ବଡ଼େଇ, ପିଙ୍କୁ ସାହୁ, ଚିଙ୍କୁ ପ୍ରଧାନ, ସୁନନ୍ଦା ପ୍ରଧାନ, ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଲିସର ସାଇବର୍ ସଚେତନତା କାର୍ଯ୍ୟକ୍ରମରେ ଟିଫିନ୍ ଖାଇ ୪୦ ଛାତ୍ରୀଛାତ୍ରୀ ଅସୁସ୍ଥ

ରାଉରକେଲା, ୨୭/୩ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ସୁନ୍ଦରଗଡ଼ ସଦର ବ୍ଲକ୍ ଅନ୍ତର୍ଗତ ସଲଙ୍ଗାବୁଡ ହାଇସ୍କୁଲରେ ପୋଲିସ ଦ୍ୱାରା ଆୟୋଜିତ ସାଇବର୍ ସଚେତନତା କାର୍ଯ୍ୟକ୍ରମରେ ଟିଫିନ୍ ଖାଇ ୪୦ ଜଣ ଛାତ୍ରୀଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି । ସେଥିମଧ୍ୟରୁ ୧୯ ଜଣ ଗୁରୁତର ଥିବା ବେଳେ ୨୧ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି । ଗତକାଲି ଅପରାହ୍ନରେ ସୁନ୍ଦରଗଡ଼ ପୋଲିସ ଦ୍ୱାରା ସାଇବର୍ ଅପରାଧ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ସଲଙ୍ଗାବୁଡ ହାଇସ୍କୁଲରେ ଆୟୋଜିତ ହୋଇଥିଲା । ତେବେ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ପାଇଁ ସୁନ୍ଦରଗଡ଼ ପୋଲିସ ପକ୍ଷରୁ ଟିଫିନ୍ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଖୁସିରେ ପିଲାମାନେ ଟିଫିନ୍ ଖାଇଥିଲେ । କାର୍ଯ୍ୟକ୍ରମ ଶେଷ ପରେ ଛାତ୍ରଛାତ୍ରୀମାନେ ଘରକୁ ଯାଇ ପହଂଚିବା ପରେ ସେମାନଙ୍କ ମଧ୍ୟରୁ କେତେକ ପେଟରେ ଯନ୍ତ୍ରଣା ଅନୁଭବ କରିବା ସହ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଜଣକ ପରେ ଜଣେ ପିଲାଙ୍କୁ ଧରି ତାଙ୍କ ଅବିଭାବକ ନିକଟସ୍ଥ ଏନଟିପିସି ଡାକ୍ତରଖାନାରେ ପହଂଚି ଥିଲେ । ସେଠାରେ ୨୧ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ମେଡିକାଲରୁ ରିଲିଜ୍ କରାଯାଇଥିବା ବେଳେ ୧୯ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଅଧିକ ଚିକିତ୍ସା କରାଯାଉଛି । ଘଟଣା ପରେ ପିଲାମାନେ ଖାଇଥିବା ଟିଫିନ୍ କେଉଁ ଜାଗାରୁ ଆସିଥିଲା, କିଏ ତାକୁ କିଣିକରି ଆଣିଥିଲେ ସେନେଇ ସାଧାରଣରେ ପ୍ରଶ୍ନ ଉଠୁଥିବା ବେଳେ ପ୍ରଶାସନ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ । ଅନ୍ୟପକ୍ଷରେ ଘଟଣାଟି ଉପବାଚସ୍ପତିଙ୍କ ନିର୍ବାଚନମଣ୍ଡଳି ତଳସରା ନିକଟବର୍ତି ହୋଇଥିବାରୁ ଘଟଣାକୁ ଗୁରୁତ୍ୱର ସହ ନେଇ ସରକାର ଏଦିଗରେ ଅଧିକ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

# ପ୍ରଥମ ଡିଜିଟାଲ ଜନଗଣନା ନିମନ୍ତେ ପ୍ରଶିକ୍ଷଣ ଶିବିର

ଧର୍ମଶାଳା, ୨୭/୩ (ନି.ପ୍ର): ମହାମାରୀ କୋଭିଡ ପାଇଁ ଜନଗଣନା କାର୍ଯ୍ୟକ୍ରମ ସ୍ଥଗିତ ହୋଇଥିଲା । ତେବେ ଚଳିତ ବର୍ଷ ଆରମ୍ଭ ହେବାକୁ ଯାଉଛି ଡିଜିଟାଲ ମାଧ୍ୟମରେ ଜନଗଣନା । ଏହି ଜନଗଣନାକୁ ନେଇ ଶିକ୍ଷକ/ ଶିକ୍ଷୟିତ୍ରୀ ଓ ସରକାରୀ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଏହି କ୍ରମରେ ଯାଜପୁର ଜିଲା କଳଣସ୍ଥିତ ଆଦର୍ଶ ମହାବିଦ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି ଶିବିର ଆଜିଠାରୁ ଆରମ୍ଭ ହୋଇ ଏପ୍ରିଲ ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଆଜିର ଏହି କାର୍ଯ୍ୟକ୍ରମକୁ ରସୁଲପୁର ତହସିଲଦାର ତଥା ସେନସକ୍ସ ଅଫିସର ସିଦ୍ଧାର୍ଥ କୁମାର ବେହେରା ଉଦଘାଟନ କରିଥିଲେ ।




ଧନିଆଁକୁ ପ୍ରତିଦିନ ସେବନ କଲେ ଶରୀର ଉପରେ ପଡ଼ିଥାଏ ଚମତ୍କାର ପ୍ରଭାବ । ଆଜି ଆସନ୍ତୁ ଜାଣିବା ଏଭଳି ୩ ଟି ସହଜ ତରିକା ଯେମିତି ଧନିଆକୁ ଖାଇଲେ ପୂରା ଶରୀରରେ ଏହାର ସଫଳ ଦେଖାଯିବ । ଧନିଆର ଛୋଟ ଛୋଟ ଦାନା ସୁସ୍ଥ ଶରୀରର ଗନ୍ତାଘର , ଯାହା ଆପଣଙ୍କ ହଜମ ପ୍ରକିୟାଠାରୁ ନେଇ ବ୍ଲଡ ସୁଗାର କଣ୍ଟ୍ରୋଲ କରିବା ନେଇ ସବୁ କାମରେ ଫାଇଦା ଦେବ । କିନ୍ତୁ ଏଥିରା ଫାଇଦା କିପରି ଏହା ଧନିଅରାକୁ ବ୍ୟବହାର କରିବାର ତରିକା ଉପରେ ନିର୍ଭର କରେ । ଧନିଆଁକୁ ଆପଣ ପାଣିରେ ଭିଜାଇ ସେ ପାଣିକୁ ପିଇପାରିବେ । ନହେଲେ ଏହାକୁ ପାଉଡର କରି ସେବନ କରିପାରିବେ । ସବୁଠୁ ବଡ଼ କଥା ହେଲା ଧନିଆକୁ ଭିନ୍ନ ଭିନ୍ନ ତରିକାରେ ସେବନ କରିବାର ପରିଣାମ ବି ଅଲଗା ଅଲଗା । ଏହାକୁ ମୁଖ୍ୟତଃ ୩ ଟି ଉପାୟରେ ସେବନ କରିପାରିବା। ସବୁଠୁ ପ୍ରଥମ ତରିକା ହେଉଛି ଧନିଆକୁ ପାଣିରେ ଭିଜାଇ ଏହାର ପାଣି ପିଇବା । ଧନିଆ ପାଣି ପିଇବା ଦେହ ପାଇଁ ବହୁତ ଭଲ ।ହେଲେ ଏହି ପାଣି ପିଇଲେ କି କି ଲାଭ ମିଳେ ଏବଂ ଏହା କେଉଁମାନଙ୍କ ପାଇଁ ଭଲ ତାହା ବି ଜାଣିବା ଜରୁରି । ଧନିଆ ପାଣିକୁ ପ୍ରତିଦିନ ପିଇଲେ ହଜମ ଶକ୍ତି ଠିକ୍ ରୁହେ । ଏହି ପାଣି ହଜମ କ୍ରିୟାକୁ ତ୍ୱରାନ୍ୱିତ କରେ ଶରୀରକୁ ଡିଟକ୍ସ କରିଥାଏ । ଫଳରେ ଏସିଡିଟି ସମସ୍ୟା ରୁହେନାହିଁ । ଯଦି କାହାର ପେଟ ଭାରି ଲାଗୁଥାଏ ତାହେଲେ ଧନିଆ ଭିଜା ପାଣିକୁ ପିଇବା ଦ୍ୱାରା ହାଲକା ଅନୁଭୂତ ହୁଏ। ଏହାବ୍ୟତୀତ ଯେଉଁମାନଙ୍କର ଡାଏବେଟିସ୍ ରହିଛି ସେମାନେ ମଧ ଏହି ପାଣିକୁ ନିୟମିତ ପିଇଲେ ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରୁହେ । ଦ୍ୱିତୀୟ ତରିକା ହେଉଛି ଧନିଆକୁ ଚା' କରି ପିଇବା । ଧନଆ ଦାନାର ଚା' ପିଇବା ବିଶେଷ କରି ଇକ୍ସପ୍ଷକ୍ସସ୍ପରତ୍ୱ ସମସ୍ୟା ଭୋଗୁଥିବା ଲୋକଙ୍କ ପାଁ ବେଶ୍ ଉପକାରୀ । ଧନିଆ ଚା'କୁ ନିୟମିତ ପିଇଲେ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳେ। ଏହାସହ ମହିଳାମାନଙ୍କର ରତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣା ବି ଲାଘବ ହୁଏ। ଏହି ଚା' ପିଇବାର ଆଉ ଏକ ବଡ଼ ଉପକାର ରହିଛି। ଏହାଦ୍ୱାରା ମହିଳମାନଙ୍କଠାରେ ଦେଖାଯାଉଥିବା ଥାଇରଏଡ୍ ସମସ୍ୟା ଦୂରେଇଯାଏ । ଏହାକୁ ବନାଇବାକୁ ଦେଢ କମପ ପାଣିରେ ଏକ ଚାମଚ ଧନିଆ ପକାଇ ଫୁଟାନ୍ତୁ। ପାଣି ଫୁଟି ହାଲକା ଲାଲ୍ ରଙ୍ଗର ଦେଖାଗଲେ ଏହାକୁ ଉଷୁମ ଉଷୁମ ପିଅନ୍ତୁ । ତୃତୀୟ ତରିକା ହେଉଛି ଧନିଆକୁ ପାଉର କରି ସେବନ କରିବା। ଏଥିରେ ପ୍ରଚୂର ପରିମାଣରେ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍ ଭଳି ଅତ୍ୟାବଶ୍ୟକ ମିନେରାଲ୍ସ ମହଜୁଦ୍ ରହିଥାଏ , ଯାହା ଆମର ପୂରା ସ୍ୱାସ୍ଥ୍ୟ ପାଇଁ ଜରୁରି ହୋଇଥାଏ । ଏହା ହାଡ଼କୁ ମନବୁତ୍ କରିବା ସହ ମେଟାବୋଲିମକୁ ବି ମଜବୁତ କରିଥାଏ । ଧନିଆ ପାଉଡରକୁ ପ୍ରତ୍ୟେକ ଦିନ ସେବନ କଲେ ଶରୀରରେ ରକ୍ତ କଣିକା ବି ସୃଷ୍ଟି ହୋଇଥାଏ । କହିବାକୁ ଗଲେ ଧନିଆର ପ୍ରତିଦିନ ସେବନ ପୂରା ଶରୀରକୁ ଫିଟ୍ ଆଣ୍ଡ୍ ଫାନ୍ ରଖିଥାଏ ।

# ମୁହଁରୁ କେମିତି ହଟିବ ଡି-ଟ୍ୟାନ ଦାଗଃ ଆପଣାନ୍ତୁ ଏହି ଉପାୟ

ସାଧାରଣତଃ ଖରାରେ ବୁଲିବା ଦ୍ୱାରା ହାତ, ଗୋଡ଼ ଓ ମୁହଁରେ କଳା ଦାଗ ଆସିଥାଏ ଯାହାକୁ ଆମେ ଡି-ଟ୍ୟାନ କହିଥାଉ। ଏହି ଦାଗ ବା ଡି-ଟ୍ୟାନ୍ ହାତ ଓ ଗୋଡ଼ରୁ ଦୂର କରିବା ପାଇଁ ଦୁଇ ଚାମଚ ବେସନ ସହ ମହୁ ଏକ ଚାମଚ ଓ ଏକ ଚାମଚ କଞ୍ଚାକ୍ଷୀରକୁ ଭଲ ଭାବେ ମିଶାଇ ଦାଗ ସ୍ଥାନରେ ୧୫ ମିନିଟ୍ ସମୟ ଲଗାଇ ପେଷ୍ଟଟି ସମ୍ପୂର୍ଣ୍ଣ ଭାବେ ଶୁଖିଲା ପରେ ଏହାକୁ ପାଣିରେ ଧୋଇବେ। ଏହାସହ ମୁହଁରେ ଡି-ଟ୍ୟାନ ପାଇଁ ଏକ ଚାମଚ୍ କଫି ପାଉଡର ସହ ଫେସ୍ ସିରମ୍ ଗୋଟେ ଚାମଚ କିମ୍ବା ଗୋଟେ ଭିଟାମିନ୍-ଇ କ୍ୟାପସୁଲକୁ ଭାଙ୍ଗି ତା' ଜେଲ୍‌କୁ ମିଶାଇ ୨୦ ମିନିଟ୍ ସମୟ ପର୍ଯ୍ୟନ୍ତ ମୁହଁରେ ଲଗାଇବେ ଏବଂ ଏହା ଶୁଖିବା ପରେ ଅଳ୍ପ ପାଣିରେ ମୁହଁକୁ ମସାଜ୍ କରି ଭଲ ଭାବେ ଧୋଇବେ। କିମ୍ବା ଗୋଟେ ଚାମଚ ମୁଲତାନି ସହ ୫ରୁ ୬ ବୁନ୍ଦା ଗୋଲାପଜଳକୁ ମିଶାଇ ମୁହଁରେ ଲଗାଇଲେ ଏହା ଡି-ଟ୍ୟାନ ସମସ୍ୟାକୁ ଦୂର କରିଥାଏ। ଏହିସବୁ ପକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଏହା ଡି-ଟ୍ୟାନ୍ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଥାଏ। ଏହାସହ ପ୍ରତ୍ୟେକ ଦିନ ଘରୁ ବାହାରିବା ପୂର୍ବରୁ ବା ଘର ରହିଲେ ମଧ୍ୟ ମୁହଁକୁ ଭଲ ଭାବେ ପାଣିରେ ଧୋଇ ହାଲୁକା ଭାବେ ପୋଛି ବଜାରରେ ମିଳୁଥିବା କୌଣସି ବି ସନ୍‌କ୍ରିମକୁ ମୁହଁରେ ଲଗାଇବା ଅତ୍ୟନ୍ତ ଜରୁରୀ।



# ସପ୍ତାହକୁ ୨ଥର ପିଅନ୍ତୁ ପାଳଙ୍ଗ ଜୁସ୍; ମିଳିବ ଅନେକ ଚମତ୍କାରୀ ଫାଇଦା

**ସପ୍ତାହକୁ ମାତ୍ର ଦୁଇ ଦିନ ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଆପଣଙ୍କୁ ମିଳିବ ଅନେକ ଚମତ୍କାରୀ ଫାଇଦା । ସ୍ୱାସ୍ଥ୍ୟରେ ଆସିବ ଅନେକ ସକରାତ୍ମକ ପରିବର୍ତ୍ତନ, ଯାହା କି ଆପଣ କଳ୍ପନା କରିନଥିବେ । ତେବେ ଜାଣନ୍ତୁ ପାଳଙ୍ଗ ଜୁସ୍‌ର ପିଇବାର ଫାଇଦା ।**

## ପାଳଙ୍ଗ ଶାଗ...



ଯାହାକୁ ଆମେ ସାଧାରଣତଃ ଖାଦ୍ୟରେ ବ୍ୟବହାର କରିଥାଉ, ତାହା କେବଳ ଏକ ସାଧାରଣ ଶାଗ ନୁହେଁ, ବରଂ ଏହା ଏକ ପ୍ରାକୃତିକ ଔଷଧ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ଥାଏ । ଖାଦ୍ୟରେ ପାଳଙ୍ଗ ଶାଗ ଖାଇବା ତ ବହୁତ ଭଲ କିନ୍ତୁ ସପ୍ତାହକୁ ମାତ୍ର ଦୁଇ ଦିନ ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଆପଣଙ୍କୁ ମିଳିବ ଅନେକ ଚମତ୍କାରୀ ଫାଇଦା । ସ୍ୱାସ୍ଥ୍ୟରେ ଆସିବ ଅନେକ ସକରାତ୍ମକ ପରିବର୍ତ୍ତନ, ଯାହା କି ଆପଣ କଳ୍ପନା କରିନଥିବେ । ତେବେ ଜାଣନ୍ତୁ ପାଳଙ୍ଗ ଜୁସ୍‌ର ପିଇବାର ଫାଇଦା ।

## ହିମୋଗ୍ଲୋବିନ୍ ବଢ଼ାଏ

ପାଳଙ୍ଗ ଜୁସ୍ ଆମ ଶରୀରକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରେ। ଏଥିରେ ଥିବା ଆଇରନ୍ ଶରୀରରେ ରକ୍ତହୀନତାକୁ ଦୂର କରି ହିମୋଗ୍ଲୋବିନ୍ ସ୍ତର ବୃଦ୍ଧି କରିଥାଏ। ଫଳରେ, ଆପଣ ଅଧିକ ସତେଜ ଏବଂ ଶକ୍ତିଶାଳୀ ଅନୁଭବ କରିବେ । ଥକ୍କାପଣ ଏବଂ ଦୁର୍ବଳତା ଦୂର କରିବା ପାଇଁ ଏହା ଏକ ଉତ୍କୃଷ୍ଟ ପ୍ରାକୃତିକ ଉପାୟ ବା ରାମବାଣ କହିଲେ ଅତ୍ୟୁକ୍ତି ହେବନାହିଁ ।

## ଦୃଷ୍ଟିଶକ୍ତି ବଢ଼ାଏ

ଦୃଷ୍ଟିଶକ୍ତି ଠିକ୍ ? ରଖିବା ପାଇଁ ପାଳଙ୍ଗ ଅତ୍ୟନ୍ତ ଲାଭଦାୟକ । ଏଥିରେ ଥିବା ଲୁଟିନ୍ ଏବଂ ଜିଆକ୍ସାନ୍ଥିନ୍ ପରି କାରୋଟିନଏଡ୍ ଆଖିକୁ ଅଲ୍ଟ୍ରାଭାଓଲେଟ୍ ରଶ୍ମିରୁ ରକ୍ଷା କରେ । ଏହା ମୋତିଆବିନ୍ଦୁ ଏବଂ ମକ୍ୟୁଲାର ଡିଜେନେରେସନ୍ ଭଳି ଆଖି ରୋଗକୁ ରୋକିବାରେ ସାହାଯ୍ୟ କରେ । ନିୟମିତ ବ୍ୟବଧାନରେ ପାଳଙ୍ଗ ଜୁସ୍ ? ସେବନ କରିବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ।

## ସ୍କିନ୍ ଏବଂ କେଶକୁ ସୁସ୍ଥ ରଖେ

ଏହି ଜୁସ୍ ସ୍କିନ୍ ଏବଂ କେଶ ପାଇଁ ମଧ ବେଶ୍ ଉପକାରୀ । ଏଥିରେ ଥିବା ଭିଟାମିନ୍ ଇ ଏବଂ ଉ ଚର୍ମକୁ ଉଜ୍ୱଳ ଏବଂ ସୁସ୍ଥ ରଖେ । ଏହା ସହ କେଶକୁ ମୂଳରୁ ମଜବୁତ କରିଥାଏ, କେଶ ଝଡ଼ିବା କମ୍ କରିବା ସହ ଚମକଦାର ମଧ କରିଥାଏ ।

## ହଜମ ପ୍ରକ୍ରିୟା ଠିକ୍ ରୁହେ

ପାଳଙ୍ଗ ଜୁସ୍ ହଜମ ପ୍ରକ୍ରିୟାକୁ ସୁଧାରିବାରେ ସାହାଯ୍ୟ କରେ। ପାଳଙ୍ଗରେ ଥିବା ଫାଇବର କୋଷ୍ଠକାଠିନ୍ୟ ଦୂର କରିବାରେ ସହାୟକ ହୁଏ ଏବଂ ପାଚନତନ୍ତ୍ରକୁ ସୁସ୍ଥ ରଖେ । ଯାହା ଦ୍ୱାରା ଗ୍ୟାସ୍ ଏବଂ ବଦହଜମି ଭଳି ସମସ୍ୟା ଦୂର ହୁଏ ।

## ହାଡ଼କୁ ମଜବୁତ ରଖେ

ପାଳଙ୍ଗରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ କ ହାଡ଼କୁ ମଜବୁତ କରିଥାଏ । ଏହା ଓଷ୍ଟିଓପୋରୋସିସ୍ ଭଳି ହାଡ଼ ରୋଗରୁ ରକ୍ଷା କରିଥାଏ । ଏହାଛଡ଼ା, ପାଳଙ୍ଗ ଜୁସ୍ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହୃଦରୋଗର ଆଶଙ୍କା କମାଇଥାଏ । ତେବେ ସପ୍ତାହକୁ ଦୁଇ ଦିନ ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଆପଣଙ୍କ ଶରୀର ଭିତରୁ ଏବଂ ବାହାରୁ ସୁସ୍ଥ ରହିବ । ଏହି ସରଳ କିନ୍ତୁ ପ୍ରଭାବଶାଳୀ ଉପାୟଟିକୁ ଆପଣାଇ ଆପଣ ଏକ ସୁସ୍ଥ ଜୀବନଯାପନ କରିପାରିବେ ।

# ସୁନ୍ଦର ଓ ଘନ ଆଇବ୍ରୋ ଚାହୁଁଛନ୍ତି, ଫଲୋ କରନ୍ତୁ ୫ ଟିପ୍ସ...



ସୁନ୍ଦର ଦେଖାଯିବା ଲାଗି ମହିଳା ଓ ଯୁବତୀ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। କିନ୍ତୁ ପୁରୁଖା ଲୋକଙ୍କ କହିବା ମୁତାବକ, ଝିଅଟି ଲମ୍ବା ଥିବା ସହ ନାକ ସିଧା ହୋଇଥିଲେ କେହି ବାରି ପାରିବେନି। କିନ୍ତୁ କଥା ଯେତେବେଳେ ମୁହଁର ସୁନ୍ଦରତା ଉପରେ ଆସେ, ସେତେବେଳେ ନାକ, ଆଖି, ସୁନ୍ଦର ଓଠ ସହ ସୁନ୍ଦର ଆଇବ୍ରୋ ମଧ ଖୁବ୍ ଗୁରୁତ୍ୱ ରଖିଥାଏ।

ଆଜିକାଲି ମୋଟା ଆଇବ୍ରୋ ଟ୍ରେଣ୍ଡ ଅଛି। ତେଣୁ ପତଳା ଆଇବ୍ରୋ ଥିବା ମହିଳା ଯେତେ ମେକଅପ୍ ନେଲେ ମଧ ଆଟ୍ରାକ୍ଟିଭ ଲାଗିନଥାନ୍ତି। ଏଥିଲାଗି ମହିଳାମାନେ ଆର୍ଟିଫିସିଆଲ ରୂପରେ ଏହାକୁ ମୋଟା କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଆପଣ ଘରୋଇ ଉପାୟରେ ବହୁ କମ୍ ଖର୍ଚ୍ଚରେ ମଧ ପାଇପାରିବେ ସୁନ୍ଦର ମୋଟା ଆଇବ୍ରୋ। ଆସନ୍ତୁ ଜାଣିବା ଏହି ବିଷୟରେ....

## ଲେମ୍ବୁ ଓ ନଡ଼ିଆ

ଆପଣ ଲେମ୍ବୁ ଓ ନଡ଼ିଆ ତେଲର ସହାୟତରେ ଘନ ଓ ଆକର୍ଷଣୀୟ ଆଇବ୍ରୋ ପାଇପାରିବେ। ଏଥିଲାଗି ଆପଣ ଏକ ଚାମଚ ନଡ଼ିଆ ତେଲରେ ୨ ଚାମଚ ଲେମ୍ବୁ ଚୋପାର ପାଉଡ଼ର ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସବୁଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ଲଗାଇ ଦିଅନ୍ତୁ। ସକାଳେ ଉଠିବା ପରେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଆଇବ୍ରୋ ବେଶ ଘନ ଓ ମୋଟା ହେବ।

## ଅଲିଭ ଅଏଲ ଓ ଜୈତୁନ ତେଲ

ଆପଣ ମୋଟା, ଗହଳ ଆଇବ୍ରୋ ଚାହୁଁଥିଲେ ଏପରି ଶସ୍ତା ଓ ସହଜ ପ୍ରଣାଳୀ ଆପଣାନ୍ତୁ। ଘରେ ଥିବା ଜୈତୁନ ତେଲକୁ ରାତିରେ ଲଗାଇ ହାଲକା ଭାବେ କିଛି ସମୟ ଆଇବ୍ରୋକୁ ମସାଜ କରନ୍ତୁ। ସକାଳେ ଉଠିବା ପରେ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।

# ୪ଟି ଭୁଲପାଇଁ ହୋଇପାରେ କିଡନୀ ସମସ୍ୟାର କାରଣ



କିଡନୀ ମଣିଷ ଶରୀରରେ ରକ୍ତକୁ ସଫା କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ । ଏହା ଶରୀରର ସବୁଠାରୁ ଗୁରୁ୍ୱପୂର୍ଣ୍ଣ ଅଙ୍ଗ ହୋଇଥାଏ । ପ୍ରତି ମଣିଷର ଶରୀରରେ ଦୁଇଟି କିଡନୀ ଥିବା ବେଳେ ଆଜିକାଲିର ବ୍ୟସ୍ତବହୁଳ ଜୀବନ ପାଇଁ ଲୋକମାନେ ନିଜ ଶରୀର ପ୍ରତି ଧ୍ୟାନ ଦେଇ ପାରୁ ନାହାନ୍ତି। କିଛି ନ ଭାବି ସେମାନେ କିଛି ବି ଖାଉଥିବାରୁ ସେମାନଙ୍କ ଶରୀରରେ ବିଭିନ୍ନ ପ୍ରକାରର ରୋଗ ଦେଖା ଦେଉଛି । ଦିନ ସାରା ମଣିଷ କରୁଥିବା ଛୋଟ ଛୋଟ ଭୁଲ ପାଇଁ ଶରୀରର ଗୁରୁ୍ୱପୁର୍ଣ୍ଣ ଅଙ୍ଗ ପ୍ରଭାବିତ ହେଉଛି । ଆସନ୍ତୁ ଜାଣିବା ସେ ବିଷୟରେ......

♦ ପାଣି ପିଇବା ଶରୀର ପାଇଁ ଲାଭଦାୟକ ହୋଇଥଏ । କିନ୍ତୁ ଦରକାରଠାରୁ ଅଧିକ କିମ୍ବା କମ ପାଣି ପିଇବା ଦ୍ୱାରା ଏହା ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ । ଦିନକୁ ୮-୧୦ଗ୍ଲାସ ପାଣି ପିଇବା ଦରକାର । ଏହାଠାରୁ ଅଧିକ ପାଣି ପିଇଲେ କିଡନୀକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହାଦ୍ୱାରା କିଡନୀ ଖୁବ୍ ଶୀଘ୍ର ଖରାପ ହେବାର ଆଶଙ୍କା ରହିଥାଏ ।

♦ ଅଧିକ ମାତ୍ରାରେ ପେନ୍ କିଲର ଖାଇବା ଦ୍ୱାରା ଏହା କିଡନୀ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଶରୀରରେ ପେନ୍ କିଲରର ମାତ୍ରା ଅଧିକ ହେବା ଦ୍ୱାରା କିଡନୀରେ ଥିବା କୋଷିକାଗୁଡ଼ିକ ନଷ୍ଟ ହୋଇଯାଇଥାଏ ।

♦ ଖାଇବା ପ୍ରସ୍ତୁତ ହେବା ପରେ ଯେଉଁ ଲୋକମାନେ ତା' ଉପରେ ଲୁଣ ପକାଇ ଖାଇଥାନ୍ତି, ସେମାନଙ୍କୁ କିଡନୀ ସହ ଜଡ଼ିତ ସମସ୍ୟା ହେବାର ଆଶଙ୍କା ଅଧିକ ରହିଥାଏ । ଏହା ଦ୍ୱାରା ଶରୀରରୁ ସୋଡିୟମ ସହଜରେ ବାହାରି ନ ପାରି କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ ।

# ବିଶ୍ୱବ୍ୟାପୀ ସଙ୍କଟ ସତ୍ତ୍ୱେ ସୁନାର ଚମକ ଫିକା କାହିଁକି ?

ସାଧାରଣତଃ ବିଶ୍ୱବ୍ୟାପୀ କୌଣସି ରାଜନୈତିକ, ସାମରିକ କିମ୍ବା ଅର୍ଥନୈତିକ ସଙ୍କଟ ଦେଖାଦେଲେ ନିବେଶକମାନେ ସୁନାକୁ ଏକ ନିରାପଦ ଆଶ୍ରୟସ୍ଥଳୀ ଭାବରେ ବିବେଚନା କରିଥାନ୍ତି। ଅତୀତର ଇତିହାସକୁ ଦେଖିଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ୨୦୦୮ ମସିହାର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା, କୋଭିଡ-୧୯ ମହାମାରୀ ସମୟରେ ଅର୍ଥନୈତିକ ଅଚଳାବସ୍ଥା ଏବଂ ୨୦୨୨ ମସିହାରେ ଋଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ସୁନା ଦରରେ ଅଭୂତପୂର୍ବ ବୃଦ୍ଧି ଘଟିଥିଲା । ମାତ୍ର ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରୂପ ନେଇଛି। ୨୦୨୬ ମସିହା ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ପଶ୍ଚିମ ଏସିଆ ସଙ୍କଟ ବା ଯୁଦ୍ଧ ପରିପ୍ରେକ୍ଷୀରେ ସୁନା ଦର ଊର୍ଦ୍ଧ୍ୱଗାମୀ ହେବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବରେ ତଳକୁ ଖସିବାରେ ଲାଗିଛି । ଭାରତୀୟ ବଜାରରେ ଏହାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି । ଜାନୁଆରୀ ମାସ ଶେଷ ଆଡ଼କୁ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ୍ ପ୍ରତି ପ୍ରାୟ ୧.୮ ଲକ୍ଷ ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ପ୍ରାୟ ୧.୩ ଲକ୍ଷ ଟଙ୍କାରେ ପହଞ୍ଚିଛି । ଗୋଟିଏ ପଟେ ବିଶ୍ୱରେ ଯୁଦ୍ଧର ଭୟାବହତା ବୃଦ୍ଧି ପାଉଥିବା ବେଳେ ଅନ୍ୟ ପଟେ ସୁନା ପରି ଏକ ନିରାପଦ ସମ୍ପତ୍ତିର ମୂଲ୍ୟ ହ୍ରାସ ପାଇବା ଅର୍ଥନୀତିଜ୍ଞ ଏବଂ ନିବେଶକମାନଙ୍କ ପାଇଁ ଏକ ବିସ୍ମୟର କାରଣ ପାଲଟିଛି । ଏହି ଅପ୍ରତ୍ୟାଶିତ ଘଟଣାକ୍ରମ ପଛରେ ଥିବା କାରଣଗୁଡ଼ିକୁ ବିଶ୍ଳେଷଣ କଲେ ଅନେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଏବଂ ଭୂ-ରାଜନୈତିକ ଦିଗ ସାମ୍ନାକୁ ଆସିଥାଏ ।

ପାରମ୍ପରିକ ଭାବରେ ସୁନା ଏବଂ ବିଶ୍ୱ ସଙ୍କଟ ମଧ୍ୟରେ ଏକ ସିଧାସଳଖ ସମ୍ପର୍କ ରହିଆସିଛି । ସୁନା ଏପରି ଏକ ସମ୍ପତ୍ତି ଯାହା ଉପରେ କୌଣସି ସୁଧ ମିଳିନଥାଏ । ତେଣୁ ଯେତେବେଳେ ବଜାରରେ ଆମେରିକୀୟ ସରକାରୀ ବଣ୍ଡ ପରି ସୁରକ୍ଷିତ ସମ୍ପତ୍ତିରୁ ମିଳୁଥିବା ଲାଭାଂଶ କିମ୍ବା ସୁଧ ହାର ହ୍ରାସ ପାଏ, ସେତେବେଳେ ନିବେଶକମାନେ ସୁନା ଆଡ଼କୁ ଆକର୍ଷିତ ହୋଇଥାନ୍ତି । ଏହାବ୍ୟତୀତ ବିଶ୍ୱ ବଜାରରେ ସୁନାର କାରବାର ମୁଖ୍ୟତଃ ଆମେରିକୀୟ ଡଲାରରେ କରାଯାଇଥାଏ । ଯେତେବେଳେ ଡଲାରର ମୂଲ୍ୟ ହ୍ରାସ ପାଏ, ଅନ୍ୟ ଦେଶର ମୁଦ୍ରା ବ୍ୟବହାର କରୁଥିବା କ୍ରେତାମାନଙ୍କ ପାଇଁ ସୁନା ଶସ୍ତା ହୋଇଯାଏ, ଯାହା ଫଳରେ ଏହାର ଚାହିଦା ଏବଂ ଦର ବୃଦ୍ଧି ପାଇଥାଏ । ଅର୍ଥାତ୍ ଏକ ଦୁର୍ବଳ ଡଲାର ଏବଂ କମ୍ ସୁଧ ହାର ସର୍ବଦା ସୁନା ବଜାର ପାଇଁ ଅନୁକୂଳ ସାବ୍ୟସ୍ତ ହୋଇଥାଏ । କିନ୍ତୁ ୨୦୨୨ ମସିହା ପରଠାରୁ ଏହି ପାରମ୍ପରିକ ନିୟମରେ ପରିବର୍ତ୍ତନ ଦେଖାଦେଇଥିଲା ଏବଂ ବର୍ତ୍ତମାନର ପଶ୍ଚିମ ଏସିଆ ସଙ୍କଟ ସମୟରେ ଏହି ସମୀକରଣ ସମ୍ପୂର୍ଣ୍ଣ ଓଲଟି ଯାଇଛି । ସୁନା ଦରକୁ ସମର୍ଥନ କରୁଥିବା ସମସ୍ତ କାରକ ବର୍ତ୍ତମାନ ବିପରୀତ ଦିଗରେ ଗତି କରୁଛନ୍ତି, ଯାହା ଫଳରେ ସୁନା ବଜାରରେ ଏକ ବଡ଼ ଧରଣର ପତନ ଦେଖିବାକୁ ମିଳିଛି । ଏହି ପରିବର୍ତ୍ତିତ ସମୀକରଣର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତୈଳ ଦରରେ ଅତ୍ୟଧିକ ବୃଦ୍ଧି ଏବଂ ଏହା ସୃଷ୍ଟି କରୁଥିବା ମୁଦ୍ରାସ୍ଫୀତିର ଆଶଙ୍କା । ପଶ୍ଚିମ ଏସିଆରେ ସାମରିକ ସଂଘର୍ଷ ଆରମ୍ଭ ହେବା ମାତ୍ରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବ୍ୟାପକ ଭାବରେ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୨୦ ଡଲାର ଅତିକ୍ରମ କରିଯାଇଥିଲା । ୨୦୨୨ ମସିହାରେ ଋଷିଆ-ୟୁକ୍ରେନ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ତୈଳ ଦର ଏତେ ଉଚ୍ଚ ସ୍ତରରେ ପହଞ୍ଚିଛି । ଆନ୍ତର୍ଜାତିକ ଶକ୍ତି ସଂସ୍ଥା (IEA)ର ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ବିଶ୍ୱ ତୈଳ ବଜାରରେ ଏକ ବୃହତ୍ ଯୋଗାଣ ବାଧା ସୃଷ୍ଟି କରିଛି । ତୈଳ ଦର ବୃଦ୍ଧି ପାଇବା ଅର୍ଥ ହେଉଛି ପରିବହନ ଠାରୁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ସାମଗ୍ରୀର ଦାମ୍ ବୃଦ୍ଧି ପାଇବା । ଏହା ସିଧାସଳଖ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତିକୁ ବଢ଼ାଇବାର ଆଶଙ୍କା ସୃଷ୍ଟି କରିଛି । ଯୁଦ୍ଧ ପୂର୍ବରୁ ବିଶ୍ୱ ଅର୍ଥନୀତିରେ ମୁଦ୍ରାସ୍ଫୀତି ହ୍ରାସ ପାଉଥିଲା ଏବଂ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାର ହ୍ରାସ କରିବାର ସଙ୍କେତ ଦେଉଥିଲେ । ମାତ୍ର ତୈଳ ଦରର ଏହି ଆକସ୍ମିକ ବୃଦ୍ଧି ସେହି ସମସ୍ତ ହିସାବନିକାଶକୁ ବଦଳାଇ ଦେଇଛି। ବର୍ତ୍ତମାନ ବଜାର ଆଶା କରୁଛି ଯେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ସ୍ତରରେ ରଖିବେ । ଏହି ଗୋଟିଏ ଆଶଙ୍କା ହିଁ ସୁନା ବଜାରର ଦିଗ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି।

ସୁଧ ହାର ଉଚ୍ଚ ରହିବାର ଆଶଙ୍କା ସୁନା ପାଇଁ କିପରି କ୍ଷତିକାରକ ସାବ୍ୟସ୍ତ ହୋଇଛି, ତାହା ବୁଝିବା ନିତାନ୍ତ ଆବଶ୍ୟକ । ଯେତେବେଳେ ସୁଧ ହାର ଅଧିକ ରହେ, ସେତେବେଳେ ଆମେରିକୀୟ ଟ୍ରେଜେରୀ ବଣ୍ଡ୍ ପରି ସରକାରୀ ସମ୍ପତ୍ତିଗୁଡ଼ିକ ଅଧିକ ଲାଭଦାୟକ ମନେହୁଏ, କାରଣ ସେଥିରୁ ନିବେଶକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଏବଂ ସୁରକ୍ଷିତ ଆୟ ମିଳିଥାଏ । ଏହାର ବିପରୀତରେ, ସୁନାରେ ନିବେଶ କଲେ କୌଣସି ନିୟମିତ ସୁଧ ମିଳିନଥାଏ । ତେଣୁ ଉଚ୍ଚ ସୁଧ ହାର ସମୟରେ ସୁନା ରଖିବାର 'ସୁଯୋଗ ମୂଲ୍ୟ' ବା ଅପରଚୁନିଟି କଷ୍ଟ୍ ବୃଦ୍ଧି ପାଇଥାଏ। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ଭାରତ ପାଇଁ ଗବେଷଣା ମୁଖ୍ୟ କବିତା ଚାକୋଙ୍କ ମତରେ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ନୀତିଗତ ପଦକ୍ଷେପକୁ ନେଇ ବଦଳୁଥିବା ଆଶା ଏବଂ ଡଲାରର ମୂଲ୍ୟବୃଦ୍ଧି ସୁନା ଦର ଉପରେ ଗଭୀର ପ୍ରଭାବ ପକାଇଛି। ଯେତେବେଳେ ନିବେଶକମାନେ ଆମେରିକୀୟ ବଣ୍ଡ୍ ?ରେ ଅଧିକ ଅର୍ଥ ବିନିଯୋଗ କରନ୍ତି, ସେତେବେଳେ ଆମେରିକୀୟ ଡଲାର ଅଧିକ ଶକ୍ତିଶାଳୀ ହୋଇଥାଏ । ଏକ ଶକ୍ତିଶାଳୀ ଡଲାର ଅନ୍ୟ ଦେଶର ମୁଦ୍ରା ତୁଳନାରେ ସୁନାକୁ ଅଧିକ ମହଙ୍ଗା କରିଦିଏ, ଯାହା ଫଳରେ ଆନ୍ତର୍ଜାତିକ ସ୍ତରରେ ସୁନାର ଚାହିଦା ହ୍ରାସ ପାଏ ଏବଂ ଦର ତଳମୁହାଁ ହୁଏ।

ଏହି ମୌଳିକ କାରଣଗୁଡ଼ିକ ସହିତ ନିବେଶକମାନଙ୍କର ଲାଭ ଉଠାଇବା ମାନସିକତା ଏବଂ ବଜାରର ବୈଷୟିକ ଦିଗ ମଧ୍ୟ ସୁନା ଦର ହ୍ରାସ ପାଇଁ ଦାୟୀ । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସୁନା ଦର ଏକ ଐତିହାସିକ ଉଚ୍ଚସ୍ତରରେ ପହଞ୍ଚି ସାରିଥିଲା । ଆନ୍ତର୍ଜାତିକ ବଜାରରେ ଏହା ଟ୍ରୟ ଆଉନ୍ସ ପ୍ରତି ୫୦୦୦ ଡଲାର ଅତିକ୍ରମ କରିଥିବା ବେଳେ ଭାରତରେ ଏହା ୧.୮ ଲକ୍ଷ ଟଙ୍କା ଛୁଇଁଥିଲା। ବିଗତ ଦୁଇ ବର୍ଷ ଧରି ଭୂ-ରାଜନୈତିକ ଅସ୍ଥିରତା ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରମାଗତ ସୁନା କ୍ରୟ ଯୋଗୁଁ ସୁନା ଦର ପ୍ରାୟ ଦ୍ୱିଗୁଣିତ ହୋଇଯାଇଥିଲା। ତେଣୁ ଯେତେବେଳେ ଦର ସାମାନ୍ୟ ଖସିବା ଆରମ୍ଭ କଲା, ସେତେବେଳେ କ୍ଷତିକୁ ଏଡ଼ାଇବା ପାଇଁ ନିବେଶକମାନେ ପୂର୍ବରୁ ସେଟ୍ କରିଥିବା ଅଟୋମେଟିକ୍ ସେଲ୍ ଅର୍ଡର (ସ୍ୱୟଂଚାଳିତ ବିକ୍ରି ଆଦେଶ) ଗୁଡ଼ିକ କାର୍ଯ୍ୟକାରୀ ହେବାକୁ ଲାଗିଲା । ଏହା ବଜାରରେ ସୁନାର ଯୋଗାଣ ବଢ଼ାଇଦେଲା, ଯାହା ଦରକୁ ଆହୁରି ତଳକୁ ଠେଲିଦେଲା । ଏହା ସହିତ ଏକ ତରଳତା ସଙ୍କଟ ବା ଲିକ୍ୱିଡିଟି କ୍ରଞ୍ଚ୍ ମଧ୍ୟ ଦେଖାଦେଇଛି । ଦୀର୍ଘକାଳୀନ ଯୁଦ୍ଧ ଏବଂ ତୈଳ ଯୋଗାଣରେ ବାଧା ଆଶଙ୍କାରେ ଶେୟାର ବଜାରରେ ବ୍ୟାପକ ପତନ ଘଟିଛି । ଯେତେବେଳେ ନିବେଶକମାନେ ଶେୟାର ବଜାରରେ କ୍ଷତି ସହନ୍ତି, ସେତେବେଳେ ସେହି କ୍ଷତିର ଭରଣା କରିବା ପାଇଁ ସେମାନେ ନିଜର ଲାଭଦାୟକ ସମ୍ପତ୍ତିଗୁଡ଼ିକୁ ବିକ୍ରି କରି ନଗଦ ଅର୍ଥ ସଂଗ୍ରହ କରିଥାନ୍ତି । ବର୍ଷ ବର୍ଷ ଧରି ଲାଭ ଦେଇଆସିଥିବା ସୁନା ଏହି ପରିପ୍ରେକ୍ଷୀରେ ବିକ୍ରି ପାଇଁ ସବୁଠାରୁ ସହଜ ବିକଳ୍ପ ପାଲଟିଛି।

ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ, କ'ଣ ଆମେରିକୀୟ ଡଲାର ବର୍ତ୍ତମାନ ସୁନାର ସ୍ଥାନ ନେଇ ଏକ ନିରାପଦ ଆଶ୍ରୟସ୍ଥଳୀ ପାଲଟିଛି ? ସ୍ୱଳ୍ପକାଳୀନ ଦୃଷ୍ଟିକୋଣରୁ ବିଚାର କଲେ ଏହାର ଉତ୍ତର ହଁ ବୋଲି କୁହାଯାଇପାରେ। ଯଦିଓ ବିଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱର ବୈଦେଶିକ ମୁଦ୍ରା ଭଣ୍ଡାରରେ ଡଲାରର ଅଂଶ ୭୧ ପ୍ରତିଶତରୁ ହ୍ରାସ ପାଇ ୬୦ ପ୍ରତିଶତ ତଳକୁ ଖସିଆସିଛି ଏବଂ ବିଭିନ୍ନ ଦେଶ ଡଲାର ଉପରୁ ନିର୍ଭରଶୀଳତା କମାଇବା ପାଇଁ ପ୍ରୟାସ କରୁଛନ୍ତି, ତଥାପି ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶ କାରବାର ଆଜି ବି ଡଲାରରେ ହିଁ ହେଉଛି । ବିଶେଷ କରି ଅଶୋଧିତ ତୈଳ କିଣିବା ପାଇଁ ସମସ୍ତ ଦେଶକୁ ଡଲାରର ଆବଶ୍ୟକତା ପଡ଼ିଥାଏ । ତେଣୁ ଯେତେବେଳେ ତୈଳ ଦର ବୃଦ୍ଧି ପାଏ, ସେତେବେଳେ ଆମଦାନୀକାରୀ ଦେଶଗୁଡ଼ିକୁ ଅଧିକ ଡଲାରର ଆବଶ୍ୟକତା ପଡ଼େ, ଯାହା ଡଲାରର ଚାହିଦାକୁ ବହୁଗୁଣିତ କରିଥାଏ ।

ତେବେ ଏହାର ଅର୍ଥ ନୁହେଁ ଯେ ସୁନାର ଗୁରୁତ୍ୱ ସବୁଦିନ ପାଇଁ ଶେଷ ହୋଇଯାଇଛି । ସୁନା ବଜାରର ସବୁଠାରୁ ବଡ଼ ଏବଂ ସ୍ଥାୟୀ କ୍ରେତା ହେଉଛନ୍ତି ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ। ସେମାନେ ସୁନା କିଣିବା ଆଦୌ ବନ୍ଦ କରିନାହାନ୍ତି। ଯଦିଓ ୨୦୨୫ ମସିହାରେ ସୁନା କ୍ରୟ ପରିମାଣ ସାମାନ୍ୟ କମିଥିଲା, ତଥାପି ଏହା ଐତିହାସିକ ହାରାହାରି ଠାରୁ ଯଥେଷ୍ଟ ଅଧିକ ରହିଥିଲା। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ତଥ୍ୟ ଅନୁଯାୟୀ ୨୦୨୬ ଫେବୃଆରୀ ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପୁଣିଥରେ ବ୍ୟାପକ ମାତ୍ରାରେ ସୁନା କିଣିବା ଆରମ୍ଭ କରିଛନ୍ତି । ଏହାର ଏକ ବଡ଼ କାରଣ ହେଉଛି ଭୂ-ରାଜନୈତିକ ସୁରକ୍ଷା। ୨୦୨୨ ମସିହାରେ ୟୁକ୍ରେନ ଆକ୍ରମଣ ପରେ ଯେତେବେଳେ ଆମେରିକା ଏବଂ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ପାଶ୍ଚାତ୍ୟ ବ୍ୟାଙ୍କଗୁଡ଼ିକରେ ଥିବା ଋଷିଆର ଆର୍ଥିକ ସମ୍ପତ୍ତିକୁ ଜବତ କରିଦେଲେ, ସେତେବେଳେ ବିଶ୍ୱର ଅନେକ ଦେଶ ଅନୁଭବ କଲେ ଯେ କେବଳ ଆର୍ଥିକ ସମ୍ପତ୍ତି ଉପରେ ନିର୍ଭର କରିବା ନିରାପଦ ନୁହେଁ। ସୁନା ହେଉଛି ଏକ ଭୌତିକ ସମ୍ପତ୍ତି ଯାହାକୁ କୌଣସି ବିଦେଶୀ ଶକ୍ତି ଜବତ କିମ୍ବା ବାସନ୍ଦ କରିପାରିବ ନାହିଁ । ତେଣୁ ନିଜର ଆର୍ଥିକ ସ୍ୱାଧୀନତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ଦେଶଗୁଡ଼ିକ ନିଜର ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନାର ପରିମାଣ ବୃଦ୍ଧି କରିବାକୁ ଶ୍ରେୟସ୍କର ମଣୁଛନ୍ତି।

ଭାରତୀୟ ପ୍ରେକ୍ଷାପଟରେ ସୁନା ବଜାରର ସ୍ଥିତିକୁ ଅନୁଧ୍ୟାନ କଲେ ଏକ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳେ । ସୁନା ଦର ଅତ୍ୟଧିକ ବୃଦ୍ଧି ପାଇବା ଏବଂ ପରେ ଦ୍ରୁତ ଗତିରେ ଖସିବା କାରଣରୁ ସାଧାରଣ ଗ୍ରାହକମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ଯାହା ଫଳରେ ଅଳଙ୍କାର ବଜାରରେ ଭୌତିକ ସୁନାର ଚାହିଦା ସାମାନ୍ୟ ହ୍ରାସ ପାଇଛି। ମାତ୍ର ନିବେଶ ଦୃଷ୍ଟିକୋଣରୁ ଭାରତୀୟ ବଜାର ଏବେ ମଧ୍ୟ ବେଶ୍ ସକ୍ରିୟ ରହିଛି। ବିଶେଷ କରି ଗୋଲ୍ଡ ଏକ୍ସଚେଞ୍ଜ୍-ଟ୍ରେଡେଡ୍ ଫଣ୍ଡ୍ (ଇଟିଏଫ୍) ମାଧ୍ୟମରେ ସୁନାରେ ନିବେଶ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ରିପୋର୍ଟ ଅନୁଯାୟୀ, ଫେବୃଆରୀ ମାସରେ କ୍ରମାଗତ ଦଶମ ମାସ ପାଇଁ ଭାରତୀୟ ଗୋଲ୍ଡ ଇଟିଏଫ୍‌ରେ ସକାରାତ୍ମକ ପୁଞ୍ଜି ନିବେଶ ଦେଖିବାକୁ ମିଳିଛି। ଯଦିଓ କିଛି ନିବେଶକ ଲାଭ ଉଠାଇବା ପାଇଁ ନିଜର ସୁନା ବିକ୍ରି କରିଛନ୍ତି, ତଥାପି ନୂତନ ନିବେଶକମାନେ ଏହି କମ୍ ଦରର ସୁଯୋଗ ନେଇ ବଜାରରେ ପ୍ରବେଶ କରୁଛନ୍ତି । ଜାନୁଆରୀ ତୁଳନାରେ ଫେବୃଆରୀରେ ସୁନା ଆମଦାନୀ ୩୮ ପ୍ରତିଶତ କମିଥିଲେ ମଧ୍ୟ ଗତ ବର୍ଷର ସମାନ ମାସ ତୁଳନାରେ ଏହା ୮୦ ପ୍ରତିଶତରୁ ଅଧିକ ରହିଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଭାରତୀୟଙ୍କ ମନରେ ସୁନା ପ୍ରତି ଥିବା ଆକର୍ଷଣ ଆଦୌ କମିନାହିଁ । ଦର ସ୍ଥିର ହେବା ମାତ୍ରେ ପୁଣିଥରେ କ୍ରେତାମାନଙ୍କର ଭିଡ଼ ଦେଖିବାକୁ ମିଳିବ ବୋଲି ବଜାର ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ସୁନା ବଜାରର ଗତିପଥ କେଉଁ ଆଡ଼କୁ ଯିବ, ତାହା ସମ୍ପୂର୍ଣ୍ଣ ଭାବରେ ପଶ୍ଚିମ ଏସିଆ ସଙ୍କଟର ଭବିଷ୍ୟତ ଉପରେ ନିର୍ଭର କରେ । ଯଦି ପରିସ୍ଥିତିରେ ସୁଧାର ଆସେ ଏବଂ ଅଶୋଧିତ ତୈଳ ଦର ସ୍ଥିର ହୁଏ କିମ୍ବା ତଳକୁ ଖସେ, ତେବେ ମୁଦ୍ରାସ୍ଫୀତିର ଆଶଙ୍କା ଦୂର ହେବ । ଏହା ଫଳରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାର ବୃଦ୍ଧି କରିବାର ସମ୍ଭାବନା କମିଯିବ ଏବଂ ସୁନା ପୁଣିଥରେ ନିବେଶକମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ପାଲଟିବ । ଅନ୍ୟପକ୍ଷରେ, ଯଦି ଯୁଦ୍ଧ ଆହୁରି ଭୟଙ୍କର ରୂପ ନିଏ ଏବଂ ତୈଳ ଦର ଆହୁରି ବୃଦ୍ଧି ପାଏ, ତେବେ ବିଶ୍ୱ ଅର୍ଥନୀତି 'ଷ୍ଟାଗଫ୍ଲେସନ୍' ବା ମନ୍ଥର ଅଭିବୃଦ୍ଧି ଏବଂ ଉଚ୍ଚ ମୁଦ୍ରାସ୍ଫୀତିର ଶିକାର ହେବାର ଆଶଙ୍କା ରହିଛି। ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଷ୍ଟାଗଫ୍ଲେସନ୍ ସମୟରେ ସୁନା ସର୍ବଦା ଭଲ ପ୍ରଦର୍ଶନ କରିଆସିଛି । ବଜାର ବିଶେଷଜ୍ଞମାନଙ୍କ ମତରେ ବର୍ତ୍ତମାନର ଦର ହ୍ରାସ ଏକ ସାମୟିକ ଏବଂ ସ୍ୱାଭାବିକ ପ୍ରକ୍ରିୟା ମାତ୍ର । କୌଣସି ବି ସମ୍ପତ୍ତିର ମୂଲ୍ୟ କ୍ରମାଗତ ଭାବରେ ବୃଦ୍ଧି ପାଇନଥାଏ; ଏଥିରେ ଉତ୍ଥାନ-ପତନ ଲାଗିରହିବା ସ୍ୱାଭାବିକ। ସ୍ୱଳ୍ପକାଳୀନ ଅବଧିରେ ବଜାରରେ ଅସ୍ଥିରତା ଲାଗିରହିଥିଲେ ମଧ୍ୟ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ସୁନାର ମୂଲ୍ୟବୋଧ ଏବଂ ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହିଛି । ଭବିଷ୍ୟତରେ ଏହି ମୂଲ୍ୟବାନ ଧାତୁ ନିଶ୍ଚିତ ଭାବରେ ନିଜର ହୃତ ଗୌରବ ଫେରିପାଇବ ଏବଂ ନିବେଶକମାନଙ୍କ ପାଇଁ ଏକ ନିରାପଦ ଓ ଲାଭଦାୟକ ସମ୍ପତ୍ତି ଭାବରେ ନିଜର ସ୍ଥାନ ବଜାୟ ରଖିବ ।

# ପିଠାକୁ ମିଳୁନି ଜାତୀୟ ସ୍ୱୀକୃତି



## ବାଦଲ ଭୂୟାଁ



ଆମ ଓଡ଼ିଆ ଜନଜୀବନ ଓ ନିତିଦିନିଆ ସବୁକିଛିକୁ ଆଖି ପକାଇଲା ସମୟକୁ ସର୍ବପ୍ରଥମେ ଐତିହ୍ୟ, କଳାସଂସ୍କୃତି ସହିତ ବିଭିନ୍ନ ଖାଦ୍ୟର ମଧ୍ୟ ଅପୂର୍ବ ସଂଯୋଗ ରହିଛି। ଓଡ଼ିଆମାନେ ବେଶ ଖାଦ୍ୟପ୍ରିୟ ଓ ବର୍ଷକ ବାରମାସରେ ବିଭିନ୍ନ ପର୍ବପର୍ବାଣୀ ତଥା ସାମାଜିକ ରୀତିନୀତିରେ ପ୍ରସ୍ତୁତ ହେଉଥିବା ପିଠାପଣା ହେଉଛି ଏହାର ସବୁଠାରୁ ବଡ଼ ପ୍ରମାଣ। କେବଳ ରସଗୋଲା, ରସାବଳୀ, ମଗଜି ଆଦି ଜିଆଇ ମାନ୍ୟତା ପାଇଥିବା ମିଠା ନୁହେଁ, କିମ୍ବା ନିମାପଡ଼ା ଛେନାଚିଲ୍ଲି, ନୟାଗଡ଼ ଛେନାପୋଡ଼, ଭଦ୍ରକ ପାଲୁଅ ଲଡୁ, ସମ୍ବଲପୁର ସରସତିଆ ଭଳି ମିଠା ନୁହେଁ, ଓଡ଼ିଶାର ପର୍ବପର୍ବାଣୀ ଯାହା ବିନା ଅଧୁରା ସେଇ ଆରିସା, କାକରା, ଚୁକଳି, ଛୁଞ୍ଚିପତ୍ର, ଏଣ୍ଡୁରି, ପୋଡ଼ପିଠା, ମଣ୍ଡା, ଗଇଁଠା, ଚିତଉ ଭଳି ପିଠା ବି ଓଡ଼ିଶା ଅସ୍ମିତାର ପରିଚୟ। ହେଲେ ବିଭିନ୍ନ ଗୋଷ୍ଠୀଗତ ଓ ସରକାରୀସ୍ତରରେ ଓଡ଼ିଶାର ଖାଦ୍ୟ ବ୍ୟଞ୍ଜନ ଭାବେ କେବଳ ଓଡ଼ିଶାର ମିଠାଗୁଡ଼ିକ ଜିଆଇ ମାନ୍ୟତା ଦେବାକୁ ଉଦ୍ୟମ ହେଉଥିବା ବେଳେ ଓଡ଼ିଶାର ଗରିମାମୟ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଅଧିକ ନିଆରା କରୁଥିବା ପିଠା ଗୁଡ଼ିକୁ ଜାତୀୟ ସ୍ୱୀକୃତି ଦେବାକୁ ଯେମିତି ଆମେ ପଛଘୁଞ୍ଚା ଦେଉଛୁ।

ଭାରତ ଇତିହାସରେ 'ପିଠା' ଇତିହାସ ଖୁବ ପ୍ରାଚୀନ। ଅନ୍ୟ ରାଜ୍ୟ ଗୁଡ଼ିକ ତୁଳନାରେ ଓଡ଼ିଶାରେ ପିଠାର ସ୍ଥାନ ସ୍ୱତନ୍ତ୍ର। ବାହାଘର ଠାରୁ ଆରମ୍ଭ କରି ଶୁଦ୍ଧିକ୍ରିୟା ଯାଏଁ, ସବୁ କାମରେ ପିଠାକୁ ଖୋଜା ପଡ଼େ। ଓଡ଼ିଆଙ୍କ ଇଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥ ପିଠା ପ୍ରିୟ। ଏଣୁ ଶ୍ରୀମନ୍ଦିରର ଛପନ ପଉଟି ଭୋଗ ମଧ୍ୟରେ ଭିନ୍ନ ଭିନ୍ନ ପିଠାର ବର୍ଣ୍ଣନା ରହିଛି। ଏଣୁ ଆମ ପିଠାର ଇତିହାସ କେତେ ପୁରୁଣା ସେ ନେଇ ଆମ ପାଖରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ଆରିସା, ପୋଡ଼ପିଠା, ମଣ୍ଡା ଓ କାକରା ଆଦି ରଜ, ଦଶହରା ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ବିକ୍ରି ବି ହେଉଛି। ଏଣୁ ଆମ ଐତିହ୍ୟର ପରିଚୟ ଏହି ପିଠାଗୁଡ଼ିକ ଜିଆଇ ମାନ୍ୟତା ଦେବାରେ ଅସୁବିଧା କେଉଁଠି ରହିଛି ଏହି ପ୍ରଶ୍ନ ପ୍ରତିଟି ଓଡ଼ିଆଙ୍କ ଭିତରେ ଉଠୁଛି ଏବଂ ଏହା ଉଠିବା ମଧ୍ୟ ସ୍ୱାଭାବିକ।

ଏହା ଏକ ସ୍ୱାଭାବିକ କଥା ଯେ ଆମର ପିଠା ସବୁ ପ୍ରତିଟି ଓଡ଼ିଆ ଘରେ ତିଆରି ହୁଏ। ସବୁ ଘରର ସ୍ୱାଦ ସମାନ। ଏହାକୁ ଓଡ଼ିଶା ବାହାରେ ବି ତିଆରି କଲେ ସମାନ ସ୍ୱାଦ ରହିବ। ଏଣୁ ଏହାର ଆଞ୍ଚଳିକ ଭିତ୍ତିରେ ସ୍ୱତନ୍ତ୍ର ସ୍ୱାଦ ନାହିଁ। ଏହା ଉପରେ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକେ ଆର୍ଥିକ ଭାବେ ମଧ୍ୟ ନିର୍ଭରଶୀଳ ନୁହନ୍ତି। ଯେମିତି କଟକ, ଜଗତସିଂହପୁର, ନିମାପଡ଼ା, ପୁରୀ ଆଦିର ଛେନା ସ୍ୱତନ୍ତ୍ର। ଏଣୁ ଏହି ଛେନାରୁ ପ୍ରସ୍ତୁତ ଛେନାଝିଲ୍ଲି ଓ ରସଗୋଲାର ସ୍ୱାଦ ସ୍ୱତନ୍ତ୍ର। ଅନ୍ୟତ୍ର ଏକ ଛେନାଝିଲ୍ଲି ବା ରସଗୋଲା ତିଆରି କଲେ ସେଇ ସମାନ ସ୍ୱାଦ ଆସିବ ନାହିଁ। ସେହିଭଳି ଢ଼େଙ୍କାନାଳ ମଗଜି ମଇଁଷି କ୍ଷୀର ଛେନାରେ ପ୍ରସ୍ତୁତ ଯୋଗୁ ଏହାର ସ୍ୱାଦ ଭିନ୍ନ ଓ ସ୍ୱତନ୍ତ୍ର। ଏଥିସହ ଏହି ସବୁ ଉତ୍ପାଦ ଏକ ସ୍ୱତନ୍ତ୍ର ଶୈଳୀରେ ଓ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହୋଇଥାଏ। ଏକ ଉତ୍ପାଦ ଗୋଷ୍ଠୀ ଏହାକୁ ରୋଜଗାର ମାଧ୍ୟମ କରି ବଞ୍ଚନ୍ତି। ଏଣୁ ଏସବୁ ଉତ୍ପାଦ ଜିଆଇ ମାନ୍ୟତା ପାଇବା ଯୋଗ୍ୟ। କିନ୍ତୁ ଓଡ଼ିଶାର ପିଠାଗୁଡ଼ିକ ଜିଆଇ ମାନ୍ୟତା ମିଳିବା ଉପରେ ସମ୍ଭାବନା କମ ରହୁଛି। ହେଲେ ଆରିସା ପିଠା ଏ ଭିତରୁ ଭିନ୍ନ। ଆରିସାର ଭିନ୍ନ ଇତିହାସ ରହିଛି। ଏହା ଏକ ସ୍ୱତନ୍ତ୍ର ଗୋଷ୍ଠୀ ବିକ୍ରି ବି କରୁଛନ୍ତି। ଇତିହାସ କହୁଛି, ଜ୍ଞାନପ୍ରାପ୍ତି ପରେ କ୍ଷୁଧାର୍ତ୍ତ ଗୌତମ ବୁଦ୍ଧଙ୍କୁ ଓଡ଼ିଶାର ଦୁଇ ସାଧବ ପୁଅ ତ୍ରିପୁଷ ଓ ଭଲ୍ଲିକ ମହୁ ଓ ଚାଉଳ ପ୍ରସ୍ତୁତ ପିଠା ଭୋଜନ କରାଇଥିଲେ। ଇତିହାସରେ ବର୍ଣ୍ଣିତ ଏହି ପିଠା ଆରିସା ବୋଲି ଐତିହାସିକମାନେ କୁହନ୍ତି। ଏହି ସାଧବ ପୁଅମାନେ ୫୦୦ଟି ଶଗଡ଼ରେ ପଣ୍ୟ ଘେନି ମଗଧ ଅଭିମୁଖେ ଯାତ୍ରା କରୁଥିଲେ। ଅର୍ଥାତ୍ ସେମାନେ ସେଥିରେ ଆରିସା ବିକ୍ରି ପାଇଁ ନେଇ ଥାଇପାରନ୍ତି। ଏବେ ବହୁତ ଏସଏଚଜି ଆରିସା ପ୍ରସ୍ତୁତ କରି ବିକ୍ରି କରିଛନ୍ତି।

ଏଣୁ ଆରିସାକୁ ଜିଆଇ ମାନ୍ୟତା ପାଇଁ ଆବେଦନ କରାଯାଇପାରେ। କିନ୍ତୁ ଏହା ପୂର୍ବରୁ କେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହା ପ୍ରସ୍ତୁତ ହେଉଛି, ଉତ୍ପତ୍ତି, ପ୍ରସ୍ତୁତି ପ୍ରଣାଳୀ, କେତେ ଲୋକେ ଏହାକୁ ରୋଜଗାରର ମାଧ୍ୟମ କରିଛନ୍ତି ଏସବୁର ଠିକ ନିର୍ବିବାଦୀୟ ଦସ୍ତାବିଜ ପ୍ରସ୍ତୁତିର ଆବଶ୍ୟକତା ରହିଛି। ଏଥିପାଇଁ ଗଭୀର ଗବେଷଣା ଓ ତଥ୍ୟଗତ ଅନୁଶୀଳନ ଆବଶ୍ୟକ। ତେବେ ଯାଇ ଏହାକୁ ଜିଆଇ ମାନ୍ୟତା ପାଇଁ ଆବେଦନ କରାଯାଇପାରେ। ଆଜି ବିଭିନ୍ନ ଷ୍ଟାର୍ଟଅପ୍ ଯୁବ ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ସଂଗଠନମାନେ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରି ବେଶ ସ୍ୱାବଲମ୍ବୀ ହେବା ସହ ଓଡ଼ିଆ ପିଠାପଣାର ଆଦର ବଢ଼ିଛି। ତେବେ ପାରମ୍ପରିକ ଭାବେ ପିଠାକୁ ଜାତୀୟ ମାନ୍ୟତା ମିଳିଲେ ଏହା ଅଧିକରୁ ଅଧିକ ବିଶ୍ୱର ବିଭିନ୍ନ ସ୍ଥାନରେ ପହଞ୍ଚିବା ସହ ଅଧିକ ଲୋକାଦୃତ ହୋଇପାରିବ।

ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ
ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ୍, ପୁରୁଣା ସୋନାରୀ,
ଜାମସେଦପୁର,
ମୋ: ୭୪୮୮୯୯୮୫୩୨

# ନିଶାମୁକ୍ତ ପରିବାରର ଆବଶ୍ୟକତା



## ଅର୍ଜୁନ ଘଡ଼େଇ

ନିଶା, ପଶା ଓ ବେଶ୍ୟାସକ୍ତ ମଣିଷର ଦୁର୍ବିସହ ଜୀବନ ଯନ୍ତ୍ରଣାର ନିଛକ ଚିତ୍ର ଆମେ ଆମ ସମାଜରେ ଦେଖୁଛେ। ନିଶା ପାନରେ ଉନ୍ମତ୍ତ ଯଦୁବଂଶ ଧ୍ୱଂସ ହେବା, ଦ୍ୟୁତି କ୍ରୀଡା ବା ପଶା ଖେଳରେ ଆସକ୍ତ କୁରୁ-ପାଣ୍ଡବ ବଂଶର ରକ୍ତାକ୍ତ ସମରର କରୁଣ ପରିଣତି ଆମେ ପୁରାଣରୁ ପଢ଼ିଛେ। ବେଶ୍ୟାସକ୍ତ ମଣିଷର ପାରିବାରିକ ଜୀବନରେ ବିଶୃଙ୍ଖଳା ଓ ସଭ୍ୟ ସମାଜରେ ନିର୍ଲ୍ଲଜ ଭାବେ ଜୀବନ ଧାରଣ କରିବା ସହ ଅମାନବିକ ବି ଲକ୍ଷଣକୁ ଅନୁଭବ କରିଛେ। ଏ ସବୁ କେବଳ ଆମର ଅସୁସ୍ଥ ମାନସିକତା ଓ ସାମାଜିକ ଅବ୍ୟବସ୍ଥା ଯୋଗୁ ଯେ ଘଟୁଛି ଏହା ନିଶ୍ଚିତ। କିନ୍ତୁ ଆମ ପାଖରେ ପୁରାଣ ଶାସ୍ତ୍ରର ଅବିଶ୍ୱାସନୀୟ ବର୍ଣ୍ଣନା ବେଳେବେଳେ ନିଶା ସେବନ ର ସପକ୍ଷ ଓ ବିରୁଦ୍ଧାତ୍ମକ ମତ ଅନେକ ବି ରହିଛି। ରାକ୍ଷସମାନେ ନିଜର ଚାରିତ୍ରିକ ଦୁର୍ଗୁଣ ଯୋଗୁ ନିଶା ସେବନ କରୁଥିଲେ। ଦେବତାମାନେ ମଦିରା ପାନରେ ଉନ୍ମତ୍ତ ହୋଇ ଅପ୍ସରାମାନଙ୍କ ସହ ନୃତ୍ୟ ଗୀତରେ ମସ୍‌ଗୁଲ ହେଉଥିଲେ। ରାଜାରାଜୁଡ଼ା ଶାସନ ସମୟରେ ରାଜକୀୟ ଢଙ୍ଗରେ ମଦ୍ୟପାନର ଆସର ଏବଂ ରୂପବତୀ ଯୁବତୀ ମାନଙ୍କ ସହ ରଂଗ, ସଂଗରେ ଆମୋଦ, ପ୍ରମୋଦ କରିବା ଆମେ ଇତିହାସରୁ ପଢିଛେ। ଏସବୁ ର ବ୍ୟବହାର ସେମାନଙ୍କ ପାଇଁ କେତେ ଆବଶ୍ୟକତା ଥିଲା ତାହା ବିଚାର କରିବା ଆମ ପକ୍ଷେ ସମ୍ଭବ ନୁହେଁ। ତେବେ ଆଜିର ସମାଜରେ ଏସବୁର ଗ୍ରହଣୀୟତା ଏତେ ବଢିଯାଇଛି ଯେ ଏହାକୁ ଆଭିଜାତ୍ୟ, ପରମ୍ପରାର ରୂପ ଦେଇ ଆମେ ବହୁଳ ଭାବେ ବ୍ୟବହାର କରିବାକୁ ପଶ୍ଚାତପଦ ହେଉନାହୁଁ। ଗଞ୍ଜେଇ, ଭାଙ୍ଗ, ମଦ, କୋକେନ୍, ଚରସପରି ଅନେକ ପ୍ରକାର ମାଦକ ଦ୍ରବ୍ୟର ସେବନ ଆମ ସମାଜର ସବୁ ବର୍ଗର ଲୋକଙ୍କୁ ଆକୃଷ୍ଟ କରିସାରିଲେଣି। ଛୋଟ ପିଲାଠାରୁ ଆରମ୍ଭ କରି କିଶୋର, ଯୁବକ ଓ ବୟସଙ୍କ ପର୍ଯ୍ୟନ୍ତ ସମସ୍ତେ ଯେମିତି ନିଶାସକ୍ତ ହେବାକୁ ଉଚିତ ମନେ କରୁଛନ୍ତି। ଏହାର ଭୟାବହ ପରିଣତି ପ୍ରତି ଆମର ଭ୍ରୂକ୍ଷେପ ନାହିଁ କିମ୍ବା ଆମେ ସଚେତନ ହେଉନାହୁଁ। ନିଶା ସେବନ ଫଳରେ ଯେ ଆମର ସୁନ୍ଦର ଜୀବନ ଶୀଘ୍ର ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଛି ଏହା ବୁଝିବାରେ ଆମେ ଅକ୍ଷମ। ଅନେକ ସୁନ୍ଦର ପରିବାର ଉଜୁଡ଼ିଯାଉଛି ଏହା ଆମ ଅନୁଭବର ବାହାରେ। ଆଲେଖ୍ୟଟିରେ ନିଶାସକ୍ତ ବ୍ୟକ୍ତିଟିଏ ପାଇଁ ପରିବାରରେ ସୃଷ୍ଟି ହେଉଥିବା ଅସନ୍ତୋଷ, ନଷ୍ଟ ହେଇଯାଉଥିବା ସାଂସାରିକ ଜୀବନ, ଆଘାତ ପ୍ରାପ୍ତ ହେଉଥିବା ପାରିବାରିକ ଆତ୍ମସମ୍ମାନ କିପରି ଆମକୁ ମାନସିକ ସ୍ତରରେ କ୍ଷତାକ୍ତ କରୁଛି ତାହାହିଁ ଆଲୋଚ୍ୟ ବିଷୟ।

ନିଶା ସେବନ ଆମର ଶରୀରକୁ କେବଳ ଦୁରାରୋଗ୍ୟ ବ୍ୟାଧିର ଶୀକାର କରେନି ଏହା ମାନସିକ ବିଭ୍ରାନ୍ତି, ବିଚାରଧାରାରେ ଅସନ୍ତୁଳନ, ସାମାଜିକ ସଂପର୍କରେ ବ୍ୟାହାତ, ସର୍ବୋପରି ସାଂସାରିକ ଜୀବନରେ ତିକ୍ତତା ସୃଷ୍ଟି କରେ। ନିଶା ସେବନ କରି ପରିବାର ଭିତରେ ଚଳପ୍ରଚଳ କରୁଥିବା ବ୍ୟକ୍ତିଟିର ଆଚରଣ, ଉଚ୍ଚାରଣକୁ ଅନ୍ୟମାନେ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। ଘୃଣା ଚକ୍ଷୁରେ ଦେଖନ୍ତି। ଏହା ଫଳରେ ପରିବାରରେ ବ୍ୟକ୍ତିଟି ନିଜେ ଏକ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୁଏ। ଅଳ୍ପ ବୟସର ଛୋଟଛୋଟ ପିଲାଙ୍କର ସ୍ନେହ, ଶ୍ରଦ୍ଧା, ସମ୍ମାନ ପ୍ରାପ୍ତିରୁ ବଂଚିତ ହୁଏ। ଅପରପରେ ସେମାନଙ୍କର ମଧ୍ୟ ନିଶା ବିଷୟରେ ଜିଜ୍ଞାସା ସୃଷ୍ଟି ହୁଏ। ଫଳତଃ ସମୟ କ୍ରମେ ସେମାନେ ବି ଏଥିପ୍ରତି ଆକର୍ଷିତ ହୁଅନ୍ତି। ଯଦି ପରିବାର ମୁଖ୍ୟ ବ୍ୟକ୍ତି ଜଣଙ୍କ ଏପରି ଦୁଃଷ୍କର୍ମର ଶୀକାର ହୋଇପଡନ୍ତି ତାର ପରିଣାମ ସମୁଦାୟ ପରିବାର ଲୋକଙ୍କୁ ଭୋଗୀବାକୁ ପଡ଼େ। ସ୍ୱାମୀଟିର ମଦ୍ୟପାନ ଜନିତ ବ୍ୟବହାରରେ ସ୍ତ୍ରୀ ତ ସର୍ବଦା ଅସୁଖୀ ହୁଅନ୍ତି ଏପରିକି ଏହି କାରଣରୁ ଆଜୀବନ ସ୍ୱାମୀ ସୁଖରୁ ବଂଚିତ ହୋଇ 'ଛାଡ଼ପତ୍ର' ପରି ବିକଳ୍ପ ବାଛି ନେବାକୁ ମନସ୍ଥ କରିଥାନ୍ତି। ବନ୍ଧୁ ବାନ୍ଧବ, ଜ୍ଞାତିକୁଟୁମ୍ବମାନେ ସେହି ବ୍ୟକ୍ତିଟି ସହ ସଂପର୍କ ରଖିବାକୁ ଆଗ୍ରହ ପ୍ରକାଶ କରିନଥାନ୍ତି। ଏହା ଫଳରେ ବ୍ୟକ୍ତିଟି ପାରିବାରିକ ଓ ସାମାଜିକ ସଂପର୍କ ବ୍ୟାହତ ହୁଏ। ଭଲ ପାଉଥିବା ସାଙ୍ଗ ସାଥୀ ଦୂରେଇ ଯା'ନ୍ତି। ସମଚିନ୍ତାଧାରାର ସାଥୀମାନେ ଆହୁରି ନିବିଡ଼ ସଂପର୍କ ସ୍ଥାପନ କରି ଜୀବନରେ ବିଷମୟ ପରିସ୍ଥିତି ସୃଷ୍ଟି କରିବାରେ ସକ୍ଷମ ହୋଇଥାନ୍ତି। ସମାଜରେ ନିଶାସକ୍ତ ବଂଧୁମାନଙ୍କ ସହିତ ସଂପର୍କ ବେଶୀ ସୃଷ୍ଟି ହୁଏ। ରକ୍ତ ସଂପର୍କଠାରୁ ନିଶାସକ୍ତ ବ୍ୟକ୍ତିଟି କ୍ରମଶଃ ଦୂରେଇଯାଏ।

ଯଦି ନିଶାସେବନ କରୁଥିବା ବ୍ୟକ୍ତିଟି ରୋଜଗାରକ୍ଷମ ହୋଇଥାଏ ତେବେ ଚାକିରି, ବ୍ୟବସାୟ କି କୃଷିକ୍ଷେତ୍ରରୁ ଅର୍ଥ ଉପାର୍ଜନ କରିବାର କ୍ଷମତା ହରାଇଥାଏ। ବୃତ୍ତି ଉପରେ ଗଭୀର ପ୍ରଭାବ ପଡ଼ିବା ଫଳରେ ବ୍ୟକ୍ତିଟି ଆର୍ଥିକ ଦୃଷ୍ଟିରୁ ଅନେକ କ୍ଷତିର ସମ୍ମୁଖୀନ ହୁଏ। ପରିବାରରେ ଆର୍ଥିକ ସଂକଟ ସୃଷ୍ଟି ହୁଏ। ନିଜର ଆର୍ଥିକ ଅନାଟନ ସହ ପରିବାର ଅନ୍ୟସମସ୍ତଙ୍କୁ ଏହି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ବାଧ କରେ। ଏହା ଦ୍ୱାରା ପରିବାରର ଯେ କେତେ କ୍ଷତି ହୁଏ ସେ ବୁଝିପାରେ ନାହିଁ। ଆର୍ଥିକ ଦୁରାବସ୍ଥାରୁ ମୁକ୍ତିପାଇଁ ସେ ଯେତେ ଚେଷ୍ଟା କରେ ବି ନିଶା ପାନ ଦିଗରେ ଅଭ୍ୟାସଗତ ଭାବରେ ଅର୍ଥ ବ୍ୟୟ କରିଚାଲେ।

ସବୁଠାରୁ ବଡ଼ କ୍ଷତି ହେଉଛି ପରିବାରରେ ଚଳୁଥିବା ଜ୍ଞାନୀ, ଗୁଣି, ଆତ୍ମ ସମ୍ମାନ ଥିବା ବ୍ୟକ୍ତି ବିଶେଷମାନଙ୍କର। ସେମାନଙ୍କ ସହ ପରିବାରର ସମସ୍ତଙ୍କ ଆତ୍ମସମ୍ମାନରେ ଆଘାତ ସୃଷ୍ଟି ହୁଏ। ସମାଜରୁ ପରିବାର ପ୍ରତି ଓ ସେହି ବ୍ୟକ୍ତିଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ, ଆକ୍ଷେପ, ଆଦି ଅସହ୍ୟ ପରିସ୍ଥିତି ସୃଷ୍ଟି କରେ। ଛୋଟ ପିଲାଟି ସ୍କୁଲରେ 'ମଦୁଆର ପୁଅ', ସମାଜରେ ମୁଣ୍ଡଟେକି ଚାଲୁଥିବା ବାପାଟି 'ମଦୁଆର ବାପା' ଏମିତି ସମସ୍ତେ ଅନେକ କଟୁକ୍ତି ଶୁଣିବାକୁ ବାଧ ହୁଅନ୍ତି। ପତ୍ନୀ ତ ସବୁଠାରୁ ଅଧିକ ଶୁଣନ୍ତି।

ପାନ, ବିଡ଼ିଠାରୁ ଗଞ୍ଜେଇ, ମଦ ପର୍ଯ୍ୟନ୍ତ ଛୋଟରୁ ବଡ଼ ନିଶା ସେବନ କରିବାର କୁ ଅଭ୍ୟାସ ମଣିଷର ସାମଗ୍ରିକ ଜୀବନଯାତ୍ରା ପଥରେ କେବଳ କଣ୍ଟକିତ ରାସ୍ତାଟିଏ ସୃଷ୍ଟି କରେନି, ଏହାର ପ୍ରଭାବ ପରିବାର ସଦସ୍ୟଙ୍କଠାରୁ ସମାଜ ପର୍ଯ୍ୟନ୍ତ ଅନେକ ବ୍ୟକ୍ତିଙ୍କ ଜୀବନକୁ ଯେ କଳୁଷିତ, ବିଷାଦମୟ କରିଦିଏ ଏହା ଆମେ ବୁଝିବା ଉଚିତ। ବେଳେବେଳେ ନିଶାସକ୍ତ ହୋଇ ଅନ୍ୟ ଉପରେ ଆକ୍ରମଣ, ଲୁଣ୍ଠନ କରି ଅର୍ଥ ଉପାର୍ଜନ କରି ଘରକୁ ଫେରୁଥିବା ବ୍ୟକ୍ତିଟିକୁ ଆମେ ପ୍ରୋତ୍ସାହିତ କରୁ। ଏପରି କୁତ୍ସିତ କାର୍ଯ୍ୟ କରିବାକୁ ବାରଣ କରୁନା। ଏହା ଫଳରେ ସେ ଆହୁରି ଉତ୍ସାହିତ ହୁଏ। ଅଜଣାତରେ ବା ଜାଣତରେ ଘଟିଯାଉଥିବା ଅନେକ ବିଷମ ସମସ୍ୟାର ସମ୍ମୁଖୀନ ହେବାକୁ ସମୟ କି ବୟସ ଆମକୁ ସୁଯୋଗ ଦିଏ। ନିଶାରୁ ମୁକ୍ତି ପରିବର୍ତ୍ତେ ମୃତ୍ୟୁ ଆଡ଼କୁ ଆମେ ଟାଣି ହୋଇଯାଉ। ଆମ ପରିବାର ସମସ୍ତ ସୁଖ, ସମୃଦ୍ଧି ନଷ୍ଟ ହୋଇଯାଏ। ଏଥିପାଇଁ ଯେତେ ସଚେତନ କରାଗଲେ ବି ଅନେକ ସାମାଜିକ ବ୍ୟବସ୍ଥା ଆମକୁ ନିଶାସେବନ କରିବାକୁ ବାଧ କରୁଛି। ଯେ କୌଣସି ଭୋଜୀ, ଭାତ, ମନୋରଞ୍ଜନ କାର୍ଯ୍ୟରେ ଏହାର ଗୁରୁତ୍ୱ ବଢିଯାଉଛି। ଏହାହିଁ ସାମାଜିକ ଜୀବନରେ ନିଛକ ସତ୍ୟ। ପ୍ରତିବାଦ କି ପ୍ରତିକାର ବ୍ୟବସ୍ଥା ନାହିଁ।

ପରିବାରର ଯେ କେହି ସଦସ୍ୟଙ୍କୁ ନିଶାସେବନ ପରି କୁତ୍ସିତ କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ପ୍ରଥମେ ପରିବାର ଲୋକେ ହିଁ ବିଚାର ବିମର୍ଷ କରି ଠିକ୍ ବାଟକୁ ଆଣିବାର ପ୍ରୟାସ କରନ୍ତୁ। ଆମ ରକ୍ତର ସଂପର୍କୀୟଙ୍କୁ କୁମାର୍ଗରୁ ଫେରାଇ ଆଣିବାର ମାର୍ଗ ନିଜେ ପ୍ରସ୍ତୁତ କଲେ ଆମ ପରିବାର ସଜାଡ଼ି ହେଇଯିବ। ସୁଖ, ଶାନ୍ତିରେ ବଂଚିବାର ସୁଯୋଗ ମିଳିବ। ଅନ୍ୟମାନଙ୍କୁ କେବଳ ଦୋଷ ଦେଇ ନିଜକୁ ଏକ ନିରାପଦ ଦୂରତ୍ୱରେ ରଖିଲେ ବିପଦମୁକ୍ତ ପାରିବାରିକ ଜୀବନ ପାଇବା ଅସମ୍ଭବ ଏହା ଆମେ ବୁଝିବା ଜରୁରୀ। ପରିବାରକୁ ଗୋଟିଏ ବୃକ୍ଷ ସହ ତୁଳନା କଲେ ଦେଖିବା ଯେ ଏକ ସୁସ୍ଥ, ସବଳ ବୃକ୍ଷ ସୁନ୍ଦର ଫୁଲ, ପୁଷ୍ପ ପ୍ରଦାନରେ ସମର୍ଥ ହୋଇଥାଏ। ଏହାର କୌଣସି ଶାଖା ପ୍ରଶାଖା କୀଟ ଦ୍ରଷ୍ଟ କିମ୍ବା ରୋଗାକ୍ରାନ୍ତ ହେଲେ ସମୁଦାୟ ବୃକ୍ଷ ଉପରେ ହିଁ ଏହାର ପ୍ରଭାବ ପଡ଼ିଥାଏ। ସେହିପରି ପରିବାରର ଯେକେହି ସଦସ୍ୟ ନିଶାସକ୍ତ ହେଲେ ସମୁଦାୟ ପରିବାର ଉପରେ ଏହାର ପ୍ରଭାବ ପଡ଼େ। ଦୁଃଖ, ଯନ୍ତ୍ରଣାରେ ଜର୍ଜରିତ ପରିବାର କେବଳ ଏହି ଦୁଷ୍କର୍ମର ଶୀକାର ହୁଏନି ବରଂ ଏହା ପାଶ୍ୱବର୍ତ୍ତୀ ପରିବାରକୁ ପ୍ରଭାବିତ କରି ସାମାଜିକ ଶୃଙ୍ଖଳାକୁ ବ୍ୟାହତ କରେ। ତେଣୁ ନିଶାମୁକ୍ତ ପରିବାର ହିଁ ସୁସ୍ଥ ସମାଜ ଗଠନରେ ସହାୟତା କରିଥାଏ ସ୍ୱୀକାର୍ଯ୍ୟ। ସମାଜର ପ୍ରତ୍ୟେକ ସ୍ତରରେ ଏଥିପାଇଁ ଉଦ୍ୟମ, ପ୍ରଚେଷ୍ଟା ରହିବା ବାଞ୍ଛନୀୟ।

ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ
ପ୍ରଧାନଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ-୯୪୩୮୦୪୮୬୧୫

କବିତା କୋଣାର୍କ

# ମୁଁ ତୋ ଷୋହଳ ଶୃଙ୍ଗାର

## ଜଗମୋହନ ପ୍ରଧାନ



ଗଭାରେ ଗଜରା ସାଜିବି ତୋହରି
ମହକ ମୁଁ ଦେବି ଭରି,
ମଥାରେ ସିନ୍ଦୁର ସାଜିବି ତୋହରି
ଲାଗିବୁ ସଧବା ଗୋରି।

ତୋ ଗଳାରେ ମଙ୍ଗଳସୂତ୍ର
ହେବି ମୁଁ
ହାତରେ ହେବି ଲୋ ଚୁଡ଼ି,
ପାଦରେ ପାଉଞ୍ଜି କାନରେ ଝୁମୁକା
ଦେହରେ ବନିବି ଶାଢ଼ୀ।

ନାକରେ ନୋଥ ମଥାରେ ମଥା ମଣି
ଅଣ୍ଟାରେ ହେବି କିଙ୍କିଣି,
ପାଟ ଶାଢ଼ୀ ସାଥେ ସଜେଇ ଦେବି ଲୋ
ମୁଣ୍ଡରେ ହୋଇ ଓଢ଼ଣୀ।

ପାଦରେ ଅଳତା ହାତରେ ମେହେନ୍ଦି
ଦେହେ ଭରିବି ଅତର,
ଓଠରେ ନାଲି ଲୋ ଆଖିରେ କଜଳ
ମୁଁ ତୋ ଷୋହଳ ଶୃଙ୍ଗାର।
ସ୍ୱପ୍ନ ମୁଁ ସାଜିବି ଆଖିରେ ଲୋ ଗୋରି
ଓଠରେ ସାଜିବି ହସ,
ପ୍ରେମ ଭରା ସ୍ୱପ୍ନ ନିତି ଦେଖାଇବି
ଚେହେରାରେ ଦେବି ଲାଜ।

ଦର୍ପଣ ଆଗରେ ଦେଖୁ ଥିବୁ ମୋତେ
ଦେହରେ ସଜେଇ ଦେଇ,
ଲାଜେଇ ଲାଜେଇ ହସିବୁ ଲୋ ଗୋରି
ଓଢ଼ଣା ଫାଙ୍କରୁ ଚାହିଁ।

ସଜେଇ ଦେବି ଲୋ ସଧବା ବେଶରେ
ତୋର ଏହି ଶରୀରକୁ,
ପ୍ରେମ ରାଇଜରୁ ପ୍ରେମ ସ୍ୱପ୍ନ ଆଣି
ଭରି ଦେବି ହୃଦୟକୁ।

ସବୁ ଦିନ ଗୋରି ସଜେଇ ହବୁ ଲୋ
ମୋତେ ତୁ ଦେହରେ ନେଇ,
ସବୁ ଦିନ ପାଇଁ ରହି ଯିବି ସାଥେ
ଷୋହଳ ଶୃଙ୍ଗାର ହୋଇ।

+ଶକୁନ୍ତଳାପୁର,ଯାଜପୁର

# ମଧୁମାଳତୀର ମଉଳା ମହକ

## ପ୍ରଶାନ୍ତ କୁମାର ଦାଶ

ମଧୁମାଳତୀର ମଉଳା ମହକ
ଘରସାରା ଖେଳୁଥାଏ
କାଉ କୁମ୍ଭାଟୁଆ ଡାକରେ ଯାମିନୀ
ବହୁଦୂରେ ଲୁଚିଯାଏ ।।

ଅନ୍ଧାର ହଟେଇ ହସିଦିଏ ଆସି
ସଜ ସକାଳଟି ସଖୀ
ନୀଦ୍ରେ ଶୋଇ ଦେଖଇ ସପନ
ନିଦମଖା ମୋର ଆଖି ।।

ମାନିନୀ ଗୋ ମାନ କରନାହିଁ ଆଉ
ମୋଠାରୁ ଦୂରରେ ରହି
ରୂପବତୀ ରାତି ହେ୍ୱ ଝଲମଲ
ତୁମେତ ଫେରିଲେ ସହୀ ।।
ମହୁଲି ମଦର ମାଦକରେ ପ୍ରିୟା
ଘୋଷୁଚି ପ୍ରୀତିର ମନ୍ତ୍ର
ସତେକି କରିଛ ମତେକି ସଜନୀ
ମୋହିନୀ ମାୟାର ତନ୍ତ୍ର ।।

ତୁମ ତନୁ ମନ ହୃଦ ଉପବନ
ପ୍ରଣୟ ଫୁଲର ରସ
ପିଇଲେ ହେବି ମୁଁ ପ୍ରୀତି ଶାନ୍ତିମୟ
ଅଧରୁ ଛୁଟାଇ ହସ ।।

ଛାତିତ ମୋହର ମୋତିର ମହଲ
ଚାରୁ ଚିତ୍ରମୟ ସାଥୀ
ହୃଦୟ ବେଦୀରେ କାଟିଦେବା ଆମେ
ପ୍ରଣୟର ତମ ରାତି ।।

ମୁହଁ ଛପାଦେଇ ଆଉ ଲୁଚନାହିଁ
ବିଚ୍ଛେଦକୁ କର ଶେଷ
ଦେଖି ଖୁସୀହେବି ସାଜିଲେ ପ୍ରିୟାଗୋ
ପ୍ରୀତି ପ୍ରଣୟିନୀ ବେଶ ।।

+କୁଞ୍ଜର -ସଙ୍ଗଲାଇ, ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦





# ମଶା ମାଛିଙ୍କ ବିଚାର ବିଗିଡ଼ିଗଲା

## ରମେଶ ଚନ୍ଦ୍ର ଦାଶ



ଦିନେ ମଶାଟିଏ ବୁଲୁଥାଏ। ଏତିକିବେଳେ ମାଛିଟିଏ ସହିତ ଦେଖାହେଲା। ମାଛି କହିଲା, "ମଶା, ତୁ ତ ରାତିରେ ବୁଲୁ ଏବେ ଦିନଟାରେ ବୁଲୁଛୁ କାହିଁକି? ମୋ ଖାଦ୍ୟରେ ତୋର ଆଶା ନା କ'ଣ ?" ତା କଥା ଶୁଣି ମଶା ହସି କହିଲା, "ବୁଝିଲୁରେ ମାଛି, ଆଜିକାଲି ଲୋକମାନେ ଭାରି ଚାଲାକ ହୋଇଗଲେଣି। ସେମାନେ ରାତିରେ ପରା ମଶାରୀ ଟାଣି ଶୋଉଛନ୍ତି ତେଣୁ ଖାଦ୍ୟ ପାଇବି କୁଆଡୁ ? ତେଣୁ ଦିନରେ ବୁଲୁଛି"

ମାଛି କହିଲା, "ମୁଁ ତ ସେଇକଥା କହୁଛି। ଦିନରେ ମୋ ଖାଦ୍ୟ ଉପରେ ତୋର ନଜର ପଡ଼ିଲେଣି। ହେଲେ ମୁଁ ତୋତେ ଛାଡ଼ିବିନି। ଯାହା ହେଉଛି ହୋଇଯାଉ ପଛେ।" ମଶା ହସିଲା ଓ କହିଲା, "ତୋତେ ବି ଦେଖିଲେଣି, ତୁ ବି ରାତିରେ ବୁଲିବା ଆରମ୍ଭ କଲୁଣି।" ଏକଥା ଶୁଣି ମାଛିର ମୁହଁ ଶୁଖିଗଲା। ସେ କହିଲା, "ସତ କହୁଛିରେ ମଶା। ମଣିଷମାନେ ମୋତେ ବି ଦିନରେ ପାଖ ପଶେଇ ଦେଉନାହାନ୍ତି। ସେମାନେ ଯେଉଁ ଡହ ଡହ ତାତିଲା ଖାଦ୍ୟ ଖାଉଛନ୍ତି ନହେଲେ ବରଫ ଭଳି ଥଣ୍ଡା ଖାଉଛନ୍ତି ମୁଁ ତାର ପାଖ ମାଡ଼ି ପାରୁନାହିଁ। ସେଥିପାଇଁ ମୁଁ ଆଉ କ'ଣ କରିବି ? ସେମାନେ ଯେଉଁ ଉଜ୍ଜ୍ୱଳ ଆଲୁଅ ଲଗାଉଛନ୍ତି ସେଥିରେ ମୋତେ ନିଦ ହେଉନି ତେଣୁ ମୁଁ ଚାଲିଆସୁଛି।"

ମଶା କହିଲା, "ତେବେ ତୋର ଅବସ୍ଥା ଯାହା ମୋର ଅବସ୍ଥା ସେଇଆ। ଚାଲ ଚାଲ ଗୋଟିଏ ଜାଗାରେ ବସି ଏ ମଣିଷଗୁଡ଼ାଙ୍କୁ କେମିତି ପାନେ ଦେବା ତାର ଯୋଜନା କରିବା।" ମାଛି କହିଲା, "ଏହା ଅତି ଉତ୍ତମ କଥା। ସେମିତି ଦେଖିଲେ ଆମେ ଗୋଟିଏ ଜାତିର। ତେଣୁ ଆତ୍ମମାନଙ୍କ ସୁରକ୍ଷା କଥା ଆମେ ଚିନ୍ତା ନକଲେ ଆଉ କିଏ କରିବ।"

ସେମାନେ ଗୋଟିଏ ଅନ୍ଧାରୁଆ ଜାଗା ଦେଖିକରି ଗଲେ। ସେଠାରେ ବସି କଥାବାର୍ତ୍ତା ଆରମ୍ଭ କରିବାକୁ ଯାଉଛନ୍ତି ଗୋଟିଏ ପିଲା ସେଠାରେ ଖେଳୁଥିଲା। ସେ ଜୋର୍‌ରେ ପାଟିକଲା, "ଆରେ ଦେଖରେ ଏଠି ମଶା ଓ ମାଛି ଏକାଠି ହୋଇ ବସିଛନ୍ତି।"ତାର ଅନ୍ୟ ସାଙ୍ଗମାନେ ଧାଇଁଆସିଲେ।

ଧୀରେ ଧୀରେ ଏକଥା ଗାଁକୁ ଗଲା। ସେହି ଗାଁର ସନାତନ ପ୍ରଧାନ ଡାକ୍ତରଖାନାରେ ଚାକିରି କରନ୍ତି। ଯେଉଁ ଜାଗାରେ ମଶାମାଛି ଅଧିକ ହୁଅନ୍ତି ସେଠାର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ବୋଲି ଜଣାଯାଏ। ସେ ତାର ପ୍ରତିକାର ସ୍ୱରୂପ ତାଙ୍କ ପାଖରେ ଔଷଧ ଦିଆ ମଶାରି ଆଣି ତାରି ଚାରିପଟେ ଗୁଡ଼ାଇଦେଲେ। ସେମାନେ ଧରାହେଲେ। ମାଛି କହିଲା, "ଏବେ ଆମ ମୃତ୍ୟୁ ନିଶ୍ଚିତ। ବୁଦ୍ଧିଆ ମଣିଷ ଆଉ ଆମକୁ ଏ ଦୁନିଆରେ ରଖିବନି।" ସେମାନଙ୍କ ବିଚାର ବିଗିଡ଼ିଗଲା।

ତାପରେ ସନାତନଙ୍କ ପରାମର୍ଶରେ ସମସ୍ତେ ଗରମ ଜିନିଷ ଖାଇଲେ ଓ ମଶାରୀ ଟାଙ୍ଗି ଶୋଇଲେ ଆଉ ଆଖପାଖରେ ଥିବା ସବୁ ଅଳିଆ ଆବର୍ଜନାକୁ ସଫାକଲେ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭରପଡ଼ା,
ପୁରୀ-୭୫୨୦୦୨,
ମୋ: ୯୭୭୬୨୩୮୫୨୨

# ଟିକି ପ୍ରଜାପତି

## ପ୍ରତିଭା ଦାଶ

ଟିକି ପ୍ରଜାପତି ଉଡେ ଫର ଫର
ଫୁଲରୁ ଫୁଲକୁ ଯାଇ
ପୁଷ୍ପରୁ ରସକୁ ଟାଣି ନିଏ ସବୁ
ପେଟକୁ ପୂରାଏ ସେଇ ।

ଡେଣାକୁ ହଲାଇ ତାହାରି ଆଡ଼କୁ
କରେ ସିଏ ଆକର୍ଷିତ
ତାହାରି ସକାଶେ ବଗିଚା ଆମର
ଦିଶେ କେତେ ସୁନ୍ଦରତ ।

ରଙ୍ଗ ବିରଙ୍ଗୀର ପରଜାପତିକୁ
ଶିଶୁ ଦୌଡ଼େ ଧରିବାକୁ
ଦିଏ ନାହିଁ ଧରା କାହାରିକୁ ସିଏ
ଖତେଇ ହୁଏ ସଭିଙ୍କୁ ।

କବିର କବିତା ପାଠକ ମନରେ
ବାନ୍ଧି ହୋଇ ରହିଥାଏ
ପ୍ରଜାପତି ଠାରେ ଦର୍ଶକର ଆଖି
ମନଲାଖି ରହିଯାଏ ।

ଗୀତ ଗାଇ ବୁଲେ ଦେହେ ଯାଇ ବସେ
ଟିକି ପ୍ରଜାପତି ଆମ
ବଢାଏ ସୌନ୍ଦର୍ଯ୍ୟ ବାଡ଼ି ପରିବେଶ
ଦିଶେ କେଡ଼େ ମନୋରମ ।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ:- ୭୮୯୪୫୨୮୪୯୩

# ଜଳ ଦାନ ମହତ ଦାନ

## ନୀଳମଣି ଚାନ୍ଦ

ବଢ଼ିଲେ ଖରା ତାତଇ ଧରା
ପାରଦ ଯାଏ ଉଠି
କୃଷ୍ଣଚୂଡ଼ା ପଳାସ,ମଲ୍ଲି
ଫୁଲ ଯାଏରେ ଫୁଟି ।

ଦେଖିଥିବରେ ଏଇ ବେଳରେ
ପାଣିଟି ଯାଏ ଶୁଖି
ପାଣି ଟୋପାଏ ପାଇଁରେ ପକ୍ଷୀ
ହୁଅନ୍ତି ବଡ଼ ଦୁଃଖୀ ।

ଘର ଆଗରେ ରଖିବା ଆଣି
ଗୋଟିଏ ମାଟି ପାତ୍ର
ଭରିବା ପାଣି ତାଙ୍କରି ପାଇଁ
କାମ ସହଜ ମାତ୍ର।

ମନଭରି ସେ ଗାଧୋଇବେରେ
ଆଉ ପିଇବେ ପାଣି
ତାଙ୍କରି ଖୁସି ମନେ ତଉଲ
ପାରିବ ସିନା ଜାଣି ।

ଆମ ପିଲାଏ ନିଅନ୍ତି ପରା
ଥଣ୍ଡା, ଲସିର ମଜା
ସେ ମଜା ଠାରୁ ଏ ଯିବ ବଳି
କହନ୍ତି ଅନୁ ଅଜା।

ଜଳ ଦାନଟି ମହତ ଦାନ
ରଖିବା ଏହା ମନେ
ଜୀବେଦୟାର କଥା ଭାବନ୍ତୁ
ଯେତେ ଜଗତଜନେ ।

+ ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ସଞ୍ଚୟ

## ଡ.ପୁରୁଷୋତ୍ତମ ଧଳ

ପିମ୍ପୁଡିଟିଏ ସଞ୍ଚୟ କରେ
ଖାଦ୍ୟ ନ କରି ନଷ୍ଟ ,
ସେଇଥି ପାଇଁ ବିପଦ ବେଳେ
ପାଏନି ଦୁଃଖ କଷ୍ଟ ।
ମହୁମାଛିଟି କାମରେ ଲାଗି
ସଞ୍ଚୟ କରେ ମହୁ,
ନ ପାଏ ଦୁଃଖ ନ ପାଏ କଷ୍ଟ
ସୁଖରେ ଥାଏ କହୁ।
ଗାତୁଆ ମୂଷା ବଡ଼ ଚତୁର
ସଞ୍ଚୟ କରେ ଗାତେ,
ସେଇଥି ପାଇଁ ଭଲରେ ଚଳେ
ଆସୁ ବିପଦ ଯେତେ ।
ଏମାନେ ଯଦି ଭବିଷ୍ୟ ପାଇଁ
କରୁଛନ୍ତି ସଞ୍ଚୟ ,
ଆମେ କାହିଁକି ପର ଚର୍ଚ୍ଚାରେ
ଦେବା ଆମ ସମୟ ।
ଏବେଠୁଁ ଆସ ତାଙ୍କରି ଭଳି
ସଞ୍ଚୟେ ଦେବା ମନ ,
ଅସୁବିଧାରେ ହୋଇବ ସାହା
ପାଖରେ ଥିଲେ ଧନ ।

+ ପଦିନାରାୟଣପୁର,
ବାରିକପୁର ବଜ୍ରାର

# ବନ୍ଦେ ଉତ୍କଳ ଜନନୀ...

## ରାମଚନ୍ଦ୍ର ବେହେରା

ଉତ୍କଳ ମାଆ ଜନମ ଦିନ
ଆସୁଛି ପରା ମିତ
ଆସରେ କୁନା ମୁନା ସନିଆ
ଗାଇବା ଖୁସି ଗୀତ।
ପ୍ରତି ବରଷ ଏପ୍ରିଲ୍ ମାସ
ଏକ ତାରିଖ ଦିନ
ପାଳି ଆସୁଛୁ ସରାଗେ ଆମେ
ତା'ର ଜନମ ଦିନ।
ତାହାରି ଭାଷା ତା'ର ସାହିତ୍ୟ
ଆମରି ପାଇଁ ପ୍ରିୟ
ସେହି ଭାଷାକୁ ଉଚ୍ଚେ ରଖିବା
ମନରେ ରଖି ଲୟ।
ସ୍ୱତନ୍ତ୍ର ରାଜ୍ୟ ଗଢିବା ପାଇଁ
ତା'ବୀରପୁତ୍ର ଗଣ
ବାନ୍ଧି ସାହସ କରି ପ୍ରୟାସ
ଜିତିଲେ ଜନମନ।
ତାଂକରି ପାଇଁ ଓଡିଶା ଭୂଇଁ
ପାଇଲା ନିଜ ନାମ
ତାଂକ ଆଶାକୁ ପୂରା କରିବା
କରି କଠିନ ଶ୍ରମ।
ତାହାରି କଳା ତା'ର ସ୍ଥାପତ୍ୟ
ଜଗତେ ପାଏ ମାନ
ତା'ର ସଭ୍ୟତା ତା'ର ସଂସ୍କୃତି
ପାଳିବା ଦେଇ ଧ୍ୟାନ।
ଆସ ସଭିଏଁ ତା'ଜନ୍ମ ଦିନେ
ପରାଣେ ଭରି ଖୁସି
ବନ୍ଦେ ଉତ୍କଳ ଜନନୀ ଗୀତ
ଗାଇବା ହସି ହସି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ଭଲ ମଣିଷ ମୁଁ ହେବି

## ନିରଞ୍ଜନ ପତି

ସତ କହିବାକୁ କିଆଁ ଡରିବି,
ସତ କହି ପଛେ ଦୁଃଖ ବରିବି ।

ତୁଣ୍ଡେ ବିନୟ ବଚନ କହିବି,
ଯେତେ ଆସୁ ଦୁଃଖ ଝଡ଼ ସହିବି ।

ଗୁରୁ ଗୁରୁ ଜନେ ଦେଇ ସମ୍ମାନ,
ମନୁ ଦୂରେଇବି ଯେତେ ଗୁମାନ ।
ସ୍ନେହ, ଶ୍ରଦ୍ଧା ଦେବି ସାନ ମାନଙ୍କୁ,
ଝକେବେ ଚାହିଁବିନି କାହା ଦାନକୁ ।

ସଦା କରିବି ଉତ୍ତମ କରମ,
ଥନିଜ କର୍ତ୍ତବ୍ୟ ହିଁ ବଡ଼ ଧରମ ।
ଦୁଃଖି ଜନଙ୍କୁ ସାହାଯ୍ୟ କରିବି,
ସତ କରମେ ସଂସାରୁ ତରିବି ।

ଆଜି କାମକୁ ଆଜି ହିଁ ସାରିବି,
ତେବେ ସଫଳତା ପାଇ ପାରିବି ।
ଭଲ ମଣିଷ ହେବାକୁ ଲାଗିବି,
ଭଲ ଭବିଷ୍ୟତ ପାଇଁ ଜାଗିବି ।

ସଦା ବିଭୁ ଙ୍କୁ କରି ପ୍ରାର୍ଥନା,
କେବେ ନମିଳୁ କାହାକୁ ଯାତନା ।

+ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

# ଅଜାଙ୍କ ବଙ୍କୁଲିବାଡ଼ି

## ପଦ୍ମାଳୟା ସାମଲ

'ଜଲଦି ଆସି ଘରେ ପହଞ୍ଚ, ଅଜା ଚାଲିଗଲେ ', ଏକପ୍ରକାର ଚିଲେଇ କହିଲି ମୁଁ।

'ହଉ, ତମେ ରେଡି ହୋଇଯାଅ। ପନ୍ଦରମିନିଟ୍ ଭିତରେ ମୁଁ ଘରେ ଯାଇ ପହଞ୍ଚୁଛି।'ସୁନୀଲ ଏତେକ କହି ଫୋନ କାଟିଦେଲେ।

ଗାଡ଼ିରେ ବସି ଅଜାଙ୍କ କଥା ଭାବୁଥିଲି । ଛାତି ଭିତରଟା କେମିତି ମୋର ସ୍ତବ୍ଧ ହୋଇଯିବା ପରି ଅନୁଭବ କରୁଥିଲି । ଆଖିରୁ ଲୁହ ଝରେଇ ଗାଡି କାଚ ଖୋଲି ଶୂନ୍ୟ ଆକାଶକୁ ଚାହିଁ ରହିଥିଲି । ମନେ ପଡିଯାଉଥିଲା ଅଜା ଆଇଙ୍କ ସହିତ ମାମୁଘରେ ବିତିଥିବା ପୁରୁଣା ସ୍ମୃତି ସବୁ।

ଏଇ "ମାମୁ ଘର " ଶବ୍ଦଟି ମନକୁ ଆସିବା ମାତ୍ରକେ ଦେହରେ, ମନରେ ଖେଳିଯାଏ ଅପୂର୍ବ ରୋମାଞ୍ଚ । ବାଲ୍ୟ ଜୀବନ, କିଶୋରୀ ଜୀବନର ଆକର୍ଷଣର କେନ୍ଦ୍ରସ୍ଥଳ ଥିଲା ସେଇ ମାମୁଘର। ସ୍ନେହ ସରାଗର ଅସରନ୍ତି ଆଶ୍ରୟସ୍ଥଳ ଥିଲା ସେଇ ମାମୁଘର । ମାମୁଁ ମାଇଁଙ୍କ ଆଦର, ଅଜା ଆଇଙ୍କ ସ୍ନେହ ଶ୍ରଦ୍ଧା ପାଖରେ ଯେମିତି ଫିକା ପଡ଼ିଯାଏ ସବୁକିଛି । ଜୀବନର ଅଭୁଲା ଅଧ୍ୟାୟର ଗନ୍ତାଘର ସେଇ ମାମୁଘର।

ରଜ, କୁଆଁର ପୁନେଇଁରେ ମାମୁଘର ଥିଲା ଆମର ଆଡ୍ଡାସ୍ଥଳୀ । ଖରାଦିନ ଛୁଟିରେ ଆମେ ପାଞ୍ଚ ଭାଇ ଭଉଣୀ ଯାଇ ମାମୁଘରେ ହାଜର। କେବେ ସ୍କୁଲ ଛୁଟି ହେବ, ଆମେ ମାମୁଘରକୁ ଯିବୁ ବୋଲି ମନ ଥୟ ଧରେନା । ପିଠାପଣା ସାଙ୍ଗକୁ ରଜରେ ଦୋଳିଖେଳ, କୁମାରପୂର୍ଣ୍ଣମୀ ସଞ୍ଜରେ ଚଉଁରାମୂଳେ ଚାନ୍ଦପୂଜା ଏବଂ ଗାଁ ଦାଣ୍ଡରେ ପୁଚି ଖେଳ ସାଙ୍ଗକୁ ଚାନ୍ଦକୁ ଦେଖି ଲିଆ ଖାଇବାର ମଜା ଖୁବ ନିଆରା ଅନୁଭବ । ପାଳଭୂତ ସାଙ୍ଗରେ ଗାଁରେ ବୁଲିବା ସହିତ ଫୁଲ ବଉଲବେଣୀ ଗୀତରେ ରାତି ପାହିବାର ଅନୁଭୂତି ଏବେବି ଆନମନା କରେ । ଲୁଚକାଳି, ଖପରା ଡିଆଁ, କାଚ କଉଡ଼ି, ବିଷ ଅମୃତ, ବୋହୂଚୋରି, ଚକାଚକା ଭଉଁରୀ ଆଦି ଖେଳରେ କେମିତି କଟିଯାଏ ଛୁଟିଦିନ ଜଣାପଡ଼େନା। ଆମ୍ବ, ପିଜୁଳି ସାଙ୍ଗକୁ ଖଟାକମଳାକୁ ଲୁଣଲଙ୍କାରେ ମନ୍ଥି ଖାଇବା ସେଇ ମାମୁଘରୁ ହିଁ ଶିଖିଚୁ । ପଖାଳ ଖିଆ, ନଈ ପହଁରା ସବୁ ସେଇ ମାମୁଘର ଶିଖେଇଛି । ଲାଗେ ଯେମିତି ସବୁ ସୁଆଦ ଏଇ ମାମୁଘରେ ଠୁଳ ହୋଇଥିଲା । ମାମୁଘର ବାଡ଼ିପଟେ ଥିବା ବିରାଟ ପୋଖରୀରେ ଆମେ ଦଳକଯାକ ଭାଇଭଉଣୀ ଏମିତି ବୁଡିକି ପହଁରୁଥିବୁ ଯେ, ପୋଖରୀହୁଡ଼ା ଉପରେ ଛିଡା ହୋଇ ଆଇ ଡାକ ଛାଡୁଥିବ - କଳଘରୁ ଅଜା ଆସିବାର ବେଳ ହୋଇଗଲାଣି, ଏଥର ପଳେଇଆସ। ଆଉ ପାଣିରେ ବୁଡ଼ନି ଥଣ୍ଡା ଧରିବ। ପୋଖରୀ ପାଣି ଭିତରେ ଥାଇ ଆମେମାନେ ଆଇକୁ ଖତେଇ ହେଉ । ଆଇ ରାଗିକି କହେ, 'କଅଣ ହଉଛ କିଲୋ! ପୋଖରୀ ପାଣିକି ଦି 'ଭାଗ କରୁଛ । ବାପାକୁ ଡକେଇ ଆଜି ତମଘରକୁ ବିଦା କରିଦେବି ।' ଆମେ ଜାଣୁ ଆଇ ସେମିତି କିଛି କରିବନି ।

ରାତିରେ କିଏ ଆଇ ପାଖରେ ଶୋଇବ ବୋଲି ଆମ ଭିତରେ ଚାଲେ ଛକାପଞ୍ଝା। ଆଇ ଆମକୁ ଟୁଆଁ ଟୁଇଁ, ବୁଢ଼ୀ ଅସୁରୁଣୀ, ରାଜାପୁଅ ମନ୍ତ୍ରୀ ପୁଅ, କାଞ୍ଚନ କାହାଣୀ, ପୁରାଣ କଥା ଏମିତି ନାନାପ୍ରକାର ଗପ ଶୁଣାଏ । ଆମେମାନେ କାନ ଡେରି ତା ଗପ ଶୁଣି ଶୋଇପଡୁ । ତା କାହାଣୀ ଆମକୁ ସବୁ ସତପରି ଲାଗେ । ସେଇ ଗପସବୁ ଯେତେ ଶୁଣିଲେ ବି ଆହୁରି ଶୁଣିବାକୁ ଇଛା ହୁଏ। ମାମୁଘର ରହଣିର ସେଇ ସୁଖର ଦିନସବୁ କେତେ ଜଲଦି ପଳାଏ, କିଛି ଜଣାପଡ଼େନି । ସ୍କୁଲ ଖୋଲିବା ବେଳ ହେଲେ ମନଦୁଃଖରେ ଘରକୁ ଫେରୁ । ହାତ ତିଆରି ବଡି, ମୁଡିମୁଆଁ, ଆରିସାପିଠା, ରାଶିଲଡୁ, ବାଦାମଲଡୁ, ନଡ଼ିଆକୋରା ଆଦି ଆଇ ବ୍ୟାଗ ଭର୍ତ୍ତି କରି ଦେଇଥାଏ । ଆଇ, ମାଇଁ ଆମମାନଙ୍କୁ ବାଟେଇଦେବା ପାଇଁ କିଛି ବାଟ ଆସନ୍ତି । ଆଖିରୁ ଲୁହ ପୋଛି ଘରକୁ ଫେରନ୍ତି ।

ସବୁଥର ପରି ସେଥରକ ମଧ୍ୟ ଖରା ଛୁଟିରେ ମାମୁଘରକୁ ଯାଇଥାଉ । ମୋ ଭାଇ ଭଉଣୀଙ୍କୁ ଧରି ଗାଁର ଅନ୍ୟ ପିଲାମାନଙ୍କ ସହ ଓପଡା ସରିଥିବା ବାଦାମ ବିଲକୁ ଚାଲିଲୁ । ବିଲରେ ପଡ଼ିଥିବା ବାଦାମକୁ ସମସ୍ତେ ମିଶି କିଛି କିଛି ସଂଗ୍ରହ କରି ଗାଁ ଦାଣ୍ଡକୁ ଆସିଥିବା ଆଇସକ୍ରିମ ବିକାଳିକୁ ଦେଇ ନଡ଼ିଆ ଆଇସକ୍ରିମ ଖାଇଲୁ । ସମସ୍ତେ ଗୋଟେ ଗୋଟେ ହାତରେ ଧରି ଖାଉଥାଉ। ଠିକ ଏତିକିବେଳେ କଳଘରୁ ଅଜା ଆସି ପହଞ୍ଚିଗଲେ । ଏ ଦୃଶ୍ୟ ଦେଖି ସେ ଆଉ କ୍ରୋଧ ସମ୍ବରଣ କରିପାରିଲେ ନାହିଁ । କହିଲେ - ଭିକାରି ପିଲା ପରି ବିଲରୁ ସାଉଁଟି ବାଦାମ ଦେଇ ଆଇସକ୍ରିମ ଖାଉଛ । ସବୁବେଳେ ତମ ପେଟ ପୋଡିଯାଉଛି! ମୁଁ ସବୁଠାରୁ ବଡ଼ ହୋଇଥିବାରୁ ମୋ ଉପରେ ସମସ୍ତ ଗାଳି ପଡିଲା । କେବଳ ସେତିକି ନୁହେଁ ସେ ଧରିଥିବା ବଙ୍କୁଲି ବାଡ଼ିରେ ମୋ ପିଠିରେ ଦୁଇ ପାହାର ଦେଲେ ତାହାବି ସମସ୍ତଙ୍କ ସାମ୍ନାରେ। ମାଡ଼ ତ ମତେ ଯାହା କଷ୍ଟ ହେଲା ତା ଠାରୁ ଅଧିକ ଅପମାନ ବୋଧହେଲା । ମନେ ମନେ ସ୍ଥିର କଲି ଅଜା ତାଙ୍କ ବଙ୍କୁଲି ବାଡ଼ି ଖୋଜିଲେ ବି ଆଉ ପାଇବେ ନାହିଁ । ଧୁ ଧୁ ଖରାବେଳ । ଝାଂଜି ଖରାରୁ ନିସ୍ତାର ପାଇବା ପାଇଁ ସମସ୍ତେ ଖାଇ



ଶୋଇଥାଆନ୍ତି । ମୁଁ ଧୀରେ ଧୀରେ ଶୋଇବା ଜାଗାରୁ ଖସି ବାଟଘରେ ଟଙ୍ଗା ହୋଇଥିବା ବଙ୍କୁଲି ବାଡ଼ିଟି ନେଇ ବାଡ଼ିପଟେ ଥିବା ପୋଖରୀ ମଝିକୁ ଫିଙ୍ଗିଦେଲି । ପୁଣି ଚୁପି ଚୁପି ଆସି ଆଇ ପାଖରେ ଶୋଇ ପଡିଲି ।

ଖରା ଲେଉଟିବା ପରେ ଅଜା ତାଙ୍କ କଳଘରକୁ ଯିବାପାଇଁ ବାହାରିଲେ। ବାଟ ଘରକୁ ଯାଇ ଦେଖନ୍ତି ତ ଟଙ୍ଗା ହୋଇଥିବା ଜାଗାରେ ତାଙ୍କ ବଙ୍କୁଲି ବାଡ଼ି ନାହିଁ । ସେଇଠି ଥାଇ ଡାକ ଛାଡିଲେ ଆଇକୁ । ଆଇ ତାଙ୍କ ବଙ୍କୁଲି ବାଡ଼ି ହଜିଥିବା କଥା ଶୁଣି ଆଶ୍ଚର୍ଯ୍ୟ ହେଲା । ଠିକଣା ଜାଗାରେ ରଖି ନଥିବ କହି ଇଆଡ଼େ ସିଆଡେ ଖୋଜିବାକୁ ଲାଗିଲା । ହେଲେ ବଙ୍କୁଲି ବାଡ଼ି ଆଉ ମିଳିଲା ନାହିଁ । ସବୁ ଜାଣି ମୁଁ ବିଛଣାରେ ଆଖି ବୁଜି ସେମିତି ପଡିରହିଥାଏ ଆଉ ମନେ ମନେ ଖୁସି ହେଉଥାଏ । ମୋର ସେହି ଖୁସି ଖୁବ କମ୍ ସମୟରେ ମିଳେଇ ଗଲା ଯେତେବେଳେ ଦେଖିଲି ଅଜା ଦାଣ୍ଡ ପାହାଚରେ ମନ ଦୁଃଖରେ ବସିଛନ୍ତି କଳ ଘରକୁ ନଯାଇ । ଅଜାଙ୍କୁ ବାଙ୍କୁଲି ବାଡ଼ି ଧରି ଚାଲିବାର ବୟସ ହେଇ ନଥିଲା, କିନ୍ତୁ ତାଙ୍କର ଅଣ୍ଠା ସମସ୍ୟା ପାଇଁ ଡାକ୍ତର ତାଙ୍କୁ ବାଡ଼ିଧରି ଚାଲିବାକୁ ପରାମର୍ଶ ଦେଇଥିଲେ । ତାଙ୍କ ପାଖରେ ଯାଇ ବସିଲି ଆଉ ଧୀରେ ଧୀରେ କହିଲି, 'ଅଜା! ମନ ଦୁଃଖ କରନି, ବାପାଙ୍କୁ କହିବି ସେ ଆଉ ଗୋଟେ ତମ୍ବା ବେଣ୍ଟଦିଆ ବଙ୍କୁଲି ବାଡ଼ିଟେ ଆଣିଦେବେ ଠିକ ଯେମିତି ତୁମର ଥିଲା ।'ଅଜା ମୋ ମୁଣ୍ଡକୁ ଆଉଁସି କହିଲେ, ନାଇଁରେ ନାତୁଣୀ! ବଙ୍କୁଲି ବାଡ଼ି କିଏ ନେଇଗଲା ସେଥିପାଇଁ ମୁଁ ମନ ଦୁଃଖ କରୁନି, ମୁଁ ଚକିତ ହେଉଛି ଆମେ ଏତେ ଲୋକ ଘରେ ଥାଉ ଥାଉ ଦିନ ଦି 'ପହରେ ଘରେ ପଶି କିଏ ନେଇଗଲା । ଘରର ସୁରକ୍ଷା ଦୃଷ୍ଟିରୁ ମତେ ଦାଣ୍ଡ କବାଟ ସାମ୍ନାରେ ଲୁହା ଗ୍ରିଲ ଖୁବ ଶୀଘ୍ର ଲଗେଇବାକୁ ପଡିବ ।'ଜେଜେଙ୍କ କଥା ଶୁଣି ନିଃଶବ୍ଦରେ ମୁଣ୍ଡ ଟୁଙ୍ଗାରିଲି । ସେଦିନ ରାତିରେ ଶୋଇବାବେଳେ ଆଇ ମତେ ଚୁପି ଚୁପି ପଚାରିଲା, ମାଆଲୋ! ତୁ ଅଜାଙ୍କ ବଙ୍କୁଲି ବାଡ଼ି କୋଉଠି ଲୁଚେଇଛୁ କି ? ମତେ କହିଦେ, ମୁଁ କାହାକୁ କହିବିନି । 'ଆଇକୁ ସଫା ସଫା ମନା କରିଦେଲି। ହେଲେ ଏବେ ଯେତେବେଳେ ସେହି କଥା ମନେପଡ଼ିଯାଏ ନିଜକୁ ଭାରି ଖରାପ ଲାଗେ ।

ବାହାଘର ପରେ ମାମୁଘର ଯାଇ ରହିବାକୁ ଆଉ ସୁଯୋଗ ମିଳିନି । ଥରୁଟିଏ କେବଳ ସୁଯୋଗ ମିଳିଥିଲା ମାମୁଁଙ୍କ ଦେହ ଖରାପ ଖବର ଶୁଣି ମୋ ଝିଅକୁ ନେଇ ଆସିଥିଲି । ସ୍ୱାମୀଙ୍କ ସହ କଥାବାର୍ତ୍ତା ବେଳେ ମୋର ଅଧିକାଂଶ କଥା ଥାଏ କେବଳ ମାମୁଘରକୁ ନେଇ । ସେସବୁ କଥା ବଖାଣୁଥିବା ବେଳେ ସ୍ୱାମୀ ମଧ୍ୟ ଉଲ୍ଲସିତ ହୋଇ ଶୁଣନ୍ତି । କେବେ ଆମେ ମାମୁଘରକୁ ଯିବା ବୋଲି କହିଲେ, ସମ୍ପୂର୍ଣ୍ଣ ଭରସା ଦେଇ କୁହନ୍ତି ନିଶ୍ଚୟ ଯିବା । ଅନେକ ଥର ଭାବିଛୁ, ଚେଷ୍ଟା କରିଛୁ କିନ୍ତୁ ଯାଇପାରିନୁ । ମଧୁମୟ ସ୍ମୃତିମାନେ କେବଳ ମତେ ଅସ୍ତବ୍ୟସ୍ତ କରିଛନ୍ତି ।

ମାମୁଘରେ ପହଞ୍ଚିଲା ବେଳକୁ ବେଳ ରତରତ । ଅଜାଙ୍କ ନିସ୍ତେଜ ଶରୀର ଖଟ ଉପରେ ପଡ଼ିରହିଥିଲା । ଆଇ ତାଙ୍କ ପାଖରେ ବସି ଲୁହ ଗଡ଼ଉଥିଲା। ହଠାତ୍ ମତେ ଦେଖି ଜୋରରେ କାନ୍ଦିବାକୁ ଲାଗିଲା । ଆଇକୁ ଜାବୁଡି ଧରି କାନ୍ଦିଲା ବେଳକୁ ପୁରୁଣା ସ୍ମୃତି ସବୁ ଆଖିଆଗରେ ନାଚି ଉଠୁଥିଲା । ଆଇର ମୁଣ୍ଡକୁ ଆଉଁସି ବୋଧ କଲି । ସେତେବେଳକୁ କୋକେଇ ବନ୍ଧା ସାରିଥାଏ। ଅଜାଙ୍କୁ କୋକେଇକୁ ନେଲା ବେଳକୁ ମାମୁ ମାଇଁ ସମସ୍ତେ ବୁକୁ ଫଟେଇ କାନ୍ଦି ଉଠିଲେ । ଅଜାଙ୍କ ହେମାଳ ପାଦଦୁଇଟିକୁ ଛୁଇଁ ଶେଷଥର ପାଇଁ ପ୍ରଣାମ କଲି । କୋକେଇ ଉଠିଲା, 'ରାମ ନାମ ସତ୍ୟ ହେ 'ଧ୍ୱନିରେ ମାମୁଘର ଗାଁ ଦାଣ୍ଡ ପ୍ରକମ୍ପିତ ହେଲା । ଆଇ ସେତିକିବେଳେ ମୂର୍ଚ୍ଛା ଗଲା । ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ଆଇକୁ ଟେକିନେଇ ଖଟ ଉପରେ ଶୁଆଇଦେଲୁ । ପାଞ୍ଚମିନିଟ ଧରି ମୁହଁରେ ପାଣି ଛିଞ୍ଚିବା ପରେ ତା'ର ଚେତା ଫେରିଲା । ସ୍ୱାମୀଙ୍କୁ ଡ଼ାକିନେଲେ ମଶାଣି ଆଡେ । ମୁଁ ଚାହିଁ ରହିଥିଲି ଆଇର ନିସ୍ତେଜ ମୁହଁକୁ । ତା କପାଳରେ ହାତ ବୁଲାଉ ବୁଲାଉ ସେ ଉଠି ବସିଲା ଆଉ କଇଁ କଇଁ ହୋଇ କାନ୍ଦି କହିଲା, ' ଅଜା ତୋର ବହୁତ ସମୟରେ ତତେ ମନେ ପକାନ୍ତି । ହଜି ଥିବା ସେ ବଙ୍କୁଲି ବାଡ଼ି ସେ ପରବର୍ଷ ପୋଖରୀ ଉଝଳା ସମୟରେ ପାଇଥିଲେ । ବାଡ଼ିଟା ତ ନଷ୍ଟ ହୋଇଯାଇଥିଲା, ସେ ତମ୍ବା ବେଣ୍ଟଟା ମିଳିଥିଲା । ସେଦିନ ସେ କହିଲେ, ବୁଝିଲ ସନା ବୋଉ! ଏ ହରକତ ତମ ବଡ଼ ନାତୁଣୀ ଛଡା ଆଉ କାହାର ନୁହେଁ । ମତେ ରାଣ ନିୟମ ପକେଇ କହିଥିଲେ ପରା ତତେ ନ କହିବାକୁ । ଏଇଭଳି ଭଲ ଲୋକ ଥିଲେ ତୋ ଅଜା । 'ଏତେକ କହି ସେ ପୁଣି କାନ୍ଦିବାକୁ ଲାଗିଲା।

ଆଇ କଥା ଶୁଣି ତଟସ୍ଥ ହୋଇ ଚାହିଁଥିଲି ତାକୁ । ପାଟିରୁ ଆଉ ବଚନ ବାହାରିଲା ନାହିଁ । ଅଜା ଆଇଙ୍କ ମହାନତା ଆଗରେ ମୋ ମୁଣ୍ଡ ନଇଁଗଲା । ଅଜାଙ୍କୁ ସ୍ମରଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କୁ ହାତ ଯୋଡି ପ୍ରାର୍ଥନା କଲି।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଛୋଟ ଛୋଟ କଢ଼ି ଆମେ ଫୁଲ ବଗିଚାର

## ଧ୍ରୁବ ଚରଣ ଘିବେଲା

ଛୋଟ ଛୋଟ କଢ଼ି ଆମେ
ଫୁଲ ବଗିଚାର
ଫୁଟି ମହକିବୁ ଦିନେ
ହସିକି ସୁନ୍ଦର ।
କଢ଼ି ବୋଲି ଅଣଦେଖା
କର ନାହିଁ କେହି
ଫୁଟିଗଲେ ନିଶ୍ଚେ ଆମେ
ନେବୁ ମନମୋହି ।
ଆଜି ସିନା ଅଛୁ କଢ଼ି
ଫୁଟିବୁ କାଲିକି
ଆମ ଓଠେ ହସ ରଖି
ହସ ଦେବୁ ବାଣ୍ଟି ।
ଆମ ଓଠେ ହସ ଦେଖି
ହସ ମନଲାଖି
ସେଇ ହସ ଦେଖି କା'ର
ଆଖି ଯିବ ଲାଖି ।
ଆମ ଓଠୁ ହସ ଡେଇଁ
ଆନ ଓଠ ଛୁଇଁ
ହସ ଖେଳିଯିବ ଏଠି
ଓଠୁ ଓଠ ଡେଇଁ ।
ଆମ ହସରେ ରଙ୍ଗେଇ
ଦେବୁ ଜଗତକୁ
ରଙ୍ଗୀନ ଜଗତ ଶୋଭା
ସୁନ୍ଦର ସଭିଙ୍କୁ ।
ଖେଳିବୁ ସାଥି କରିକି
କଙ୍କି ପ୍ରଜାପତି
ବାଣ୍ଟିବୁ ହସ ଓ ଖୁସି
ଖେଳି ବୁଲି ନିତି ।

ବଉଦରାଜ -୭୬୨୦୧୪, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ସେଲ ଆରଏସପିର ଟାଉନ୍ ଇଞ୍ଜିନିୟରିଂଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସଫର୍ମରର ପୁନରୁଦ୍ଧାର

ରାଉରକେଲା, ୨୭/୩ (ନି.ପ୍ର): କାର୍ଯ୍ୟରେ ପାରଦର୍ଶିତା ଏବଂ ମୂଲ୍ୟ-ସଚେତନ ନବସୃଜନର ଉଲ୍ଲେଖନୀୟ ପ୍ରଦର୍ଶନରେ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ର ଟାଉନ୍ ଇଞ୍ଜିନିୟରିଂ (ବୈଦ୍ୟୁତିକ) ୟୁନିଟ୍, ସଫଳତାର ସହିତ ୩୩ କେଭି/ ୧୧ କେଭି , ୩ ଏମଭିଏ ଟ୍ରାନ୍ସଫର୍ମର ନମ୍ବର ୮ ର ସମ୍ପୂର୍ଣ୍ଣ ନବୀକରଣ ଓ ମରାମତି କରିଛି, ଯାହା ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ଅନେକ ସଞ୍ଚୟ ସୁନିଶ୍ଚିତ କରିଛି।

ଆରଏସପି ଟାଉନସିପର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଟ୍ରାନ୍ସଫର୍ମରଟି ସ୍ୱାଭାବିକ କାର୍ଯ୍ୟ କରୁନଥିଲା। ଏହାର ବୈଷୟିକ ମାନ ଗ୍ରହଣୀୟ ମାନକ ଠାରୁ ନିମ୍ନ ରେ ଥିଲା, ଅଧିକନ୍ତୁ ତେଲ ଲିକେଜ୍ ଓ ଇନସୁଲେଟିଂ ଗାସ୍କେଟ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଥିଲା। ଦୀର୍ଘ ସମୟ ବ୍ୟବହାର ଯୋଗୁଁ, ଟ୍ରାନ୍ସଫର୍ମରର କାର୍ଯ୍ୟଦକ୍ଷତା ଯଥେଷ୍ଟ ହ୍ରାସ ପାଇଥିଲା। ଏହାକୁ ଆହ୍ୱାନ ରୂପେ ଗ୍ରହଣ କରି, ଟାଉନ୍ ଇଞ୍ଜିନିୟରିଂ (ବୈଦ୍ୟୁତିକ) ନିଜସ୍ୱ ସମ୍ବଳ ଉପଯୋଗ ରେ ଟ୍ରାନ୍ସଫର୍ମରର ନବୀକରଣ ଓ ମରାମତି କରିଥିଲେ। ଏହି ପଦକ୍ଷେପ କେବଳ ଟ୍ରାନ୍ସଫର୍ମରର କାର ?୍ୟକ୍ଷମତାକୁ ବୃଦ୍ଧି କରିନଥିଲା ବରଂ ଏହାର ସେବା ଜୀବନକୁ ୧୦ ବର୍ଷରୁ ଅଧିକ ବୃଦ୍ଧି କରିଥିଲା। ଗୁରୁତ୍ୱପୂର୍ଣ୍ଣ ଯେ, ଏକ ନୂତନ ଟ୍ରାନ୍ସଫର୍ମର କ୍ରୟ ପାଇଁ ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାନ୍ତା, କିନ୍ତୁ ସମ୍ପୂର୍ଣ୍ଣ ନବୀକରଣ ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟରେ ସମ୍ପନ୍ନ ହୋଇଥିଲା ଯାହା ଏକ ପ୍ରଭାବଶାଳୀ ସଞ୍ଚୟ ଅଟେ ।

ପୁନରୁଦ୍ଧାର ଟ୍ରାନ୍ସଫର୍ମରଟି ଆଗାମୀ ୧୦ ରୁ ୧୨ ବର୍ଷ ପାଇଁ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ, ଯାହା ଟାଉନସିପରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ବ୍ୟବସ୍ଥାଗତ ସ୍ଥିରତା ସୁନିଶ୍ଚିତ କରିବ। ଗତ ୨୪ ତାରିଖ ଦିନ ସିଜିଏମ୍ (ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି) ଶ୍ରୀ ବି.କେ. ଜୋଜୋ ଉକ୍ତ ଟ୍ରାନ୍ସଫର୍ମରଟି ଉଦ୍ଘାଟନ କରି ଥିଲେ। ଏ ଅବସର ରେ ଜିଏମ୍ (ଟିଇ-ବୈଦ୍ୟୁତିକ) ମୋହମ୍ମଦ ଆସରଫ ସିଦ୍ଦିକି, ଜିଏମ୍ (ଟିଇ-ବୈଦ୍ୟୁତିକ), ଶ୍ରୀ ଏସ୍.କେ. ପ୍ରଧାନ ଏବଂ ଟାଉନ ଇଞ୍ଜିନିୟରିଂ ବିଭାଗର ଅନ୍ୟ ଅଧିକାରୀ ଓ ଅନେକ କର୍ମଚାରୀ ଉପସ୍ଥିତ ଥିଲେ । ଜିଏମ୍ (ଟିଇ-ବୈଦ୍ୟୁତିକ) ଶ୍ରୀ ଏସ୍.ସି. ନାୟକଙ୍କ ନେତୃତ୍ୱରେ ଏକ ଉତ୍ସର୍ଗୀକୃତ ଦଳ ପ୍ରକଳ୍ପର କାର୍ଯ୍ୟାନ୍ୱୟନର ଦାୟିତ୍ୱ ନେଇଥିଲେ। ଉଲ୍ଲେଖନୀୟ ଯେ ଟାଉନ୍ ଇଞ୍ଜିନିୟରିଂ ବିଭାଗକୁ ସେକ୍ଟର-୬ ଏବଂ ସେକ୍ଟର-୨ରେ ୩୩ କେଭି/୧୧ କେଭି , ୩ ଏମଭିଏ ପାୱାର ଟ୍ରାନ୍ସଫର୍ମର ଏବଂ ସମ୍ପୃକ୍ତ ସହାୟକ ଉପକରଣର ୨୪ ଘଣ୍ଟା ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଏହି ବିଭାଗ ଜଳ ଯୋଗାଣ ବ୍ୟବସ୍ଥା, ହସ୍ପିଟାଲ, କ୍ଲବ ଏବଂ ଅଫିସ୍ ପ୍ରତିଷ୍ଠାନ ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଉପକ୍ରମ ଗୁଡ଼ିକ ସହିତ ପ୍ରାୟ ୨୦ ହଜାର କମ୍ପାନୀ କ୍ୱାର୍ଟର୍ସକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରୁଛି। ଏଥିରେ ଏଚ ଟି, ଏଲ ଟି ସିଷ୍ଟମ ଏବଂ ଷ୍ଟ୍ରିଟ୍ ଲାଇଟିଂ ଭିତ୍ତିଭୂମିର ଏକ ବ୍ୟାପକ ନେଟୱାର୍କର ନିରନ୍ତର ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ ଅଛି ।

# ଭଦ୍ରକ ଜିଲ୍ଲାରେ ଜନଗଣନା କାର୍ଯ୍ୟ: ନିୟୋଜିତ ହେବେ ୩୭୫୦ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷକ: ଶିକ୍ଷକ ନିୟୋଜନରେ ତ୍ରୁଟି ବିଚ୍ୟୁତି

ଭଦ୍ରକ, ୨୭/୩ (ନି.ପ୍ର): ଜନଗଣନା କାର୍ଯ୍ୟ ଏପ୍ରିଲ ୧ ରୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଲୋକମାନଙ୍କ ସହ ଜନଗଣନାକାରୀଙ୍କ ସହଭାଗିତା ରହିବ। ଘର ଘର ବୁଲି ସ୍ୱଗଣନା କାର୍ଯ୍ୟ ହେବ। ପରିବାର ସଦସ୍ୟମାନେ ସ୍ମାର୍ଟଫୋନ୍ ଜରିଆରେ ସେଲଫ୍ ଏନୁମେରେସନ୍ ପୋର୍ଟାଲ ମାଧମରେ ନିଜ ତଥ୍ୟ ରଖିବେ। ଏଥିରେ ୩୩ଟି ସରଳ ପ୍ରଶ୍ନ ରହିବ। ଏହି ଗଣନା କାର୍ଯ୍ୟ ସକାଶେ ଭଦ୍ରକ ଜିଲାରେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଜନଗଣନାକାରୀ (ପ୍ରାଥମିକ ଶିକ୍ଷକ)ଙ୍କୁ ତାଲିମ୍ ପ୍ରଦାନ କାର୍ଯ୍ୟ ଆସନ୍ତାକାଲି ଠାରୁ ଚାଲି ରହିଛି। ଭଦ୍ରକ ଜିଲାର ଜନଗଣନା କାର୍ଯ୍ୟ ପାଇଁ ୩୭୫୦ ପ୍ରାଥମିକ ଶିକ୍ଷକ ଓ ହାଇସ୍କୁଲ ଶିକ୍ଷକ ନିୟୋଜିତ ହେବେ। ଏମାନଙ୍କ ମଧ୍ୟରୁ ୫୩୦ ଜଣ ସୁପରଭାଇଜର (ହାଇସ୍କୁଲ ଶିକ୍ଷକ) ଓ ୩୨୦୦ ଜନଗଣନାକାରୀ (ପ୍ରାଥମିକ ଶିକ୍ଷକ)। ତେବେ ଏହି ଶିକ୍ଷକଙ୍କ ନିୟୋଜନ କ୍ଷେତ୍ରରେ ବ୍ୟାପକ ତ୍ରୁଟି ବିଚ୍ୟୁତି ହୋଇଥିବାର ଅଭିଯୋଗ ଉଠିଛି। ଭଦ୍ରକ ବ୍ଲକ୍ ଓ ପୌରପାଳିକାରେ ଥିବା କେତେକ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବାରୁ ସଂପୃକ୍ତ ବିଦ୍ୟାଳୟ ଗୁଡିକରେ ପାଠପଢା ବାଧାପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗୁଡିକରେ ଅସନ୍ତୋଷ ପ୍ରକାଶ ପାଇଛି। ଭଦ୍ରକ ପୌରପାଳିକା ଅନ୍ତର୍ଗତ ପୁରୁଣାବଜାରସ୍ଥିତ ଶ୍ରୀ ସତ୍ୟନାରାୟଣ ଶିକ୍ଷନ ସଂସ୍ଥା (ଏସଏସଏସଏସ) ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ନେଇ ଅଭିଯୋଗ ହେବା ପରେ ତ୍ରୁଟିକୁ ସଂଶୋଧନ କରାଯାଇଥିବାର ଜଣାଯାଇଛି। ଭଦ୍ରକ ବ୍ଲକ୍ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକଙ୍କ କହିବାନୁଯାୟୀ ସିଆରସିସି ମାନେ ନିଜ କ୍ଲଷ୍ଟରରେ ଥିବା ବିଦ୍ୟାଳୟ ଗୁଡିକର ଯେଉଁ ଶିକ୍ଷକମାନଙ୍କ ନିଯୁକ୍ତି ତାଲିକା ଦେଇଛନ୍ତି, ସେହି ଅନୁସାରେ ଶିକ୍ଷକମାନଙ୍କୁ ଏହି ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେଥିରେ ଯେଉଁଠି ତ୍ରୁଟି ବିଚ୍ୟୁତି ରହୁଛି, ଅଭିଯୋଗ ଆସିବା ପରେ ତାକୁ ସଂଶୋଧନ କରାଯାଉଛି। ଅନ୍ୟପକ୍ଷରେ ଆସନ୍ତା ଦିନରେ ଖରାଛୁଟି ପଡୁଥିବାରୁ ବିଦ୍ୟାଳୟ ଗୁଡିକ ବନ୍ଦ ରହିବ। ଅନ୍ୟପକ୍ଷରେ ଭଦ୍ରକ ପୌରପାଳିକାରେ ଶିକ୍ଷକ ଅଭାବ ଥିବାରୁ ଭଦ୍ରକ ବ୍ଲକ୍‌ରୁ ଶିକ୍ଷକ ଅଣାଯାଇ ନିୟୋଜିତ କରାଯାଉଛି। ଭଦ୍ରକ ବ୍ଲକ୍ ଓ ପୌରପାଳିକାର ଜନଗଣନା ପାଇଁ ସମୁଦାୟ ୧୦୬୬ ଶିକ୍ଷକ ଆବଶ୍ୟକ। ଏହାମଧ୍ୟରୁ ଭଦ୍ରକ ବ୍ଲକ୍ ପାଇଁ ୪୨୫, ପୌରପାଳିକା ୩୬୬, ଟ୍ରେନର ୧୫ ଓ ଭୋଟର ତାଲିକା ପ୍ରସ୍ତୁତି ପାଇଁ ୨୫୦ ବିଏଲ୍ଓ ନିୟୋଜିତ ହେବେ।

# ଘରୋଇ ଟିକଟ କାଉଣ୍ଟର ଉପରେ ବୁଲିଲା ବୁଲଡୋଜର

ଜୟପୁର, ୨୭/୩ (ନି.ପ୍ର): ଦୀର୍ଘଦିନ ଧରି ସରକାରୀ ବସଷ୍ଟାଣ୍ଡ ନିକଟରେ ଥିବା ଘରୋଇ ଟିକଟ କାଉଣ୍ଟରକୁ ଆଜି ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ତହସିଲଦାର ସବ୍ୟସାଚି ଜେନା, ସୁପରଭାଇଜର ହରିହର ଶତପଥୀ ଓ ବିଦ୍ୟୁତ ବିଭାଗ ଓ ଟାଉନପୁଲିସର ଉପସ୍ଥିତିରେ ଆଜି ମଧ୍ୟାହ୍ନରେ ଭାଙ୍ଗିଦିଆଯାଇଛି। ସୂଚନା ଅନୁଯାୟୀ ଗତ ୨୦୨୨ ମସିହା ମେ ମାସ ୧୮ ତାରିଖରେ ପ୍ରାଇଭେଟ ବସ ଓନର ଆସୋସିଏସନ ପକ୍ଷରୁ କେସ ଫାଇଲ କରାଯାଇଥିଲା କି ପୁରୁଣା ସରକାରୀ ବସଷ୍ଟାଣ୍ଡ ନିକଟରେ ଥିବା ଜାତୀୟ ରାଜପଥ ସ୍ଥାନରେ ଯାତ୍ରୀ ବିଶ୍ରାମାଗାରକୁ ଘରୋଇ ଟିକଟ କାଉଣ୍ଟର କରିବା ଫଳରେ ବସ ଗୁଡିକ ରାସ୍ତା ଉପରେ ପାର୍କି ? କରିବା ଯୋଗୁଁ ଟ୍ରାଫିକ ଜାମ କରୁଛନ୍ତି। ଯାହା ଫଳରେ ସାଧାରଣ ଲୋକ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଅକ୍ଟୋବର ୩୧ ତାରିଖରେ ୧୫ ଦିନ ମଧ୍ୟରେ ତୁରନ୍ତ ଖାଲି କରିବା ପାଇଁ ଏହି ମାମଲାର ରାୟ ଶୁଣାଇବା ପରେ ଗତ ଡିସେମ୍ବର ୫ ତାରିଖରେ ତହସିଲଦାର ଟିକଟ କାଉଣ୍ଟରକୁ ତାଲା ପକାଇ ୧୦ ଦିନ ମଧ୍ୟରେ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ନିର୍ଦ୍ଦେଶ ନାମାକୁ ନମାନି ଆଜି ପର୍ଯ୍ୟନ୍ତ କାଉଣ୍ଟର ସମ୍ମୁଖରେ ଟିକଟ ବିକ୍ରି କରି ଜବରଦଖଲ କରିଥିବା ଯୋଗୁଁ ଆଜି ଏହାକୁ ଭଙ୍ଗାଯାଇ ଏନଏଚ ବିଭାଗକୁ ଏହା ହସ୍ତାନ୍ତର କରାଯିବ ବୋଲି ତହସିଲଦାର ସବ୍ୟସାଚୀ ଜେନା ସୂଚନା ଦେଇଛନ୍ତି।

# ଚମ୍ପୁଆରେ ଚୋରା ଦେଶୀ ମଦ କାରବାର ବୃଦ୍ଧି

ଚମ୍ପୁଆ, ୨୭/୩ (ନି.ପ୍ର): ଚୋରା ଦେଶୀ ମଦ ବେପାରୀ ଓ ମଦୁଆଙ୍କ ଉପରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ନିଆ ଯାଉଛି ସତ ମାତ୍ର ଅନିୟମିତତା ଭାବରେ ସରକାରୀ ଦେଶୀ (ପଲିଥିନ) ମଦ ବେପାରୀଙ୍କ ପ୍ରତି ଆଖି ବୁଜି ଦେଇଛି ସ୍ଥାନୀୟ ପ୍ରଶାସନ। ଏହି ସରକାରୀ ଦେଶୀ (ପୋଲିଥିନ) ମଦ ବେପାରୀ ମାନେ ଗାଁ ଗାଁ ରେ ଥିବା ଦୋକାନ ମାନଙ୍କରେ ଦେଶୀ (ପଲିଥିନ) ମଦ ସପ୍ଲାଇ ଦେଇ ଚୋରା ମଦ କାରବାରକୁ ବ୍ୟାପକ କରୁଥିଲେ ମଧ ଏହି ଚୋରା ମଦ କାରବାରକୁ ଅବକାରୀ ବିଭାଗ ଏବଂ ଚମ୍ପୁଆ ପୋଲିସ ପ୍ରଶାସନର ଅହେତୁକ ଅନୁକମ୍ପା ରହିଥିବା କୁହାଯାଉଛି। ଯାହାକୁ ନେଇ ଦିନକୁ ଦିନ ସାଧାରଣରେ ଅସନ୍ତୋଷ ପୁଞ୍ଜିଭୂତ ହେଉଛି।

ଗତ କିଛି ବର୍ଷ ହେବ ରାଜ୍ୟରେ ମଦ ବିରୋଧୀ ଆନ୍ଦୋଳନ ଯେତେ ତୀବ୍ରତର ହେଉଛି ରାଜ୍ୟ ସରକାର ରାଜସ୍ୱ ଆଳରେ ସେତେ ଅଧିକା ମଦ ଦୋକାନକୁ ସ୍ୱୀକୃତି ଦେଇ ମଦ ବ୍ୟବସାୟକୁ ବ୍ୟାପକ କରିବାରେ ଲାଗିଛନ୍ତି। ଯାହା ପାଇଁ ରାଜ୍ୟରେ ମଦ କଳା ବଜାରୀ ମଧ ସମାନ୍ତରାଳ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନର ଅପାରଗତା ହେଉ କି ଆନ୍ତରିକତା ଅଭାବ ପାଇଁ ଅଂଚଳରେ ମଦ କଳା ବଜାରୀ ବୃଦ୍ଧି ପାଉଛି। ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଦେଶୀ ମହୁଲି ମଦ ଉପରେ ଚଢ଼ାଉ କରା ଯାଉଥିବାବେଳେ ଚୋରା (ପଲିଥିନ) ମଦ କାରବାର ଉପରେ ଆଖି ବୁଜି ଦେଇଛି ବିଭାଗ। ଖବର ଅନୁସାରେ, ଚମ୍ପୁଆ ଥାନା ଅନ୍ତର୍ଗତ ପ୍ରତାପପଶି ଠାରେ ଥିବା ସରକାରୀ ଦେଶୀ (ପୋଲିଥିନ) ମଦ ଦୋକାନ ମାଲିକ ବେନିୟମ ଭାବେ ଚମ୍ପୁଆ ଏନଏସି ର ଦୁଇ ନମ୍ବର ୱାର୍ଡ ପାଂଚ ପୋଖରିଆ (ଶଙ୍କରପୁର) ନିକଟରେ ଚମ୍ପୁଆ -ଯୋଡ଼ା ରାସ୍ତା କଡରେ ଏକ ଭଡା ଗୃହରେ ଗୋଦାମ କରି ଚମ୍ପୁଆ ଏନଏସି ର ବିନା ଅନୁମତିରେ ବିଭିନ୍ନ ୱାର୍ଡ ସହିତ ଚମ୍ପୁଆ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଦୋକାନ ମାନଙ୍କରେ ମଦ ସପ୍ଲାଇ ଦେଇ ବେନିୟମ ଭାବେ ମଦ ବିକ୍ରି କରି ଗ୍ରାମାଂଚଳରେ ବିଶୃଙ୍ଖଳିତ ପରିବେଶ ସୃଷ୍ଟି କରୁଥିବାର ଅଭିଯୋଗ ହେଉଛି। ତେବେ ଚମ୍ପୁଆ ଅଂଚଳର କୌଣସି ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ନୁହେଁ ପାଂଚ ପୋଖରିଆସ୍ଥିତ ବେନିୟମ ଗୋଦାମରୁ ଏହି ଦେଶୀ ପୋଲଥିନ ମଦ ଚମ୍ପୁଆ ଏନଏସିର ପାଂଚପୋଖରିଆ, ଗୋଧୂଳି, ରାମଲା ସମେତ କୋଦଗାଡ଼ିଆ, ଜାମୁଦଳକ ସୁନାପଶି, ରଜିଆ ଆଦି ପଂଚାୟତର ବିଭିନ୍ନ ଗ୍ରାମ ମାନଙ୍କରେ ଥିବା ଦୋକାନୀ ମାନଙ୍କୁ ପ୍ରଲୋଭୀତ କରି ଦୀର୍ଘ ଦିନରୁ ଏହି ଚୋରାମଦ କାରବାର ବ୍ୟାପକ ଭାବେ ବୃଦ୍ଧି କରି ଚାଲିଥିଲେ ମଧ ଏହା ଉପରେ ରୋକ ଲଗାଇ ପାରୁ ନାହିଁ ଅବକାରୀ ବିଭାଗ ଅବା ସ୍ଥାନୀୟ ପ୍ରଶାସନ। ଚମ୍ପୁଆ ଅବକାରୀ କାର୍ଯ୍ୟାଳୟ ଏବଂ ଚମ୍ପୁଆ ଥାନାରୁ ମାତ୍ର ଚାରି କିଲୋମିଟର ଦୂରରେ ଦୀର୍ଘ ଦିନରୁ ବେନିୟମ ଭାବେ ଦେଶୀ ପଲିଥିନ ମଦ ଗୋଦାମ କରି ବିଭିନ୍ନ ଅଂଚଳକୁ ସପ୍ଲାଇ କରା ଯାଉଥିଲେ ମଧ ଏଥି ପ୍ରତି ବିଭାଗୀୟ ଅଧିକାରୀ ମାନେ ଜାଣି ଶୁଣି ନିରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦେଶୀ ପଲିଥିନ ମଦ ବେପାରୀ ବେନିୟମ ଭାବେ ମଦ କାରବାର କରୁଥିଲେ ମଧ ତା ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଚମ୍ପୁଆ ଏନଏସି ଏବଂ ବ୍ଲକର ବିଭିନ୍ନ ଗ୍ରାମରେ ଚୋରା ଦେଶୀ ମଦ କାରବାର ଦିନକୁ ଦିନ ସୀମା ଟପିବାରେ ଲାଗିଛି। ଚୋରା ଓ ଅପମିଶ୍ରିତ ଦେଶୀ ପଲିଥିନ ମଦ ପିଇ ପୁରୁଷ ମାନେ କମ ବୟସରେ ଅକାଳ ମୃତ୍ୟୁବରଣ କରୁଥିବା ବେଳେ ଅଂଚଳରେ ବିଧବାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅକାଳରେ ପରିବାର ମୁଖିଆ ମୃତ୍ୟୁବରଣ କରୁଥିବାରୁ ବାପା, ମା ଛେଉଣ୍ଡଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି । ଯାହାଫଳରେ ଅଶିକ୍ଷା, ଦାରିଦ୍ର୍ୟ ଜନିତ ସମସ୍ୟା ଏମାନଙ୍କର ଚିର ସହଚର ହୋଇଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ପାଲଟିଥିବା ବେଳେ ଏହାକୁ ନେଇ ଅଂଚଳରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଚୋରା ଦେଶୀ (ପୋଲିଥିନ) ମଦ କାରବାରକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବୀ ହେଉଛି।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୭/୩ (ନି.ପ୍ର): ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ପରିସରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲ୍ଲୁ ଚଳିତ ବର୍ଷ ଓଡିଶା ଦିବସ ପାଳନ ସଂପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବୈଠକର ନିଷ୍ପତି ଅନୁସାରେ ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଓଡିଶା ଦିବସ ସମ୍ବଲପୁର ସ୍ଥିତ ତପସ୍ୱିନୀ ସମ୍ମିଳନୀ କକ୍ଷ ଠାରେ ପାଳନ କରାଯିବ। ଏପ୍ରିଲ ୧ ତାରିଖ ପ୍ରତ୍ୟୁଷରୁ ସମ୍ବଲପୁର ସହରର ବିଭିନ୍ନ ଅଂଚଳରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯିବ। ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତିରେ ମୁଖ୍ୟ ଅତିଥି ଓ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଲୋକମାଳାରେ ସୁସଜ୍ଜିତ କରାଯିବ ବୋଲି ନିଷ୍ପତି ନିଆଯାଇଛି। ପୂର୍ବାହ୍ନ ୧୦ ଘଟିକା ସମୟରେ ତପସ୍ୱିନୀ ସମ୍ମିଳନୀ କକ୍ଷ ଠାରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ, ଏଥିରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିପାରିବେ। ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉତ୍ସବର ଆୟୋଜିତ କାର୍ଯ୍ୟକ୍ରମ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ନିଷ୍ପତି ଶୁଣାଇଥିଲେ।

# ଦିଲ୍ଲୀ ଦରବାରରେ ଗୌରବ ବଢ଼ାଇଲେ ବଲାଙ୍ଗୀରର ଦୁଇ ଯୁବ ଶିଳ୍ପୋଦ୍ୟୋଗୀ : ମିଳିଲା ସମ୍ବର୍ଦ୍ଧନା

ବଲାଙ୍ଗିର, ୨୭/୩ (ନି.ପ୍ର): ଓଡ଼ିଆ ସମାଜ ପକ୍ଷରୁ ଜବାହାରଲାଲ ନେହେରୁ ଷ୍ଟାଡିୟମ, ନୂଆଦିଲ୍ଲୀରେ ଆୟୋଜିତ 'ଓଡିଶାପର୍ବ' ରେ ବଲାଙ୍ଗୀରର ଗୌରବ ବଢ଼ାଇଥିବା ସୋମନାଥ ସାହୁ ଓ ନକୁଳ ପଟ୍ଟନାୟକଙ୍କୁ ପବ୍ଲିକ ରିଭ୍ୟୁ କମିଟି, ବଲାଙ୍ଗୀର ପକ୍ଷରୁ ଗୁରୁବାର ସ୍ଥାନୀୟ ଦୈନିକ ବଜାର ପ୍ରାଙ୍ଗଣରେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଯୁବ ଶିଳ୍ପୋଦ୍ୟୋଗୀ ସୋମନାଥ ସାହୁ ବଲାଙ୍ଗୀରର ପ୍ରସିଦ୍ଧ ରବି ଚା' ଦୋକାନ ଯାହାକି ତାଙ୍କ ପିତା ସ୍ୱର୍ଗତ ରବି ସାହୁଙ୍କ ଦ୍ୱାରା ୬୪ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ତାହା ଆଜି ଦିନରେ କେବଳ ବଲାଙ୍ଗୀର ନୁହେଁ, ସମଗ୍ର ଓଡିଶା ଏପରିକି ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ପହଂଚି ବଲାଙ୍ଗୀରର ଗୌରବ ବଢାଇଛନ୍ତିକ୍ଷ ଠିକ୍ ସେହିପରି ନକୁଳ ପଟ୍ଟନାୟକ ବଲାଙ୍ଗୀରର ଜଣେ ଜଣାଶୁଣା ଭୁଜା ମିକ୍ସଚର ବ୍ୟବସାୟୀ ଯିଏକି ଓଡିଶାର ବିଭିନ୍ନ ସ୍ଥାନ, ବେଙ୍ଗାଲୁରୁ ସମେତ ଦିଲ୍ଲୀର 'ଓଡିଶା ପର୍ବ'ରେ ୪ ଥର ନିଜ ଭୁଜା ମିକ୍ସଚରର ସ୍ୱାଦ ଚଖାଇ ଆସୁଛନ୍ତି। ବିଗତ ବର୍ଷଗୁଡ଼ିକରେ ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖକ୍ଷ ଗୁପ୍ତାଙ୍କ ସମେତ ଅନେକ ସେଲିବ୍ରିଟି ଏହି ଦୁଇ ଯୁବ ଶିଳ୍ପୋଦ୍ୟୋଗୀଙ୍କ ଓଡ଼ିଶା ପର୍ବ ଷ୍ଟଲକୁ ଆସି ଉଭୟଙ୍କୁ ଉତ୍ସାହିତ କରିଥିଲେ ।

ଆଜି ପବ୍ଲିକ ରିଭ୍ୟୁ କମିଟି ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭବାନୀ ଶଙ୍କର ଶତପଥୀ, ସାମାଜିକ କର୍ମୀ ତଥା ବେଡ଼ମିଂଟନ ସଂଘ ସମ୍ପାଦକ ସୁରୁଲାଲ ମଟାରି, ଏପିପି ଅଶୋକ ରାଉତ, ସରୋଜ ଗୁପ୍ତା, ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ଆବାହକ ସୁନୀଲ ମହାନ୍ତି, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର, ଚିତ ରଞ୍ଜନ ମିଶ୍ର, ବିଭୁ କଲ୍ୟାଣ ଗଡତ୍ୟା, ସଙ୍ଗଠକ ଅନନ୍ତ ବେହେରା, ମାନସ ମହାନ୍ତି, ରଘୁନନ୍ଦନ ସିଂ, ସାମାଜିକ କର୍ମୀ ସତ୍ୟ ବନଛୋର, ଶିକ୍ଷାବିତ ମନୋରଞ୍ଜନ ସାହୁ, ସାହିତ୍ୟିକ ସନ୍ଦୀପ କୁମାର କୁଅଁର ମିଳିତ ଭାବେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଗୋଚର ଜମିରେ ହଷ୍ଟେଲ ନିର୍ମାଣ ଅଭିଯୋଗ: ତଦନ୍ତ ଦାବି

ଭଦ୍ରକ, ୨୭/୩ (ନି.ପ୍ର): ଏହି ଜିଲାର ଧାମନଗର ତହସିଲ୍ ଅଧୀନ ଦେହୁଡି ଆନନ୍ଦପୁର ପଂଚାୟତର କାଶିଆ ଛକ ନିକଟରେ ଥିବା ସରକାରୀ ଗୋଚର ଜମି ଉପରେ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ହଷ୍ଟେଲ କୋଠା ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀମାନେ ସରକାରୀ ଜମି ଉପରେ ଅନଧିକୃତ ନିର୍ମାଣ ହେଉଥିବା ଅଭିଯୋଗ କରିଥିବା ବେଳେ ଘଟଣାର ତଦନ୍ତ ଦାବି କରିଛନ୍ତି। ସୂଚନା ଅନୁସାରେ ଖାତା ନମ୍ବର ୫୯୯ ଓ ପ୍ଲଟ୍ ନମ୍ବର ୧୦୪୮ ରେ ଥିବା ଜମି ସରକାରଙ୍କ ନାମରେ ରେକର୍ଡ ହୋଇଥିବା ସହିତ ଏହା ଗୋଚର ବର୍ଗରେ ରହିଛି। ମୋଟ ୦.୯୭୧୦ ହେକ୍ଟର ( ୨.୪୦ ଏକର) ଅଂଚଳ ଥିବା ଏହି ଜମି ନିୟମ ଅନୁଯାୟୀ ପଶୁ ଚରାଇବା ପାଇଁ ସଂରକ୍ଷିତ ରହିଥାଏ ଏବଂ ସରକାରୀ ଅନୁମତି ବିନା ଅନ୍ୟ କୌଣସି କାମରେ ବ୍ୟବହାର କରିବା ନିଷିଦ୍ଧ। କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ଉକ୍ତ ଗୋଚର ଜମି ଉପରେ ବେସରକାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ହଷ୍ଟେଲ ଘର ନିର୍ମାଣ କାମ ଚାଲିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଗୋଚର ଜମି ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର ହୋଇଥିବାରୁ ଏହାର ଅନଧିକୃତ ଦଖଲ ହେଲେ ପଶୁପାଳନ ଓ ଚାଷୀମାନଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ। ଏହାକୁ ନେଇ ଅଂଚଳରେ ଅସନ୍ତୋଷ ବଢୁଥିବା ସହିତ କେତେକ ଲୋକ ଗୋଚର ଜମିକୁ ଜୋରଜବରଦସ୍ତି କବଜା କରାଯାଉଥିବା ଅଭିଯୋଗ ମଧ ଉଠାଇଛନ୍ତି। ଏହି ପରିସ୍ଥିତିରେ ସରକାରୀ ଜମି ବ୍ୟବହାର ସମ୍ପର୍କରେ ପ୍ରଶାସନ ସଠିକ୍ ତଦନ୍ତ କରି ଆଇନୁକ୍ତ ପଦକ୍ଷେପ ନେବାକୁ ସାଧାରଣ ଲୋକେ ଦାବି କରିଛନ୍ତି। ଏନେଇ ଧାମନଗର ତହସିଲଦାର ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ମିଳିନାହିଁ। ଅଭିଯୋଗ ମିଳିଲେ ତଦନ୍ତ କରି ଆବଶ୍ୟକ ଆଇନୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।

# ସମ୍ବଲପୁରରେ ଅତ୍ୟାଧୁନିକ ନାଟ୍ୟପଯୋଗୀ ପ୍ରେକ୍ଷାଳୟ ଦାବିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ସମ୍ବଲପୁର, ୨୭/୩ (ନି.ପ୍ର): ସମ୍ବଲପୁର ସହରରେ ଏକ ଅତ୍ୟାଧୁନିକ ନାଟ୍ୟପଯୋଗୀ ପ୍ରତିଷ୍ଠା ଦାବିରେ ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି ' ନାଟ ନାଟୁଆ ' ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଗୁହାରି ଜଣାଇବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି କ୍ଷ ଜିଲ୍ଲା ସଦର ମହକୁମାରେ ଥିବା ତପସ୍ୱିନୀ ହଲକୁ ଉନ୍ନତିକରଣ କରାଯାଇ ତାହାକୁ ନାଟ୍ୟପଯୋଗୀ ମଞ୍ଚ ଭାବରେ ପରିଣତ କରିବାକୁ ମଧ ଏହି ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ସହ ଆଲୋଚନା ବେଳେ ଦୃଷ୍ଟି ଆକର୍ଷଣ କରାଇଛନ୍ତି । ସୂଚନାଯୋଗ୍ୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଭୀମସାର, ଭିସୁଟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଆଇଆଇଏମ ପରି ଶିକ୍ଷାନୁଷ୍ଠାନ ମାନଙ୍କରେ କଳା ପ୍ରଦର୍ଶନ ପାଇଁ ପ୍ରେକ୍ଷାଳୟ ପ୍ରତିଷ୍ଠା ହୋଇଥିବା ବେଳେ ଏହି ମାଟିର କଳା, ଲୋକ ନୃତ୍ୟ, ଲୋକ ଗୀତ, ନାଟକ ଦେଶ ତଥା ବିଦେଶରେ ପ୍ରଦର୍ଶନ କରି ବହୁ ସୁନାମ ସାହୁଙ୍କୁ ଥିବାବେଳେ ସମ୍ବଲପୁରରେ କଳା ପ୍ରଦର୍ଶନ ପାଇଁ ମଞ୍ଚପୋଯୋଗୀ ଏକ ପ୍ରେକ୍ଷାଳୟର ଅଭାବ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କ୍ଷୋଭ ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ପୂର୍ବରୁ ଅନେକ ଥର ବର୍ତ୍ତମାନର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କ ନିକଟରେ ମଞ୍ଚପୋଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା କରିବା ପାଇଁ ଏକାଧୀକ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ । ଇତି ମଧ୍ୟରେ ସମ୍ବଲପୁରରେ ଜାତୀୟ ଓ ରାଜ୍ୟ ସ୍ତରୀୟ ନାଟକ ପ୍ରତିଯୋଗିତା ସ୍ଥାନୀୟ 'ତପସ୍ୱିନୀ ହଲ' ପରିସରରେ ପରିବେଷିତ ହୋଇଥିଲେ ମଧ ଭିତ୍ତିଭୂମି ଅଭାବରୁ ବହୁ ଘାତପ୍ରତିଘାତ ସହ ବ୍ୟୟ ବହୁଳତାର ଶିକାର ହେବାକୁ ପଡିଛି କ୍ଷ ଆଜିର ଆଲୋଚନାରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ତୁରନ୍ତ ଆର ଏଣ୍ଡ ସାଥିରେ କଥା ହୋଇ ତପସ୍ୱିନୀ ହଲକୁ ମଞ୍ଚପଯୋଗୀ କରିଯିବାକୁ ପ୍ରତିଶୃତି ଦେଇଥିଲେ । ଏଥିସହ ଆଉ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟ ପ୍ରତିଷ୍ଠା ପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି କହିଥିଲେ କ୍ଷ'ନାଟ ନାଟୁଆ ' ପକ୍ଷରୁ ଏହି ପ୍ରତିନିଧି ଦଳରେ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଯୁଗ୍ମ ସଂଯୋଜକ ଅତିଶ ଶତପଥି, ପ୍ରଦୀପ କୁମାର ପଣ୍ଡା, ବବଲୁ ବାଗ, ପୂର୍ଣ୍ଣଚନ୍ଦ୍ର ଦାସ, ଗୋରେଖ ଲାଲ ଦାସ, ପ୍ରଶାନ୍ତ ମାଝୀ, ସଂଜୀବ ପାଢ଼ୀ, ପ୍ରମୋଦ କୁମାର ମିଶ୍ର, ଯୋଗେଶ ନନ୍ଦ, ପ୍ରତାପ ବାବୁ, ହାରାଧନ ପାଣ୍ଡେ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଡାକ୍ତର ସଞ୍ଜୀବ କୁମାର ଓତା ସମ୍ମାନିତ

କେନ୍ଦୁଝର, ୨୭/୩ (ନି.ପ୍ର): କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଡେକ୍ସାଲ୍ ସାଇନ୍ସ, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ତରଫରୁ କିଡସ୍ ପ୍ରେକ୍ଷାଳୟରେ ଆୟୋଜିତ ସମ୍ବଦ୍ଧନା ଉତ୍ସବରେ କେନ୍ଦୁଝରର ସୁନାମଧନ୍ୟ ଦନ୍ତ ଚିକିତ୍ସା ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତାଙ୍କୁ ସମ୍ମାନିତ କରାଯାଇଛି। ସମାଜସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ, କିଟ୍ର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ କ୍ରମେ, କିଡସ୍‌ର ଡାଇରେକ୍ଟର ଡାକ୍ତର ଯୁଗଜ୍ୟୋତି ପାଠି ଏବଂ ପ୍ରିନ୍ସିପାଲ ଡାକ୍ତର ସଙ୍ଗମେଶ ଏନ୍. ସି. ତାଙ୍କୁ ଉତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।

# ଗହିର ମଝିରେ ଗଡିଲା ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥ

ଖୋର୍ଦ୍ଧା, ୨୭/୩ (ନି.ପ୍ର): ପବିତ୍ର ଅଶୋକାଷ୍ଟମୀ ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସି ପହଞ୍ଚିସାରିଛି। ଗୁରୁବାର ପ୍ରତ୍ୟୁଷରୁ ମାନସିକ ସ୍ୱତନ୍ତ୍ର ସ୍ନାନ ଓ ପ୍ରାର୍ଥନା, ସକାଳ ୬ଟାରେ ମଙ୍ଗଳ ଆଳତି, ବାଳଧୂପ ଓ ଅଶୋକଫୁଲ ଲାଗି ହେବା ପରେ ସକାଳ ୭ଟାରେ ଠାକୁରଙ୍କୁ ସର୍ବସାଧାରଣ ଦର୍ଶନ ଓ ଶୁକ୍ର ଶୁଖୁଲି ଭୋଗ ସମର୍ପଣ କରାଯାଇଛି, ପୂର୍ବାହ୍ନ ୧୦ଟାରେ ରେ ରଥ ପ୍ରତିଷ୍ଠା ହୋଇଥିଲା।ପରେ ସାଢ଼େ ୧୧ଟା ୩୦ରେ ଶ୍ରୀଜଗନ୍ନାଥଙ୍କ ପାଖରୁ ଆସିଥିବା ପାଟପଟନୀ, ଚନ୍ଦନ ଆଦି କପିଳେଶ୍ୱର ଦେବଙ୍କୁ ଲାଗି ହେଲା। ମଧ୍ୟାହ୍ନ ୧୨ଟାରେ ଶଙ୍ଖୁଡି ଭୋଗଲାଗି ଓ ମଧ୍ୟାହ୍ନ ଧୂପ, ଅପରାହ୍ନ ୧ଟାରେ କପିଳେଶ୍ୱର ଦେବ ବିଜୟା ମଣ୍ଡପକୁ ଯାତ୍ରା କରିଥିଲେ।ସାଢ଼େ ୧ଟାରେ ଆରେଡ଼ି ଗ୍ରାମରୁ ଗ୍ରାମେଶ୍ୱର ଦେବଙ୍କ ଆଗମନ ହୋଇଥିଲା।ଅପରାହ୍ନ ସାଢ଼େ ୨ଟାରେ ଗ୍ରାମେଶ୍ୱର ଦେବଙ୍କ ଆଳତି ଓ ପହଣ୍ଡି ଯାତ୍ରା କରାଯାଇ ଅପରାହ୍ନ ୩ଟାରେ ଗ୍ରାମେଶ୍ୱର ଦେବଙ୍କ ବିଜୟା ମଣ୍ଡପରେ ବିଜେ ହୋଇଥିଲେ। ଅପରାହ୍ନ ସାଢେ ୩ଟାରେ ଶ୍ରୀଜଉମାନଙ୍କୁ ବିଜୟା ମଣ୍ଡପରେ ଆଳତି ଓ କୋଠ ଭୋଗ କରାଯାଇ ଅପରାହ୍ନ ୪ଟାରେ ଶ୍ରୀଜୀଉମାନଙ୍କର ରଥାରୂଢ଼ ନିମନ୍ତେ ବିଜୟାମଣ୍ଡପରୁ ଧାଡ଼ିପହଣ୍ଡି ଆରମ୍ଭ ହୋଇଥିଲା। ଅପରାହ୍ନ ସାଢ଼େ ୪ଟାରେ ଶ୍ରୀଜୀଉମାନଙ୍କୁ ରଥାରୁଢ଼ କରାଯିବା ପରେ ଅପରାହ୍ନ ୪ଟା ୩୫ରେ ସାରଥୀ ଭଗବାନ ବ୍ରହ୍ମଙ୍କ ରଥାରୁଢ଼, ରଥରେ ଅଶ୍ୱ ଓ ଦୌଡ଼ି ସଂଯୋଗ କରାଯାଇଥିଲା। ଅପରାହ୍ନ ୫ଟାରେ ରଥ ଟଣା ଆରମ୍ଭ ହୋଇଥିଲା । ଅପରାହ୍ନ ସାଢେ ୫ଟାରେ ପଣକିଆରୀରେ ରଥ ଉପରେ ପଣା ଭୋଗ କରାଯିବା ପରେ ପ୍ରଭୁ କପିଳେଶ୍ୱର ବେଦବାଡ଼ିରେ ପହଞ୍ଚି ଥିଲା।ସନ୍ଧ୍ୟା ସାଢ଼େ ୬ଟାରେ ଶ୍ରୀଜୀଉମାନଙ୍କ ରଥ ଉପରେ ବେଦବାଡ଼ିରେ ବିଶ୍ରାମ ନେଇଥିଲେ।

# ବିଶ୍ୱ ଜଳ ଦିବସ ୨୦୨୬ ପାଳିତ

## ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ଜେଏସଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ
## ୩ଟି ପଞ୍ଚାୟତରେ ୭ ଏକର ପୋଖରୀ ପୁନଃ ଉଦ୍ଧାର ଓ ୨୩ ବୋରୱେଲ ଖନନ କରାଯାଇଛି



ପାରାଦୀପ, ୨୭/୩ (ନି.ପ୍ର): ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପ୍ରକଳ୍ପ ସ୍ଥାନ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବିଶ୍ୱ ଜଳ ଦିବସ ପାଳନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୨ ମାର୍ଚ୍ଚରେ ବିଶ୍ୱସ୍ତରୀୟ ଭାବରେ ପାଳିତ ବିଶ୍ୱ ଜଳ ଦିବସ, ପ୍ରତ୍ୟେକଙ୍କ ଜୀବନରେ ଜଳର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରେ। ୨୦୨୬ ମସିହାରେ, 'ଜଳ ଏବଂ ଲିଙ୍ଗ' ବିଷୟବସ୍ତୁ ଜଳ ଉପଲବ୍ଧତା, ମହିଳା ସଶକ୍ତିକରଣ ଏବଂ ଲିଙ୍ଗ ସମାନତା ମଧ୍ୟରେ ସଂଯୋଗ ଉପରେ ଗୁରୁତ୍ୱାରୋପ କରିଥିଲା।ଏହି ବିଶ୍ୱସ୍ତରୀୟ ପଦକ୍ଷେପ ସହିତ ସମନ୍ୱୟ ରଖି, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ, ପାରାଦୀପ ପକ୍ଷରୁ ଚାରୋଟି ସ୍କୁଲ ଢିଙ୍କିଆ ପ୍ରାଥମିକ ବିଦ୍ୟାଳୟ, ଢିଙ୍କିଆ,ଗୋବିନ୍ଦପୁର ୟୁପି ସ୍କୁଲ, ଗୋବିନ୍ଦପୁର,ମଠସାହି ୟୁପି ସ୍କୁଲ,ନୂଆଗାଁ ଏବଂ ଗଡକୁଜାଙ୍ଗ ଅପଗ୍ରେଡେଡ୍ ହାଇସ୍କୁଲ, ଗଡକୁଜାଙ୍ଗରେ ବିଶ୍ୱ ଜଳ ଦିବସ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ୦୩ଟି ଗ୍ରାମ ପଞ୍ଚାୟତ ଢିଙ୍କିଆ,ଗଡକୁଜାଙ୍ଗ ଏବଂ ନୂଆଗାଁକୁ ଅନ୍ତର୍ଭୁକ୍ତ କରିଥିଲା।ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଯୁବପିଢ଼ିଙ୍କୁ ଜଳ ସଂରକ୍ଷଣର ଗୁରୁତ୍ୱ,ଜଳର ସମାନ ପ୍ରବେଶ ଏବଂ ଜଳ ପରିଚାଳନାରେ ଲିଙ୍ଗଗତ ଅନ୍ତର୍ଭୁକ୍ତିର ଭୂମିକା ବିଷୟରେ ଶିକ୍ଷା ଦେବା।ଏହି ଅଭିଯାନ ଛାତ୍ରଛାତ୍ରୀମାନଙ୍କୁ ଜଳ ସଂରକ୍ଷଣର ଗୁରୁତ୍ୱ,ସ୍ଥାୟୀ ବ୍ୟବହାର ଏବଂ ଏହି ବର୍ଷର ବିଷୟବସ୍ତୁ 'ଜଳ ଏବଂ ଲିଙ୍ଗ'ର ବିଶ୍ୱବ୍ୟାପୀ ଗୁରୁତ୍ୱ ବିଷୟରେ ସଚେତନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା।ଲିଙ୍ଗଗତ ସମାନତା ଏବଂ ସାମୁଦାୟିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ସମାନ ଜଳ ଉପଲବ୍ଧତାର ଭୂମିକାକୁ ଉଜ୍ଜ୍ୱଳ କରିବା ପାଇଁ ଆନ୍ତଃକ୍ରିୟାଶୀଳ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା।ଛାତ୍ରମାନେ ଜଳ ସମ୍ବନ୍ଧୀୟ ଚ୍ୟାଲେଞ୍ଜ ଏବଂ ସମାଧାନ ପ୍ରତି ଆଗ୍ରହ ପ୍ରଦର୍ଶନ କରି ଆଲୋଚନା ଏବଂ ସଚେତନତା କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତିକୁ ଉତ୍ସାହିତ କରିବା ପାଇଁ,ସ୍କୁଲ ଶିକ୍ଷକ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଆନ୍ତଃକ୍ରିୟା ଅଧିବେଶନ ସମୟରେ ଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।ସମୁଦାୟ କଲ୍ୟାଣ ଏବଂ ନିରାପଦ ପାନୀୟ ଜଳ ଉପଲବ୍ଧତା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାର ଅଂଶ ଭାବରେ,ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପୂର୍ବରୁ ଅଞ୍ଚଳର ବିଭିନ୍ନ ସରକାରୀ ସ୍କୁଲ ଏବଂ ସାର୍ବଜନୀନ ପ୍ରତିଷ୍ଠାନରେ ୩୦ ରୁ ଅଧିକ ବିଶୁଦ୍ଧ ପାନୀୟ ଜଳ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ କରିସାରିଛି।ଏହି ପଦକ୍ଷେପ ପରିବେଶଗତ ସ୍ଥିରତା ଏବଂ ସାମାଜିକ ଦାୟିତ୍ୱ ପ୍ରତି କମ୍ପାନୀର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ,ବିଶେଷକରି ଗ୍ରାମୀଣ ସମ୍ପ୍ରଦାୟରେ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳର ଉପଲବ୍ଧତାକୁ ଉନ୍ନତ କରିବା ପାଇଁ। ଜଳର ବିଷୟବସ୍ତୁ ଶୀର୍ଷକ ଅଧୀନରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଏହାର ସିଏସଆର କାର୍ଯ୍ୟକଳାପରେ ବିଭିନ୍ନ କାର୍ଯ୍ୟକଳାପ ପରିଚାଳନା କରିଛି। ସ୍ଥାୟୀ ଜଳ ସମ୍ପଦ ପରିଚାଳନାକୁ ସମର୍ଥନ କରିବା ପାଇଁ ଗଡକୁଜଙ୍ଗ ଗ୍ରାମରେ ୬.୦୬ ଏକର ଚନ୍ଦନ ପୋଖରୀର ପୁନରୁଦ୍ଧାର। ପାରାଦୀପର ଇସ୍ପାତ କାରଖାନା କ୍ଷେତ୍ର,ସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ଋଣ ନୈତିକ ସ୍ଥାନରେ ଥିବା ସ୍କୁଲଗୁଡ଼ିକରେ ସ୍ଥାପିତ ଶୀତଳୀକରଣ ସୁବିଧା ସହିତ ୮୦ ଲିଟରର ୮୧ ଟି ବିଶୁଦ୍ଧ ପାନୀୟ ଜଳ ବିଶୋଧକ ଯନ୍ତ୍ର ସ୍ଥାପନ କରାଯାଇଛି।ଜଳ ଉପଲବ୍ଧତା ବୃଦ୍ଧି କରିବା ପାଇଁ ମାହଳ ଗ୍ରାମରେ ଏକ ୪୦୦ ମିଟର ବୋରୱେଲ୍ ଖନନ କରାଯାଇଛି।ଅଙ୍ଗନୱାଡି ପିଲା ଏବଂ କର୍ମୀଙ୍କ ପାଇଁ ଅତ୍ୟାବଶ୍ୟକୀୟ ସେବାକୁ ସୁଦୃଢ଼ କରିବା ପାଇଁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ୧୧ ଟି ବୋରୱେଲ ସ୍ଥାପନ କରାଯାଇଛି। ନୂଆଗାଁ,ଗଡକୁଜଙ୍ଗ,ଢିଙ୍କିଆ ଏବଂ ମାହଳ ରେ ଅବସ୍ଥିତ ସମ୍ପ୍ରଦାୟ ଏବଂ ସଭା ହଲରେ ୪ ଟି ବୋରୱେଲ ସ୍ଥାପନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ସଭା ହଲରେ ୪ ଟି ବୋରୱେଲ ସ୍ଥାପନ, ଯେଉଁଥିରେ ନୂଆଗାଁରେ ୨ଟି, ଗୋବିନ୍ଦପୁରରେ ୧ ଟି ଏବଂ ପାଟଣା ରେ ୧ଟି ଅନ୍ତର୍ଭୁକ୍ତ।ସାମୁଦାୟିକ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଗୋବିନ୍ଦପୁର, ନୂଆଗାଁ,ଢିଙ୍କିଆ ଏବଂ ମାହଳରେ ଶ୍ମଶାନ ଭୂମିରେ କ୍ଷୁଦ୍ର ପୋଖରୀ ସହିତ ୪ ଟି ବୋରୱେଲର ବିକାଶ କରାଯାଇଛି। ସ୍ଥାନୀୟ ଜଳ ସଂରକ୍ଷଣ ଏବଂ ଇକୋସିଷ୍ଟମ ସ୍ଥାୟୀତ୍ୱକୁ ଉନ୍ନତ କରିବା ପାଇଁ ମାହଳ ଗ୍ରାମରେ ଠାକୁର ଗଡିଆ ପୋଖରୀର ପୁନରୁଦ୍ଧାର କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କଡ଼ ଲେଉଟାଉଛି ରାଜ୍ୟ...

ଉଭୟ ଦଳର କିଛି ବିଧାୟକ । ହେଲେ ସମ୍ପର୍କରେ ବାଧା ଦେଉଥିବା ବିଧାୟକଙ୍କୁ ନିଲମ୍ବିତ କରି ଉଭୟ ଦଳର ମୁଖିଆ ସଂକେତ ଦେଇଛନ୍ତି, ଏ ଦୋସ୍ତି ହମ୍ ନୈହିଁ ଛୋଡେଙ୍ଗେ । ଉଭୟ ଦଳର ଲକ୍ଷ୍ୟ ଗୋଟିଏ, ବିଜେପିକୁ ଚେକ୍ ଦେବା । ଏଥିପାଇଁ ସାଙ୍ଗ ହୋଇ ପଞ୍ଚାୟତ ପରୀକ୍ଷା ଦେବାକୁ ଉଭୟ ଦଳର ଶୀର୍ଷନେତୃତ୍ୱ କସରତ କରୁଥିବା ଚର୍ଚ୍ଚା ହେଉଛି । ରାଜନୈତିକ ବାଧ୍ୟବାଧକତା ଶୀର୍ଷ ନେତୃତ୍ୱଙ୍କୁ ଏକାଠି କରିପାରେ । ହେଲେ ତୃଣମୂଳସ୍ତରରେ ବର୍ଷର ବର୍ଷର ତିକ୍ତତା ଭୁଲିଯାଇ କର୍ମୀ ମିଶିପାରିବେ ତ ?

### ବନ୍ଧା ହେଲେ ଡହ...

ହଜାର ୮୦୦ ଟଙ୍କା ସମେତ କିଛି ଜରୁରୀ କାଗଜପତ୍ର ଜବତ କରାଯାଇଛି। ସେହିପରି ବ୍ରହ୍ମପୁର ଘରୁ ନଗଦ ୧୫.୧୩ ଲକ୍ଷ ଟଙ୍କା ସହ ଜମି ଓ ଘରକିଣା କାଗଜପତ୍ର ସମେତ ବ୍ୟାଙ୍କ ଓ ପୋଷ୍ଟାଲ୍ ଜମା ଏବଂ ଅନ୍ୟ ଆର୍ଥିକ ନିବେଶ ସମ୍ପର୍କିତ ବହୁ ତଥ୍ୟ ଭିଜିଲାନ୍ସକୁ ମିଳିଛି। ପଞ୍ଜୁ ଓ ପରିବାର ସଦସ୍ୟଙ୍କ ନାଁରେ ବ୍ରହ୍ମପୁର ବସନ୍ତବିହାରରେ ୩୫୫୦ ବର୍ଗଫୁଟର ୩ ମହଲା ଘର ଓ ବ୍ରହ୍ମପୁର ସହରରେ ୫ଟି ମୂଲ୍ୟବାନ ଜମି ରହିଥିବା ଜଣାପଡ଼ିଛି।

### ଭାରତ ପୁଣି କିଣିବ...

ଏଥିସହିତ ସୁ-୩୦ ଯୁଦ୍ଧ ବିମାନର ଇଞ୍ଜିନ୍ ମରାମତି ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭାରତୀୟ ସ୍ଥଳସେନାର ଶକ୍ତି ବୃଦ୍ଧି ପାଇଁ 'ଧନୁଷ'ବନ୍ଧୁକ ଓ ଟ୍ୟାଙ୍କ କ୍ରୟକୁ ଅନୁମୋଦନ ଦିଆଯାଇଛି । ଏହା ସହିତ ସୀମାରେ ନିରବଚ୍ଛିନ୍ନ ଯୋଗାଯୋଗ ପାଇଁ ଉଚ୍ଚ-କ୍ଷମତା ସମ୍ପନ୍ନ ରେଡିଓ ରିଲେ ଏବଂ ରନୱେ ସ୍ୱାଧୀନ ଏରିଆଲ୍ ନିରୀକ୍ଷଣ ପ୍ରଣାଳୀ ସେନାରେ ସାମିଲ ହେବ।

### ପାକିସ୍ତାନର...

ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାର କାର୍ଯ୍ୟଦଳ ସ୍ଥିତି ଉପରେ ନିକଟରୁ ନଜର ରଖୁଛନ୍ତି। ଏହା ପୂର୍ବରୁ ଗୁରୁବାର ସକାଳେ ମଧ୍ୟ ବାଲୋଚିସ୍ତାନରେ ଭୂକମ୍ପର ଜୋରଦାର ଝଟକା ଅନୁଭବ କରାଯାଇଥିଲା। ଜାତୀୟ ଭୂକମ୍ପ ନିରୀକ୍ଷଣ କେନ୍ଦ୍ର ଅନୁଯାୟୀ, ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୬ ଥିଲା। ଭୂକମ୍ପର କେନ୍ଦ୍ର ବାଲୋଚିସ୍ତାନର ବାରଖାନରୁ ପ୍ରାୟ ୫୫ କିଲୋମିଟର ଉତ୍ତରେ ଥିଲା ଏବଂ ଏହାର ଗଭୀରତା ପ୍ରାୟ ୯୨ କିଲୋମିଟର ତଳେ ରେକର୍ଡ କରାଯାଇଥିଲା।

### ଦେଶବ୍ୟାପୀ ...

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ କହିଛି ଯେ ପଶ୍ଚିମ ଏସିଆ ଏବଂ ଉପସାଗରୀୟ କ୍ଷେତ୍ରର ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ଭାରତୀୟ ମିଶନଗୁଡ଼ିକ ୨୪ ଘଂଟା କାର୍ଯ୍ୟ କରୁଛନ୍ତି ଏବଂ ଭାରତୀୟ ନାଗରିକ, ଛାତ୍ର ଏବଂ ଫସି ରହିଥିବା ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛନ୍ତି। ଉଡ଼ାଣ ପ୍ରତିବନ୍ଧକ ମଧ୍ୟରେ, ବିକଳ୍ପ ମାର୍ଗ ମାଧ୍ୟମରେ ଯାତ୍ରା ବ୍ୟବସ୍ଥା କରାଯାଉଛି, ଯେତେବେଳେ କିଛି ପରୀକ୍ଷା ସ୍ଥଗିତ କିମ୍ବା ବାତିଲ କରାଯାଇଛି।

## ସ୍ରଷ୍ଟା ନାଟ୍ୟାନୁଷ୍ଠାନ ଦ୍ୱାରା ବିଶ୍ୱ ନାଟ୍ୟ ଦିବସରେ ମଞ୍ଚସ୍ଥ ହେଲା ନାଟକ 'ହୃଦୟର ଘର'



ବାଲେଶ୍ୱର, ୨୭/୩ (ନି.ପ୍ର): ସ୍ରଷ୍ଟା ନାଟ୍ୟ ଅନୁଷ୍ଠାନ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ ସହାୟତାରେ ମାକାଲ ପୁର ସ୍ଥିତ ନିଜ ପ୍ରେକ୍ଷାଳୟ ପରିସର ମଧ୍ୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ସ୍ରଷ୍ଟା ର ସମ୍ପାଦକ ନାଟ୍ୟକାର ଶ୍ରୀଯୁକ୍ତ ହେମେନ୍ଦ୍ର ମହାପାତ୍ର ଙ୍କ ପୌରୋହିତ୍ୟରେ ଜିଲ୍ଲାର ସଂସ୍କୃତି ଅଧିକାରୀ ମାନ ନୀୟା ମନସ୍ୱିନୀ ରାଉତ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ , ଭାଷା ବିକାଶ ଆନ୍ଦୋଳନ ର ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ,ସ୍ରଷ୍ଟାର ସଭାପତି ଶ୍ରୀ ଆଲୋକ କୁମାର ସାହୁ,ସଂଗ୍ରାମ କେଶରୀ ମହାନ୍ତି, ପ୍ରସନ୍ନ କୁମାର ଦାସ ପ୍ରମୁଖ ନାଟକ କିଭଳି ସାମାଜିକ ଜୀବନ ରେ ଘଟୁଥିବା ନିତି ଦିନିଆ ଘଟଣା ମାନ ପ୍ରଦର୍ଶିତ କରି ସମାଜକୁ ଦିଗ୍ ଦର୍ଶନ ଦେଇ ଏକ ଯୁକ୍ତାତ୍ମକ ପରିବର୍ତ୍ତନ ଆଡ଼କୁ ନେଇ ଯାଏ ବୋଲି ମତ ବ୍ୟକ୍ତ କରିଥିଲେ। ଶ୍ରୀ ମହାପାତ୍ର ନାଟକ କେବେ ଓ କେଉଁ ପରିସ୍ଥିତି ରେ ମଞ୍ଚସ୍ଥ ହୋଇଥିଲା ଓ କିଏ କାହିଁକି ମଞ୍ଚସ୍ଥ କରିବାର ପ୍ରୟାସ କରିଥିଲେ କରିଥିଲେ,ନାଟକ ଲେଖିବାର ଉଦ୍ଦେଶ୍ୟ କଣ ,କଳାକାର ମାନଙ୍କର ନିଖୁଣ ଅଭିନୟ କଳା କିପରିଦର୍ଶକ ଙ୍କୁ ଅଭିହିତ ଓ ଆମୋଦିତ କରି ମନୋରଞ୍ଜନର ଖୋରାକ ଯୋଗାଇବା ସଙ୍ଗେ ସଙ୍ଗେ ହୃଦୟରେ ଏକ ବିରାଟ ଶୁଭ ପରିବର୍ତ୍ତନ ର ତରଙ୍ଗ ସୃଷ୍ଟି କରାଏ ଇତ୍ୟାଦି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶିଷ୍ଟ ଅଭିନେତ୍ରୀ ସ୍ୱାତୀ ପଣ୍ଡା ଙ୍କୁ ସ୍ରଷ୍ଟା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶ୍ରୀ ପ୍ରସନ୍ନ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ସ୍ରଷ୍ଟାର ସଭ୍ୟ ନାଟ୍ୟକାର ପୀତାମ୍ବର ଦାସ ଙ୍କ ଲିଖିତ ନାଟକ 'ହୃଦୟର ଘର' ବିଶିଷ୍ଟ ନିର୍ଦ୍ଦେଶକ ଓ କଳାକାର ଶ୍ରୀଯୁକ୍ତ ଗୌରୀ ଶଙ୍କର ସାହାଣୀ ଙ୍କ ମାର୍ଗ ଦର୍ଶନ ରେ ଶ୍ରୀଯୁକ୍ତ ରଶ୍ମି ରଞ୍ଜନ ଦାସ ନାଟକ ନିର୍ଦ୍ଦେଶନା ଦେବା ସଙ୍ଗେ ସଙ୍ଗେ ସଙ୍ଗୀତ ପରି ଚାଳନା କରିଥିଲେ।ନାଟକର ବିଷୟ ବସ୍ତୁ ବେଶ ଉଚ୍ଚ କୋଟୀର ଥିଲା।' ଅଧୁନା ସମାଜରେ ଅନ୍ୟାୟ, ଅନୀତି,ଚୋରି ଡକାୟତି ,ଦୁର୍ନୀତି କୁ ମୂଳ ଉତ୍ପାଟନ କରିବାର ପ୍ରୟାସ ଜାରି ରଖି କିପରି ଜଣେ ପୋଲିସ ଅଫିସର ଅସାମାଜିକ ଲୋକଙ୍କ ଦ୍ୱାରା ଆକ୍ରମଣର ଶିକାର ପୂର୍ବକ ଭୀଷଣ ଆଘାତ ପ୍ରାପ୍ତ ହୋଇ ସ୍ମରଣ ଶକ୍ତି ହରାଇଥିଲେ ଓପରିବାର ଠାରୁ ଏକ ଅଶୁଭ ମୁହୂର୍ତ୍ତରେ ବିଚ୍ଛିନ୍ନ ହୋଇଯାଇ ରାସ୍ତାରେ ଘୁରିବୁଲୁଥିଲେ ଓ ଏକ ସେବା ସଂସ୍ଥାର ଦୃଦୟ ବାନ ବ୍ୟକ୍ତି ତାଙ୍କୁ ସେବା ସଂସ୍ଥାରେ ଆଶ୍ରୟ ଦେଇ ପାଳୁଥିଲେ,ସେବାଶ୍ରମ ର ଦୁଇ ଡାକ୍ତର କିପରି ଏକ challenging ମନ ଭାବନେଇ advance medical treatment କରାଇ ପୋଲିସ ଏସପି ଙ୍କର ମେମୋରି ଫେରେଇ ଆଣିବାକୁ ସକ୍ଷମ ହୋଇ ତାଙ୍କ ପରିବାରକୁ ତାଙ୍କୁ ଫେରାଇ ଦେଇଥିଲେ ଓ ପ୍ରତିବଦଳରେ ଏସପିଙ୍କ ପରିବାର କିପରି ସେବା ଶ୍ରମ କୁ ତାଙ୍କର 'ହୃଦୟର ଘର' ବୋଲି ଆଖ୍ୟାଦେଇ ସମସ୍ତେ ସେବାଶ୍ରମ ପ୍ରତି ସମର୍ପିତ ହୋଇ ସମାଜର ଏକ ବିରାଟ ସଂସ୍କାରିତ ପରିବର୍ତ୍ତନର ବାସ୍ତବତା କୁ ରୂପ ଦେବାପାଇଁ ପ୍ରତିଜ୍ଞା ବଦ୍ଧ ହୋଇ ଥିଲେ ତାହାହିଁ ନାଟକର ଥିଲା ବିଷୟ ବସ୍ତୁ।'କଳାକାର ଶ୍ରୀ ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଦିବାକର ମହାନ୍ତି,ଶ୍ୟାମ ରାଇ କାର, ସରୋଜ କୁମାର ରାଉତ, ସୌରଜିତ ସାହୁ, ଋତୁରାଜ ବାରିକ, ପୁଷ୍ପି ତା ପାଢ଼ୀ, ସ୍ୱାଗତିକା ବାରିକ ଓ ଅନୁଭା ଶତପଥୀ ଙ୍କ ନିଖୁଣ ଅଭିନୟ ସମସ୍ତଙ୍କୁ ବିମୋହିତ କରିଥିଲା।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସିମୁଳିଆ, ଖଇରା ଓ ସୁଣ୍ଢିରା ଅଞ୍ଚଳ




ଖଇରା, ୨୭/୩ (ନି.ପ୍ର): ପବିତ୍ର ରାମନବମୀ ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ପୁରପଲ୍ଲୀରେ ଅନୁଷ୍ଠିତ ହୋଇ ଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଶ୍ୱହିନ୍ଦୁ ପରିଷଦ ମିଳିତ ଆନୁକୂଲରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ରାମରଥ କୋଚିଆକୋଇଲିରୁ ବାହାରି ନୟାଖଣ୍ଡି ସୁନ୍ଦରପୁର, ନୂଆଗାଁ, ତ୍ରିଶଳପୁର, ଗଡପୋଖରୀ ଦେଇ ସିମୁଳିଆସ୍ଥିତ ପଞ୍ଚବଟୀ ମନ୍ଦିରରେ ପହଞ୍ଚିଥିଲା। ରାସ୍ତାର ସଂଲଗ୍ନ ସମସ୍ତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଡା ବ୍ରଜସୁନ୍ଦର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ତଥା ଆରଏସଏସ ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଯୋଗଦେଇ ଯୁଗପୁରୁଷୋତ୍ତମଙ୍କ କଥା ବଖାଣିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଯୁବନେତା ନିଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଏକ ବାଇକ ରାଲି ତୁଡିଗଡିଆ ବଜାରରୁ ବାହାରି ଗଣ୍ଡିବେଡ, ତୁଡିଗଡିଆ ବଜାର ଦେଇ କୁପାରୀ ଅମ୍ବିକା ମନ୍ଦିର ନିକଟରେ ପହଞ୍ଚିଥିଲା । ସେହିଭଳି ବଜରଙ୍ଗ ଦଳ ପକ୍ଷରୁ ଖଇରା ହନୁମାନ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯିବା ପରେ ୨ହଜାରରୁ ଉର୍ଦ୍ଧ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ସୁଣ୍ଢିରାସ୍ଥିତ ହନୁମାନ ମନ୍ଦିର ପ୍ରତିଷ୍ଠାର ୧୮ତମ ବାର୍ଷିକୋତ୍ସବ ଉତ୍ସବରେ ନୂଆସାହି, ଅଣ୍ଡାଇଲୋ, ମହତୀପୁର, ପୁର୍ବପଡା, ସୁଣ୍ଢିରା,ମଇତାପୁର ଇତ୍ୟାଦି ଗ୍ରାମର ରାମଭକ୍ତ ମାନଙ୍କ ଦ୍ୱାରା କଳସ ଅଣାଯାଇଥିଲା । ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମନବମୀ ପାଳିତ ହୋଇଯାଇଥିବା ବେଳେ ଶଙ୍କର୍ଷଣରାୟ,ଶିଶିର କୁମାର ନାୟକ, ପର୍ଶୁରାମ ବେହେରା, ରତ୍ନାକର ବେହେରା, ତପନ କୁମାର ବେହେରା, ଜ୍ୟୋତିରଞ୍ଜନ ବେହେରା ଓ ମନୋରଞ୍ଜନ ଚଣ୍ଡ ପ୍ରମୁଖ ସହଯୋଗ କରିଥିଲେ । ସଂଧ୍ୟାରେ ସସ୍ମିତା ରାଉତଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା ।

## ଅବହେଳିତ ପୂର୍ତ୍ତବିଭାଗ ଡ଼ାକବଙ୍ଗଳା: ବିଚ୍ଛିନ୍ନ ହେବାକୁ ଯାଉଛି ବିଦ୍ୟୁତ୍ ସଂଯୋଗୀକରଣ



ଭଦ୍ରକ, ୨୭/୩ (ନି.ପ୍ର): ଅବହେଳିତ ହୋଇ ରହିଆସୁଥିବା ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳା ଆଉ କିଛି ଦିନ ପରେ ବିଦ୍ୟୁତ୍ ସଂଯୋଗୀକରଣରୁ ବିଚ୍ଛିନ୍ନ ହେବାକୁ ଯାଉଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ;ବକେୟା ବିଦ୍ୟୁତ୍ ବିଲ୍ ପୈଠ ହୋଇନଥିବାରୁ ବିଭାଗ ପକ୍ଷରୁ ନୋଟିସ ଜାରୀ କରାଯାଇଛି । ଆଗାମୀ ୩୦ ତାରିଖ ସୁଦ୍ଧା ବିଲ୍ ପୈଠ କରାନଗଲେ ସଂଯୋଗୀକରଣକୁ ବିଚ୍ଛିନ୍ନ କରାଯିବ ବୋଲି ଜଣାପଡ଼ିଛି । ଗତ ୨୦୧୧ ମସିହା ଡ଼ିସେମ୍ବର ମାସ ୧୯ ତାରିଖରେ ଡାକବଙ୍ଗଳା ପ୍ରତିଷ୍ଠା ହୋଇଥିଲା। ଇତି ମଧ୍ୟରେ ପ୍ରତିଷ୍ଠାକୁ ୧୪ବର୍ଷରୁ ଅଧିକସମୟ ବିତିସାରିଥିଲେ ସୁଦ୍ଧା ଏହାର ପାରିପାର୍ଶ୍ୱିକ ପରିସ୍ଥିତିର ଉନ୍ନତି ନହେବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ବିଭାଗର ଉନ୍ନତି ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପୂର୍ତ୍ତବିଭାଗ ଡାକବଙ୍ଗଳା ପ୍ରତିଷ୍ଠାକୁ ୧୪ ବର୍ଷପୂରି ସାରିଥିବା ବେଳେ ବିଭାଗୀୟ ଅଧିକାରୀ ଉକ୍ତ ଡାକବଙ୍ଗଳାର ଉନ୍ନତି ପ୍ରତି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ୩ଗୋଟି ଜିଲ୍ଲା କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକର ବ୍ୟବସାୟୀକ କେନ୍ଦ୍ର ଆଗରପଡ଼ା ହୋଇଥିବା ସ୍ଥଳେ ଉକ୍ତ ଡାକବଙ୍ଗଳା ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବେଳେ ଏହାର ପାରିପାର୍ଶ୍ୱିକ ପରିସ୍ଥିତିର ଉନ୍ନତି ନହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସରକାରୀ କାର୍ଯ୍ୟରେ ଉକ୍ତ ଅଂଚଳକୁ ଜନନାୟକ ହୁଅନ୍ତୁ ବା କୌଣସି ବିଭାଗୀୟ ଅଧିକାରୀ କେହିବି ଆସିଲେ ଏଠାରେ ରହୁଥିବା ବେଳେ ଯେକୌଣସି ସରକାରୀ କିମ୍ବା ବେସରକାରୀ ସଭା,ସମିତି ଆଦି ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ । ସେହିପରି ବେସରକାରୀ ଭାବେ କେହିବି ଉକ୍ତ ଡାକବଙ୍ଗଳାକୁ ଭଡ଼ା ସୂତ୍ରରେ ନେଲେ ତା' ବାବଦରେ ଅର୍ଥ ମଧ୍ୟ ପଇଠ କରିଥାନ୍ତି । ତେଣୁ ବିଭିନ୍ନ ସୂତ୍ରରୁ ଅର୍ଥ ମଧ୍ୟ ଆସିବାର ସମ୍ଭାବନା ଥିବା ବେଳେ ଏହାର ମରାମତି କରାନଯିବା ଆଉ ଏକ ପ୍ରଶ୍ନବାଚୀ। ସୂଚନାଯୋଗ୍ୟ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଉକ୍ତ ଡ଼ାକବଙ୍ଗଳାର ସମସ୍ୟା ପ୍ରକାଶ ପାଇବା ପରେ ୨୦୨୩ ମସିହା ମେ' ମାସରେ ଜରାଜୀର୍ଣ୍ଣ ଡାକବଙ୍ଗଳାର ନବକଳେବର କରାଯାଇଥିଲା । ନବକଳେବର ବେଳେ ଗୃହକୁ ଖାଲି ରଙ୍ଗ ମାରି ବିଭାଗ ତାର କାମ ସାରିଦେଇଥିଲା । ବର୍ତ୍ତମାନ ନୂତନ ସରକାର ଏହାର ଚର୍ତ୍ତୁ ପାର୍ଶ୍ୱରେ ଥିବା ପାଚେରୀକୁ ଗେରୁଆମୟ କରିଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତିରେ କୌଣସି ଉନ୍ନତି ଆଣିପାରିନାହାନ୍ତି । ଡାକବଙ୍ଗଳାକୁ ଘେରି ରହିଥିବା ପ୍ରଶସ୍ତ ଜାଗାରେ ବିଭିନ୍ନ ଗଛ ମାନ ଥିଲେ ସୁଦ୍ଧା ଏହାର ଦାଇତ୍ୱ ନିଆଯାଉନଥିବା ପରିଲକ୍ଷିତ ହେଉଛି । ଯାହାକି ଆଗାମୀ ଦିନରେ କୌଣସି ବିପଦକୁ ଆମନ୍ତ୍ରଣ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ ଲକ୍ଷ୍ୟ ଠାରୁ ବହୁ ଦୂରରେ ରହିଯାଉଥିବା ଏହି ଡାକବଙ୍ଗଳାକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ କରିବା ଓ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ହେବା ଆଗରୁ ଏହାର ସ୍ଥାୟୀ ସମାଧାନ ପାଇଁ ବିଭାଗ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଓଡ଼ିଶାର ସବୁଠାରୁ ବଡ ଆଉ ଗ୍ରାଣ୍ଡ ରିଆଲିଟି ଶୋ: ଜୀ-ସାର୍ଥକରେ ଆରମ୍ଭ ହେବାକୁ ଯାଉଛି 'ରଜ କୁଇନ୍ ୨୦୨୬' ସିଜନ୍-୧୪



ଭୁବନେଶ୍ୱର, ୨୭/୩ (ନି.ପ୍ର): ଓଡ଼ିଶାର ପ୍ରତିଟି ଘରର ପ୍ରିୟ ମନୋରଞ୍ଜନ ଚ୍ୟାନେଲ 'ଜୀ-ସାର୍ଥକ' ସବୁବେଳେ ଦର୍ଶକଙ୍କ ପସନ୍ଦକୁ ଆଧାର କରି ନୂଆ ନୂଆ କାହାଣୀ ଓ ରିଆଲିଟି ଶୋ' ଭେଟି ଦେଇଆସିଛି। ଓଡ଼ିଆ ଜାତିର ଅସ୍ମିତା, କଳା, ସଂସ୍କୃତି ଏବଂ ପରମ୍ପରାକୁ ଛୋଟ ପରଦାରେ ଅତି ନିଖୁଣ ଭାବେ ପ୍ରଦର୍ଶନ କରିବାରେ ଏହି ଚ୍ୟାନେଲ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି କ୍ରମରେ ଦର୍ଶକଙ୍କ ବହୁ ପ୍ରତିକ୍ଷିତ ଏବଂ ଲୋକପ୍ରିୟ ରିଆଲିଟି ଶୋ' 'ରଜ କୁଇନ୍' ଏହାର ଚତୁର୍ଦ୍ଦଶ (୧୪ଶ) ସଂସ୍କରଣ ସହିତ ପୁଣି ଥରେ ପରଦାକୁ ଫେରୁଛି। ବିଗତ ୧୩ ବର୍ଷ ଧରି ଏହି ରିଆଲିଟି ଶୋ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ଆଗକୁ ବଢିବା ସହ ଓଡ଼ିଶାର ନମ୍ବର ୧ ମନୋରଞ୍ଜନଭିତ୍ତିକ ରିଆଲିଟି ପୋଗ୍ରାମ ଭାବେ ଆଦୃତ ହୋଇପାରିଛି । ଆସନ୍ତା ଏପ୍ରିଲ ୪ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯:୩୦ ମିନିଟ୍‌ରେ ଏହି ଶୋ' ଆରମ୍ଭ ହେବ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇଦେବ। ଗତ ୧୩ ବର୍ଷ ଧରି ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରତିଭାମାନଙ୍କୁ ଏକ ବଡ଼ ପ୍ଲାଟଫର୍ମ ଯୋଗାଇ ଦେଇଆସିଛି 'ରଜ କୁଇନ୍'। ଚଳିତ ବର୍ଷ ମଧ୍ୟ ସାରା ଓଡ଼ିଶାରୁ ଅନେକ ଆଶାୟୀ ପ୍ରତିଯୋଗୀଙ୍କୁ ନେଇ ଅଡିସନ୍ ପ୍ରକ୍ରିୟା ବଡ଼ ଧୁମଧାମରେ ସମାପ୍ତ ହୋଇଛି। ଏଥର 'ରଜ କୁଇନ୍ ୨୦୨୬' ଶୋ ମାଧ୍ୟମରେ ଏକ ପ୍ରେରଣାଦାୟୀ ବାର୍ତ୍ତା ମାଧ୍ୟମରେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଚୁ ଯେ ପ୍ରତିଟି ସଫଳ ଝିଅ ପଛରେ... ଥାଏ ତା' ପରିବାରର ଅକୁହା ତ୍ୟାଗ । ସେ ଦେଖିଥିବା ସ୍ୱପ୍ନକୁ ଡେଣା ଦେବା ପାଇଁ ତାର ପିତା ମାତା ସର୍ବଦା ସାଥି ହୋଇ ଛାଇ ପରି ରହିଥାନ୍ତି। ଏବେ ସମୟ ଆସିଛି 'ଯିଏ ତୁମକୁ ଦେଇଛନ୍ତି ଉଡିବାର ଡେଣା, ଏବେ ପାଳି ତାଙ୍କୁ ଏକ ନୂଆ ଉଡ଼ାଣ ଦେବାର' ରଜ କୁଇନ୍ ସୋ ମାଧ୍ୟମରେ । ଯେଉଁ ଝିଅମାନେ ନିଜର ପ୍ରତିଭା ଓ ପାରଦର୍ଶିତା ମାଧ୍ୟମରେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହା କେବଳ ଏକ ପ୍ରତିଯୋଗିତା ନୁହେଁ ବରଂ ନିଜର ସ୍ୱପ୍ନ ସାକାର କରିବା ସହ ନିଜ ପିତାମାତାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଅତୀତରେ ଏହି ଶୋ' ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଅନେକ ନାମୀଦାମୀ ଅଭିନେତ୍ରୀ ଉପହାର ଦେଇସାରିଛି। ଚଳିତ ସିଜନ୍‌ର ମୁଖ୍ୟ ଆକର୍ଷଣ ସାଜିବେ ଏହାର ବିଚାରକ ଓ ମେଣ୍ଟର ମଣ୍ଡଳୀ। ଓଲିଉଡର ନମ୍ବର ୧ ଅତିପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ଅଭିନେତା ପୁପିନ୍ଦର ସିଂ ବିଚାରକ ଆସନ ଅଳଙ୍କୃତ କରି ପ୍ରତିଭାମାନଙ୍କୁ ପରଖିବେ। ଏହା ସହିତ ପ୍ରତିଯୋଗୀଙ୍କୁ ମାର୍ଗଦର୍ଶନ ଦେବା ପାଇଁ ଜୀ-ସାର୍ଥକର ଲୋକପ୍ରିୟ ଧାରାବାହିକର ପ୍ରତିଷ୍ଠିତ ଯୋଡିମାନେ ମେଣ୍ଟର ଭାବେ ଯୋଗ ଦେଉଛନ୍ତି। ସେମାନେ ହେଲେ:'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧା। ଶୋ'ର ସଫଳ ସଞ୍ଚାଳନ ଦାୟିତ୍ୱରେ ରହିବେ ଜଣାଶୁଣା ଆଙ୍କର ସୁଜିତ ଏବଂ ଚାନ୍ଦିନୀ। ଉଭୟଙ୍କ ଚମତ୍କାର ଉପସ୍ଥାପନା ଶୋ'କୁ ଏକ ଭିନ୍ନ ମୋଡ଼ ଦେବ ସହ କମେଡିର ତଡକା ଲଗେଇବେ ଭକ୍ତି । ଚଳିତ ବର୍ଷ ନୂଆ ରୂପରେ ଓ ନୂଆ ନୂଆ ପ୍ରତିଯୋଗିତା ଦର୍ଶକଙ୍କୁ ଦେବ ନୂଆ ଅନୁଭୂତି । ଓଡ଼ିଆ ସଂସ୍କୃତିର ମହକ ଏବଂ ଆଧୁନିକ କଳାର ସମନ୍ୱୟରେ ଗଢ଼ା ଏହି ଶୋ' ଚଳିତ ବର୍ଷ ମଧ୍ୟ ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହେବ, ଏଥିରେ ସନ୍ଦେହ ନାହିଁ। ତେବେ ଏହି ସିଜନ୍‌ରେ କିଏ ହେଉଛନ୍ତି ଓଡ଼ିଶାର ନୂଆ 'ରଜ କୁଇନ୍ ୨୦୨୬, ଦେଖିବାକୁ ବାକି ରହିଲା ବୋଲି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ କହିଛନ୍ତି ।

୨୮ ମାର୍ଚ୍ଚ ୨୦୨୬, ଶନିବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୪୭ତମ ମାନବ ଧର୍ମ ସମ୍ମିଳନୀ : ଅପ୍ରେଲ ପହିଲାରେ ୪ଜଣଙ୍କୁ ଦିଆଯିବ 'ସେବକଶ୍ରୀ' ସମ୍ମାନ

ବାରିପଦା, ୨୭/୩ (ନି.ପ୍ର): ସଦ୍‌ଭାବନା ସମିତି, ବାରିପଦା ପକ୍ଷରୁ ଆସନ୍ତା ଅପ୍ରେଲ ୧ତାରିଖ ବୁଧବାର ଅପରାହ୍ଣ ୫ ଘଟିକାରେ ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ୪୭ତମ ମାନବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ବିଶିଷ୍ଟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ ଉପସ୍ଥିତ ରହିବାକୁ ସମ୍ମତି ଦେଇଛନ୍ତି । ସେହିପରି ମୁଖ୍ୟବକ୍ତା ଭାବେ ଆର୍ଯ୍ୟସମାଜର ଆଚାର୍ଯ୍ୟଦେବ ବିଜୟଜୀ ଯୋଗଦେବେ । ସଦ୍?ଭାବନା ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମିତିର କାର୍ଯ୍ୟକାରୀ ସଭାପତି ନେତ୍ରାନନ୍ଦ ମଲ୍ଲିକ ପୌରହିତ୍ୟ କରିବେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାର ଶ୍ରେଷ୍ଠ ପୁଲିସ୍ କନେଷ୍ଟବଳ ଭାବେ ପରମାନନ୍ଦ ମହାନ୍ତ, ଶ୍ରେଷ୍ଠ ଆଗ୍ନିକ ଭାବେ ପ୍ରଭାସ କୁମାର ଜେନା, ଶ୍ରେଷ୍ଠ ନର୍ସିଂ ଅଫିସର ଭାବେ ପିଆରଏମ ମେଡିକାଲର ଦେବାଶିଷ ବେହେରା ଓ ପୌରପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ହରେନ୍ଦ୍ର ମୁଖିଙ୍କୁ ପରମ୍ପରା ଅନୁସାରେ 'ସେବକଶ୍ରୀ' ଉପାଧି ପ୍ରଦାନ କରାଯିବ। ଏହା ସହ ଜିଲ୍ଲାର ବିଭିନ୍ନ ଆଧାତ୍ମିକ ସଂଗଠନ ଯଥା; ବିବେକାନନ୍ଦ କେନ୍ଦ୍ର, ସତ୍ୟସାଇ ସେବା ସଙ୍ଗଠନ, ପ୍ରଜାପିତା ବ୍ରହ୍ମା କୁମାରୀ, ଅନୁକୁଳଚନ୍ଦ୍ର, ଗାୟତ୍ରୀ ପରିବାର, ଶିବାନନ୍ଦ, ଖାଲସା ପନ୍ଥ, ଇସ୍‌ଲାମ୍ ଶାଖା ଆଦିଙ୍କୁ ଅଭ୍ୟର୍ଥନା ଜଣାଯିବ। ସଦ୍‌ଭାବନା ସମିତିର ପରିବାର ସମସ୍ତ ଧର୍ମପ୍ରାଣ ନାଗରିକ, ସମାଜସେବୀ ଓ ଆଧାତ୍ମିକ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମିଳନୀରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ କରିଛି। ଏହି ଅନୁଷ୍ଠାନ ଜିଲ୍ଲାରେ ଧର୍ମୀୟ ସଦ୍‌ଭାବନା ଓ ସମ୍ପ୍ରତିର ବାତାବରଣ ସୃଷ୍ଟି କରିବାରେ ଦୀର୍ଘଦିନ ଧରି ପ୍ରୟାସ ଜାରିରଖିଛି।

## ବସ୍ତାରେ ରାମ ନବମୀ ଉପଲକ୍ଷେ ବିଶାଳ ବାଇକ୍ ଶୋଭାଯାତ୍ରା



ବସ୍ତା , ୨୭/୩ (ନି.ପ୍ର): ବସ୍ତାରେ ଶ୍ରୀରାମ ସେବକ ସଂଘ ଆହ୍ୱାନରେ ରାମ ନବମୀ ଉପଲକ୍ଷେ ଐତିହାସିକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଏହି ବାଇକ୍ ଶୋଭାଯାତ୍ରା ମଥାନୀ ବସ୍ ଟାଣ୍ଡରୁ ବାହାରି ୧୧ ଗୋଟି ପଂଚାୟତ ପରିକ୍ରମା କରି ବା ସହିତ ମୟୁରଭଞ୍ଜ ଜିଲ୍ଲା , ଭୈରଙ୍ଗି ରେ ସମାପ୍ତ ହୋଇଥିଲା। ଏଥିରେ ୧୫୦୦ ଉର୍ଦ୍ଧ ରାମ ଭକ୍ତ ଶ୍ରୀରାମ ସେନା ,ବହୁ ସନାତନୀ ଭାଇ ଭଉଣୀ ଯୋଗଦେଇଥିଲେ। ରାମ ଓ ହନୁମାନଙ୍କ ନାରା ରେ ପୁରା ଅଞ୍ଚଳ କମ୍ପି ଉଠିଥିଲା। ରାସ୍ତାରେ ବିଭିନ୍ନ ଜାଗାରେ ବାଇକ୍ ଶୋଭାଯାତ୍ରାକୁ ଶଂଖ ଧ୍ୱନି, ପୁଷ୍ପ ବୃଷ୍ଟି ଏବଂ ପାନୀୟ ଜଳ, ଦହି ସରବତ ତରଭୁଜ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବସ୍ତା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଶୋଭାଯାତ୍ରା ରେ ବିଜେପି ନେତା ପ୍ରଦୀପ ପଣ୍ଡା, ରବିନ୍ଦ୍ର ଅଣ୍ଡିଆ, ଶ୍ୟାମାପ୍ରସାଦ ବେହେରା, କୃଷ୍ଣଚନ୍ଦ୍ର ଦତ୍ତ , ଫରନାଲ ବିଶ୍ୱାଳ , ଖଗେନ୍ଦ୍ର ନାୟକ, ଯୋଗ ଦେଇଥିଲେ। ଏହି ବାଇକ୍ ଶୋଭାଯାତ୍ରାରେ ଶ୍ରୀ ରାମ ସେବକ ସଂଘ (ମଥାନୀ ) ବସ୍ତା ର ସଭାପତି ସୂର୍ଯ୍ୟନାରାୟଣ ସାହୁ,ଅଭିରାମ ମଲ୍ଲିକ, ନିହାର ରଞ୍ଜନ ବେହେରା, ରାଜେନ୍ ପରିଡ଼ା, ଦିବାକର ରାଉତ, ମଥାନୀ ଯୁବନେତା ସନ୍ତୋଷ ମହାପାତ୍ର, ସରୋଜ କୁମାର ଗିରି, ପ୍ରସନ୍ନ ପଣ୍ଡା,ଗଗନ ପ୍ରଧାନ, ଉମାକାନ୍ତ ବେଜ, ବିନୟକେତନ ଜେନା, ଜ୍ୟୋତିପଦ ଘୋଷ, ରବି ରାଉଳ ଶରତ ବାରିକ ପ୍ରମୁଖ ପରିଚାଳନା ଦାୟିତ୍ୱରେ ଥିଲେ।

## ଗ୍ୱାଲିୟରରେ ସଡକ ଦୁର୍ଘଟଣା: ୫ଜଣଙ୍କ ମୃତ୍ୟୁ, ୪ ଆହତ

ଗ୍ୱାଲିୟର, ୨୭/୩ (ନି.ପ୍ର): ମଧ୍ୟପ୍ରଦେଶର ଗ୍ୱାଲିଅରରେ ଆଜି ସକାଳ ସମୟରେ ଥାଟିପୁର ଅଂଚଳର ପରଶୁରାମ ଛକରେ ଥିବା ଜୈନ ମନ୍ଦିର ପାଖରେ ଏକ ଦ୍ରୁତ ଗତିର ସ୍କର୍ପିଓ ଗାଡ଼ି ଗୋଟିଏ ଅଟୋ ରିକ୍ସା ସହ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ପାଂଚ ଜଣ ଲୋକ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ, ଯେତେବେଳେ ଚାରି ଜଣ ଗୁରୁତର ଆହତ ହୋଇଥିଲେ। ମୃତକମାନଙ୍କ ମଧ୍ୟରେ ଗୋଟିଏ ହିଁ ପରିବାରର ଅନେକ ସଦସ୍ୟ ଥିଲେ। ଆହତମାନଙ୍କ ମଧ୍ୟରେ ଦୁଇଜଣ ଶିଶୁ ମଧ୍ୟ ଅଛନ୍ତି, ଯାହାଙ୍କୁ ଗ୍ୱାଲିଅରର ହସ୍ପିଟାଲରେ ଚିକିତ୍ସା କରାଯାଉଛି।

## ମୟୂରଭଞ୍ଜ ସେବା ସଂଗଠନର ପ୍ରଥମ ବାର୍ଷିକ ବୈଠକ




ବାରିପଦା , ୨୭/୩ (ନି.ପ୍ର): ସ୍ଥାନୀୟ ରଘୁନାଥପୁର ନିକଟସ୍ଥ ହଦହଦି ଗ୍ରାମରେ ମୟୂରଭଞ୍ଜ ସେବା ସଂଗଠନର ନିଜସ୍ୱ ଗୃହ ପବିତ୍ର ରାମନବମୀ ଅବସରରେ ଉଦଘାଟିତ ହେବାସହ ୧ମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଅତିଥି ଭାବେ ଯୋଗଦେଇ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ହିମାଂଶୁ ପ୍ରହରାଜ ସଂଗଠନର ନିଜସ୍ୱ ନୂତନ କାର୍ଯାଳୟର ଉଦଘାଟନ କରିଥିଲେ ଓ ଏହି ଅବସରରେ ସଂଗଠନର ସଭାପତି ଚିନ୍ମୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ବୈଠକରେ ସମ୍ପାଦକ ଭରତ ଚନ୍ଦ୍ର ପାତ୍ର ଏକ ବର୍ଷଧରି ସଂଗଠନର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଓ ବର୍ଷତମାମ ସଂଗଠନ ତରଫରୁ ପ୍ରତି ମଙ୍ଗଳବାର ବିଭିନ୍ନ ସ୍ଥାନରେ ଅନ୍ନବଣ୍ଟନ, ଖରାଦିନେ ପାନୀୟ ଜଳ ବଣ୍ଟନ କରିଯିବା ସହ ସଦସ୍ୟ ମାନେ ନିଜେ ରକ୍ତଦାନ କରିବା ସହ ରକ୍ତଦାନ ଶିବିରର ଆୟୋଜନ କରିଆସୁଛନ୍ତି ବୋଲି ପ୍ରକାଶ କରିଥିଲେ ଓ ତତସହିତ ମୁଖ୍ୟ ପୃଷ୍ଠପୋଷକ ନିଜ ପ୍ରଚେଷ୍ଟାରେ ବହୁ ଗରିବ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି ବୋଲି ଜଣାଇଥିଲେ। ମୁଖ୍ୟ ପୃଷ୍ଠପୋଷକ ଗଗନ ଚନ୍ଦ୍ର ଦାସ ନିଜ ଗୃହକୁ ସଂଗଠନର କାର୍ଯ୍ୟାଳୟ ପାଇଁ ଦାନ କରିଥିବାରୁ ତାଙ୍କୁ ସଂଗଠନ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ଓ ଆଜିର ସମାଜରେ ସ୍ଥାନୀୟ ଅଂଚଳର ଯୁବଗୋଷ୍ଠୀ ନିଃସ୍ୱାର୍ଥପର ଭାବେ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଅତିଥିଗଣ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ସନ୍ଦୀପ କୁମାର ନାଥ, କୋଷାଧ୍ୟକ୍ଷ ତନୁଜା ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ହରିଶ ଚନ୍ଦ୍ର ଲେଙ୍କା, ସାଂସ୍କୃତିକ ସମ୍ପାଦକ ରାମେଶ୍ୱର ସିଂ ଓ ଉପଦେଷ୍ଟା ଅରବିନ୍ଦ ମୁଖି ଉପସ୍ଥିତ ରହି ଆଗାମୀ ଦିନରେ ସଂଗଠନର ରୂପରେଖ ଉପରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ।

## ବିଧାୟିକାଙ୍କ ହାତ ପାଣ୍ଠିରେ ପୁନରୁଦ୍ଧାର ହେଲା ବାସନ୍ତୀ ମଣ୍ଡପ

ବାଲିଆପାଳ, ୨୭/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତର ପାରଦିପା ଠାରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ପୁରାତନ ବାସନ୍ତୀ ମଣ୍ଡପର ପୁନରୁଦ୍ଧାର ପାଇଁ ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା ବସ୍ତା ବିଧାୟିକା ସୁବାସିନୀ ଜେନା ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକା ତାଙ୍କ ହାତ ପାଣ୍ଠିରୁ ୨ ଲକ୍ଷ ୯୦ ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ ।ଉକ୍ତ ମଣ୍ଡପକୁ ନବୀକରଣ କରାଯାଇଛି। ଗୁରୁବାର ଅଷ୍ଟମୀ ପୂଜା ଦିନ ଏହାର ଶୁଭ ଉଦ୍ଘାଟନ କରାଯାଇଛି ।ଏହା ବ୍ୟତିତ ସାମ୍ବାଦିକ ରାଧାକୃଷ୍ଣ ଜେନା ମହିଳା ମାନଙ୍କ ସୁବିଧା ନିମନ୍ତେ ନାଟ ମଣ୍ଡପ କୁ କଂକ୍ରିଟ କରିବାପାଇଁ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ । ପଞ୍ଚାୟତ ପକ୍ଷରୁ ୧ ଲକ୍ଷ ଟଙ୍କା ଅର୍ଥ ରାଶିରେ ମଧ ନାଟ ମଣ୍ଡପକୁ କଂକ୍ରିଟ କରାଯାଇଛି। ଏହି ଶୁଭ ଉଦ୍ଘାଟନ ସମୟରେ ପୂର୍ବ ତନ ସରପଞ୍ଚ ଶରତ ପ୍ରଧାନ, ସନ୍ୟାସୀ ପ୍ରଧାନ, ଦେବେନ୍ଦ୍ର ଗିରି , ହରେନ୍ଦ୍ର ଗିରି, ପ୍ରସାନ୍ତ ପ୍ରଧାନ, କିଶୋର ପାତ୍ର, ମାନସ ଦାସ, ରାଜୀବ ଜେନା, ବୈକୁଣ୍ଠ ଜେନ ପ୍ରମୁଖ ଉପସ୍ଥିତ ଥିଲେ।

## ୬ ଏପ୍ରିଲ ଯାଏ ଇରାନର ଉର୍ଜା କେନ୍ଦ୍ର ଉପରେ ହମ୍‌ଲା କରିବନି ଆମେରିକା

ନୂଆଦିଲ୍ଲୀ,୨୭/୩ : ଆମେରିକା–ଇସ୍ରାଏଲ ଏବଂ ଇରାନ ମଧ୍ୟରେ ୨୮ ଫେବୃଆରୀରୁ ଆରମ୍ଭ ହୋଇଥିବା ଯୁଦ୍ଧ ସମ୍ପର୍କରେ ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱର କିଛି ନରମ ହୋଇଛି। ସେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି କହିଛନ୍ତି ଯେ ଆମେରିକା ୦୬ ଏପ୍ରିଲ ପର୍ଯ୍ୟନ୍ତ ଇରାନର ଉର୍ଜା କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବ ନାହିଁ। ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ ଗୁରୁବାର କହିଥିଲେ ଯେ ସେ ଇରାନୀ ଉର୍ଜା କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣରେ ଲାଗିଥିବା ରୋକକୁ ଗୋଟିଏ ସପ୍ତାହରୁ ଅଧିକ ସମୟ ପାଇଁ ବଢ଼ାଉଛନ୍ତି।

## ଶକ୍ତିଶ୍ରୀ ଶାଖା ତରଫରୁ ଆଇନ ସଚେତନତା ଶିବିର



ଉଦଳା, ୨୭/୩ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତ ମାର୍ଚ୍ଚ ୨୫ ତାରିଖ ବୁଧବାର ଦିନ ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ ଥିବା ଶକ୍ତିଶ୍ରୀ ଶାଖା ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୁଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଶକ୍ତିଶ୍ରୀ ଶାଖା ଦେଶରେ ବିପ୍ଳବାତ୍ମକ ପରିବର୍ତନ ଆଣିବ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଆଇନଜୀବି ନିରାକାର ମହାପାତ୍ର ଅତିଥି ଭାବେ ଯୋଗଦେଇ ଆଇନ କାକୁନରେ ମହିଳା ମାନଙ୍କ ପାଇଁ ଥିବା ବ୍ୟବସ୍ଥା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶକ୍ତିଶ୍ରୀ ଶାଖାର ସଂଯୋଜିକା ଅଧାପିକା କୁମକୁମ ଦାସ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଆଇନ କାନୁନ ବିଷୟରେ ମହିଳା ମାନେ ଅବଗତ ନଥିବାରୁ ନିଜର ଅନିଛା ସତ୍ୱେ ବହୁ ପ୍ରକାର ଅତ୍ୟାଚାରକୁ ମୁଣ୍ଡପାତି ସହିଯିବାକୁ ବାଧ ହେଉଛନ୍ତି ବୋଲି ବକ୍ତବ୍ୟ ମାଧମରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ମଂଜୁଳା କଲିଆ ଓ ଅଧାପକ ଗିରିଜାଶଙ୍କର ପାତ୍ର ଯୋଗଦେଇ ରାଜନୀତିରେ ମହିଳା ମାନଙ୍କ ପାଇଁଥିବା ସଂରକ୍ଷଣ ବ୍ୟବସ୍ଥା ଅନୁକମ୍ପା ନୁହେଁ ଏହା ଅଧିକାର ବୋଲି ବ୍ୟକ୍ତ କରିଥିଲେ । ଶେଷରେ ଶକ୍ତିଶ୍ରୀ ଶାଖା ସଂଯୋଜିକା କୁମକୁମ ଧନ୍ୟବାଦ ଅର୍ପଣ ପୂର୍ବକ ସଚେତନତା ଶିବିରର ଯବନିକା ପକାଇଥିଲେ ।

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଯୁବକ: ନାବାଳକ ଗାଡ଼ି ଚାଳକ ଫେରାର



ବାଲିଆପାଳ , ୨୭/୩ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ସିମୁଳିଆ ବଜାର ଠାରେ ଗତ ମାର୍ଚ୍ଚ ୧୨ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାରେ ସୁମିତ ଲାହା ୪୧ ଯୁବକ ଜଣଙ୍କ ହୋଟେଲରୁ ଖାଇ ସାରି ବାଲିଆପାଳ ରେ ରହୁଥିବା ଲଜକୁ ଫେରିବା ବେଳେ ମଧୁପୁରା ଗ୍ରାମର ଲିଙ୍କୁ ଗିରି ଙ୍କ ନାବାଳକ ପୁଅ ଓମ ଗିରି (୧୪) ସୁମିତଙ୍କୁ ଦ୍ରୁତ ଗତିରେ ବାଇକରେ ଆସି ସାମ୍ନା ପଟୁ ଧକ୍କା ଦେଇ ସେଠାରୁ ଚମ୍ପଟ ମାରିଥିଲେ। ଏଥିରେ ସୁମିତ ଙ୍କର ଗୋଡ, ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଗୁରୁତର ଅବସ୍ଥାରେ ତାଙ୍କୁ ଇଡକୋ ପରେ ବାଲେଶ୍ୱର କୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି ।ଏନେଇ ସୁମିତଙ୍କ ବଡ଼ ଭାଇ ସୁମନ ଲାହା ୧୨ ତାରିଖରେ ବାଲିଆପାଳ ଥାନାରେ ଅଭିଯୋଗ କରିବା ସହିତ ଦୁର୍ଘଟଣାର ସିସିଟିଭି ଫୁଟେଜ ପୋଲିସକୁ ଦେଇଥିଲେ। ଘଟଣାକୁ ୧୫ ଦିନ ବିତିଯାଇଛି ଥାନା କେସ ନମ୍ବର ୧୪୫/୨୦୨୬ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ନାବାଳକ ଶିଘ୍ର ଗିରଫ କରାଯିବ ବୋଲି ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ କହିଛନ୍ତି।

## ସମ୍ପ ନିର୍ମାଣ ଅନ୍ୟତ୍ର କରିବା ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପରେ ଆକ୍ରମଣର ଶିକାର ହେଲେ ଅଭିଯୋଗକାରୀ

ଖୋରଧା , ୨୭/୩ (ନି.ପ୍ର): ଖୋରଧା ଆଦର୍ଶ ଥାନା ଅଧୀନସ୍ଥ ପୁବୁସାହି ଗ୍ରାମ ର କପିଳେଶ୍ୱର ମୌଜା ରେ ଥିବା ଶନିମନ୍ଦିର ନିକଟରୁ ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ସ୍ୱସମ୍ମତିକ୍ରମେ ଗ୍ରାମବାସୀମାନେ ସ୍ଥିର କରିଥିବା ଏକ ସ୍ଥାନ ରେ ସମ୍ପ ନିର୍ମାଣ କରିବା ନିମନ୍ତେ ସ୍ଥାନ ନିରୁପଣ କରିଥିବାବେଳେ, ସେହି ଘଟଣା କୁ ନେଇ ପୁବୁସାହି ଗ୍ରାମ ରେ ଏକ ଅଶାନ୍ତି ବାତାବରଣ ସୃଷ୍ଟି କରୁଥିବା ସେହି ଗ୍ରାମ ର ଜଣେ ପ୍ରତିଷ୍ଠିତ ସାମ୍ବାଦିକ ବୋଲାଉଥିବା ଏବଂ ଖୋରଧା ଜିଲ୍ଲା ପ୍ରଶାସନ କୁ ନିଜ ପକେଟ ରେ ରଖିଛି ବୋଲି କହୁଥିବା ବ୍ୟକ୍ତି କିଛି ଲୋକଙ୍କୁ ପ୍ରବର୍ତ୍ତାଇ ଗତକାଲି ଜୋର ଜବରଦସ୍ତ ଭାବରେ ଏକ ଜେସିବି ସାହାଯ୍ୟରେ ଡ୍ରେନ ଖୋଲୁଥିବା ବେଳେ ସେହି ଗ୍ରାମର ଦିଲ୍ଲୀପ ବେହେରା ଏହାକୁ ବିରୋଧ କରିଥିଲେ । ଏ ନେଇ ପୂର୍ବରୁ ଦିଲ୍ଲିପ ଅଳିଆ ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ତାଙ୍କ ବାରିପଟେ ଡ୍ରେନ ନ ଖୋଲିବା କୁ ଜିଲ୍ଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶାସନ ର ନିର୍ଦ୍ଦେଶ କ୍ରମେ ଡ୍ରେନ ଖୋଳା କାର୍ଯ୍ୟ ବନ୍ଦ କରଯାଇଥିଲା । କିନ୍ତୁ ଜିଲ୍ଲା ପ୍ରଶାସନ ର ନିର୍ଦ୍ଦେଶ କୁ ନମାନି ସେହି ଆତ୍ମଘୋଷିତ ପ୍ରତିଷ୍ଠିତ ସାମ୍ବାଦିକ ଙ୍କ ପ୍ରରୋଚନା ରେ ସେହି ଗ୍ରାମ ର ଦଣ୍ଡପାଣି ସାହୁ, କୈଳାସ ପ୍ରଧାନ, ସଞ୍ଜୟ ସାହୁ , ସତ୍ୟ ନାରାୟଣ ଦାଶ ପ୍ରମୁଖ ଏକ ଜେସିବି ଦ୍ୱାରା ଡ୍ରେନ ଖୋଲୁଥିଲେ ଯାହାକୁ ଦିଲ୍ଲୀପ ବିରୋଧ କରିବା ପରେ ସେମାନେ ସମସ୍ତେ ଏକତ୍ରୀତ ହୋଇ ସଂଘବଦ୍ଧ ଭାବରେ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ଦିଲ୍ଲୀପ ଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ । ଏ ନେଇ ସଂପୃକ୍ତ ବ୍ୟକ୍ତି ମାନଙ୍କ ବିରୁଦ୍ଧ ରେ ସେ ଖୋରଧା ଆଦର୍ଶ ଥାନା ରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି, ଯାହା ପୁଲିସ ର ତଦନ୍ତ ପରିସରଭୁକ୍ତ ରହିଛି । ସେହି ଗ୍ରାମର ଆତ୍ମଘୋଷିତ ନିଜକୁ ପ୍ରତିଷ୍ଠିତ ସାମ୍ବାଦିକ ବୋଲାଉ ଥିବା ବ୍ୟକ୍ତି ଙ୍କ ର ପୂର୍ବ ଇତିହାସ ସମ୍ପର୍କ ରେ ପ୍ରାୟ ସମସ୍ତେ ଜାଣିଛନ୍ତି । ନିଜର କାର୍ଯ୍ୟଶୈଳୀ କୁ ନେଇ ସର୍ବଦା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ସେହି ବ୍ୟକ୍ତି ପୂର୍ବରୁ ନିଶା ସେବନ କରି ଖୋରଧା ସହରରେ ବୁଲି ବୁଲି ଜରି ଗୋଟାଉଥିବା ବେଳେ ପରବର୍ତ୍ତୀ ସମୟରେ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ । ନିକଟରେ ଖୋରଧା ଉଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଜଣେ ମହିଳା କର୍ମଚାରୀଙ୍କ ବିରୁଦ୍ଧରେ ସାମାଜିକ ଗଣ ମାଧ୍ୟମ ରେ ବିଭିନ୍ନ ପ୍ରକାର ର ଅଶାଳୀନ ମନ୍ତବ୍ୟ ଦେବା ପରେ ତାଙ୍କ ନାମରେ ସଂପୃକ୍ତ ମହିଳା କର୍ମଚାରୀ ଏକ ଲିଖିତ ଅଭିଯୋଗ ଖୋରଧା ଆଦର୍ଶ ଥାନା ରେ କରିବା ପରେ ପୁଲିସ ଏକ ମକଦ୍ଦମା ରୁଜୁ କରିଥିଲା । ଠିକ ସେହିପରି ଭାବରେ ଖୋରଧା ଉପ ଜିଲ୍ଲାପାଳ, ତହସିଲଦାର ଙ୍କ ବିରୁଦ୍ଧ ରେ ଘଟଣା ର କୌଣସି ସତ୍ୟତା ନଥାଇ ସାମାଜିକ ଗଣ ମାଧ୍ୟମ ରେ ବକ୍ତବ୍ୟ ଦେବା ଏବଂ କିଛି ଲୋକଙ୍କୁ ଆଣି ଖୋରଧା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଘେରାଉ କରିବା ପ୍ରଭୃତି କାର୍ଯ୍ୟରେ ଲିପ୍ତ ରହି ନିଜକୁ ଜଣେ ପ୍ରଭାବଶାଳୀ ସାମ୍ବାଦିକ ବୋଲି କହି ବୋଲାଉଥିବା ସେହି ବ୍ୟକ୍ତି ଙ୍କ ବିରୁଦ୍ଧ ରେ ଧିରେ ଧିରେ ଜନ ଆସୋନ୍ତୋଷ ବୃଦ୍ଧି ପାଇବା ରେ ଲାଗିଛି । ଏହାକୁ ପ୍ରଶାସନ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ ବ୍ୟକ୍ତି ଙ୍କ ବିରୁଦ୍ଧ ରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କୁ ସାଧାରଣ ରେ ଦାବି ହେଉଛି ।

## ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ବାଲିଆପାଳ

### ହନୁମାନ ମନ୍ଦିରର ବାର୍ଷିକ ଉତ୍ସବରେ କଳସ ଯାତ୍ରା ଆରମ୍ଭ ହେଲା ଦୁଇ ଦିନିଆ ଯଜ୍ଞ କାର୍ଯ୍ୟ



ବାଲିଆପାଳ , ୨୭/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ରାମନବମୀ ଅବସରରେ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବର ଶୁଭାରମ୍ଭ ହୋଇଛି। ଭକ୍ତିମୟ ପରିବେଶରେ ଦୁଇ ଦିନ ଧରି ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରାଯିବ। ଯଜ୍ଞ କାର୍ଯ୍ୟ ପାଇଁ ଶୁକ୍ରବାର ପ୍ରତ୍ୟୁଷରୁ ଗ୍ରାମର ଶତାଧିକ ମହିଳା ମାନଙ୍କ ଦ୍ୱାରା ସୁବର୍ଣ୍ଣରେଖା ନଦୀରୁ ୨୦୮ କଳସ ଯାତ୍ରା ସୁରୁଖୁରୁରେ ଶେଷ ହୋଇଛି। ଏହି ସମୟରେ ଶଙ୍ଖ, ଝାଲି, ଘଣ୍ଟା,ମାଦଳ ସାଙ୍ଗକୁ ଜୟଶ୍ରୀ ରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପୁରା ପରିବେଶ। ମହିଳା ମାନଙ୍କ ସହିତ କମିଟିର କର୍ମକର୍ତ୍ତା ଏବଂ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ହନୁମାନ ମନ୍ଦିରର ମୁଖ୍ୟ ପୂଜକ ବାବୁରାମ ପଣ୍ଡାଙ୍କ ତତ୍ୱାବଧାନରେ ଧନଞ୍ଜୟ ପଣ୍ଡା,ଅଜିତ ପଣ୍ଡା, ମଣ୍ଟୁ ପଣ୍ଡା , ଝାଡ଼େଶ୍ୱର ରଥ, ପ୍ରଭାକର ପଣ୍ଡା, ଚନ୍ଦ୍ର ଶେଖର ଦାସ, ସୁଶାନ୍ତ ମିଶ୍ର ପ୍ରମୁଖ ପଣ୍ଡିତଙ୍କ ଦ୍ୱାରା ପୂଜାର ନୀତି କାନ୍ତି ଓ ଯଜ୍ଞ କାର୍ଯ୍ୟ ଚାଲିଛି। ବଜରଙ୍ଗ ବାଲି ମନ୍ଦିର ପରିଚାଳନା କମିଟିର ସଭାପତି ମୃତ୍ୟୁଞ୍ଜୟ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଝାଡେଶ୍ୱର ପ୍ରଧାନ, ଅଜୟ କୁମାର ସାହୁ , ଦୈତାରୀ ଗିରି, ପଦ୍ମଲୋଚନ ବାରିକ, ନବୀନ ପାତ୍ର , ହରପ୍ରସାଦ ଜେନା, ବିଜୟ ସାହୁ , ଅଜୟ କୁମାର ଦାସ, ଅଶୋକ ରାଉତ , ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଅଶୋକ ରାଉତ, ରାଜେନ୍ଦ୍ର ରାଉତ ପ୍ରମୁଖ ଏବଂ ପରିଚାଳନା କମିଟିର ସଦସ୍ୟ ଏବଂ ଅଞ୍ଚଳବାସୀଙ୍କ ପୂର୍ଣ୍ଣ ସହଯୋଗରେ ବାର୍ଷିକ ଉତ୍ସବ ଏବଂ ଯଜ୍ଞ କାର୍ଯ୍ୟ ହେଉଛି। ଅପରାହ୍ଣ ୩ ଟାରେ ବାଲିଆପାଳ ବଜରଙ୍ଗୀ ଦଳ ପକ୍ଷରୁ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ସିମୁଳିଆ ବଜାର, ଲଙ୍ଗଳେଶ୍ୱର,ପଞ୍ଚୁପାଳି, ନୁଆ ଗାଁ,କାଳିପଦା ବଜାର ମଧ ଦେଇ ବାଲିଆପାଳ ଫେରିଥିଲା। ଏହି ସମୟରେ ବାଲିଆପାଳ ସମ୍ପୂର୍ଣ୍ଣ ଗୈରିକମୟ ଦେଖାଯାଇଥିଲା।

## ମୟୁର ସାହିତ୍ୟ ସଂସଦର ବାର୍ଷିକ ଅଧିବେଶନ ନିମନ୍ତେ ପ୍ରସ୍ତୁତି ବୈଠକ

ବୈଶିଙ୍ଗା , ୨୭/୩ (ନି.ପ୍ର): ବେତନଟୀର ପୁରାତନ ସାହିତ୍ୟାନୁଷ୍ଠାନ 'ମୟୂର ସାହିତ୍ୟ ସଂସଦ'ଆଗାମୀ ଉତ୍କଳ ଦିବସ ପାଳନ ସହ ସଂସଦର ବାର୍ଷିକ ଅଧିବେଶନ ମଧ ପାଳନର ନିଷ୍ପତ୍ତି ଗ୍ରହଣ କରିଅଛି ।କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ମାର୍ଚ୍ଚ ୨୬ ତାରିଖରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହୋଇଅଛି ।ଆଗାମୀ ମଇ ୩ ତାରିଖ ରବିବାରରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ବାଲେଶ୍ୱର ରୁ ଦୁଇଜଣ ପ୍ରଖ୍ୟାତ ସାହିତ୍ୟିକ ଏଥିରେ ଯୋଗ ଦେବାକୁ ସମ୍ମତି ଜଣାଇବା ସହ ଦୁଇଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମଧ ସମ୍ମାନିତ କରାଯିବ । ପ୍ରତ୍ୟେକ ବର୍ଷ ଭଳି ସଂସଦର ମୁଖପତ୍ର 'ବନ ମୟୂରୀ'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ ହେବ। ଏଥି ନିମନ୍ତେ ଆଗାମୀ ୧୦ ଅପ୍ରେଲ ସୁଦ୍ଧା କବି, ଲେଖକମାନଙ୍କ ଠାରୁ କ୍ଷୁଦ୍ରଗଳ୍ପ, କବିତା ଆହ୍ୱାନ କରାଯାଉଅଛି । ଆଲୋଚନାରେ ଉପସଭାପତି ଗୌତମଚନ୍ଦ୍ର ବେହେରାଙ୍କ ସମେତ ବନମୟୁରୀ ସଂପାଦକ ନୀରଦ ସୁନ୍ଦର ଜେନା, ସହ ସଂପାଦକ ସହଦେବ ଗିରି ଓ ରବୀନ୍ଦ୍ରନାଥ ଖଟୁଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ପବିତ୍ର ରାମନବମୀରେ ରାମକଥା ଅନୁଷ୍ଠିତ




ବାଲେଶ୍ୱର, ୨୭/୩ (ନି.ପ୍ର): ବାଲେଶ୍ୱର ଟାଉନ ଅନ୍ତର୍ଗତ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ପବିତ୍ର ଶ୍ରୀ ରାମ ନବମୀ ଉପଲକ୍ଷେ ଶ୍ରୀ ରାମ କଥା ଅନୁଷ୍ଠିତ ହୋଇ ଯାଇଛି। ସକାଳ ଆଠ ଟା ରେ ପୂଜା ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା । ସମାଜ ସେବୀ ଶ୍ରୀ ଯୁକ୍ତ ବୀରେନ୍ଦ୍ର କର ଓ ତାଙ୍କ ସହଧର୍ମିଣୀ ସଂକଳ୍ପ ପୂଜାରେ ବସିଥିଲେ । ଏଗାର ଘଟିକା ରେ ବାଲେଶ୍ୱର ଜିଲ୍ଲା ର ବିଶିଷ୍ଟ ପ୍ରବଚକ ପଣ୍ଡିତ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚନ ଦେଇଥିଲେ । ସେ ତାଙ୍କ ପ୍ରବଚନ ରେ ବୁଝାଇ ଥିଲେ ଯେ ପରିବାର ଓ ସମାଜ ରେ କେମିତି ମର୍ଯ୍ୟାଦା ର ସହ ଚଳିବା ଉଚିତ ତାହା ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ର ଙ୍କ ପାଖରୁ ଶିଖିବା ଉଚିତ। ପ୍ରବଚନ ପରେ ସମସ୍ତ ଭକ୍ତ ପ୍ରସାଦ ସେବନ କରିଥିଲେ । ଏହି ଧାର୍ମିକ କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ମିନତୀ ରାଣୀ ନାୟକ ଓ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ । ଶେଷରେ ଶ୍ରୀ ଯୁକ୍ତ ହରିଶ ଚନ୍ଦ୍ର ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida